CMYK

- Vol.- 46, Issue No. 182
- Thursday, 01 October 2026
- ଗୁରୁବାର, ୦୧ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## କ୍ୟାବିନେଟ୍ ଓ ସିସିଇଏ ବୈଠକ: ୬ ଫସଲର ଏମ୍ଏସ୍ପି ବୃଦ୍ଧି

# ଗହମ ଏମ୍ଏସ୍ପିରେ ୨୫ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ, ୩୦।୯: କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳ ୨୦୨୭-୨୮ ପାଇଁ ଗହମର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) କ୍ୱିଣ୍ଟାଲ ପିଛା ୨୫ ଟଙ୍କା ବୃଦ୍ଧିକୁ ଅନୁମୋଦନ କରିଛି। ଏହି ବୃଦ୍ଧି ପରେ ଗହମର ଏମଏସପି କ୍ୱିଣ୍ଟାଲ ପିଛା ୨,୬୧୦ ଟଙ୍କା ହୋଇଛି। ବିପଣନ ବର୍ଷ ୨୦୨୬-୨୭ରେ ଗହମର ଏମଏସପି ୨,୫୮୫ ଟଙ୍କା ପ୍ରତି କ୍ୱିଣ୍ଟାଲ ଥିଲା। କେନ୍ଦ୍ରୀୟ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଧବାର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ବିପଣନ ବର୍ଷ ୨୦୨୭-୨୮ ପାଇଁ ସମସ୍ତ ବାଧ୍ୟତାମୂଳକ ରବି ଫସଲର ଏମଏସପି ବୃଦ୍ଧିକୁ ଅନୁମୋଦନ କରିଛି। ସେ କହିଛନ୍ତି ଯେ, କୃଷକମାନଙ୍କୁ ସେମାନଙ୍କ ଉତ୍ପାଦର ଉତ୍ତମ ମୂଲ୍ୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାର ରବି ଫସଲଗୁଡ଼ିକର ଏମଏସପି ବୃଦ୍ଧି କରିଛନ୍ତି। ସରକାରଙ୍କ ଏହି ନିଷ୍ପତ୍ତି ଅନୁଯାୟୀ ଗହମ ବ୍ୟତୀତ ଅନ୍ୟ ପ୍ରମୁଖ ରବି ଫସଲର ସହାୟକ ମୂଲ୍ୟରେ ମଧ୍ୟ ବୃଦ୍ଧି କରାଯାଇଛି। ବୈଷ୍ଣବଙ୍କ ଅନୁଯାୟୀ, କୁସୁମର ଏମଏସପିରେ ସର୍ବାଧିକ କ୍ୱିଣ୍ଟାଲ ପିଛା ୬୭୫ ଟଙ୍କା ବୃଦ୍ଧି କରାଯାଇଛି। ଏହା ପରେ ରେପସିଡ୍ ଓ ସୋରିଷର ଏମଏସପିରେ କ୍ୱିଣ୍ଟାଲ ପିଛା ୪୧୩ ଟଙ୍କା ବୃଦ୍ଧି ହୋଇଛି। ମସୁରର ଏମଏସପିରେ କ୍ୱିଣ୍ଟାଲ ପିଛା ୩୯୦ ଟଙ୍କା, ଯଅରେ ୧୩୬ ଟଙ୍କା ଏବଂ ଚଣାରେ ୮୩ ଟଙ୍କା ବୃଦ୍ଧି କରାଯାଇଛି। ଗହମର ସହାୟକ ମୂଲ୍ୟରେ କ୍ୱିଣ୍ଟାଲ ପିଛା ୨୫ ଟଙ୍କା ବୃଦ୍ଧି ହୋଇଛି। ବୈଠକରେ ରବି ଫସଲ ପାଇଁ ୨୦୨୭-୨୮ ବର୍ଷରେ ଗହମ ସମେତ ୬ଟି ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ବୃଦ୍ଧି କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର କୃଷକମାନଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। ରାଜଧାନୀ ଦିଲ୍ଲୀରେ ଆଇଟିଏମଏସ ଲାଗୁ କରିବା ନେଇ କ୍ୟାବିନେଟ ମଞ୍ଜୁରୀ ମିଳିଛି। ଆର୍ଥିକ ବର୍ଷ ୨୦୨୭ରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ସବସିଡି ଜାରି ରଖିବା ପ୍ରସ୍ତାବ ପାସ ହୋଇଛି। ଏହା ବ୍ୟତୀତ ଗ୍ରୀନ ଏନର୍ଜି କରିଡର ପାଇଁ ଆର୍ଥିକ ବର୍ଷ ୨୦୨୭ ରୁ ୨୦୩୩ ପର୍ଯ୍ୟନ୍ତ ପ୍ରାୟ ୫୪,୦୦୦ କୋଟି ଟଙ୍କାର ଅନୁମୋଦନ ପ୍ରସ୍ତାବ ଉପରେ ମଧ୍ୟ ମୋହର ଲାଗିଛି। କ୍ୟାବିନେଟ 'ପିଏମ ଧାରା'କୁ ମଞ୍ଜୁରି ପ୍ରଦାନ କରିଛି।



- କ୍ୱିଣ୍ଟାଲ ପିଛା ୨,୬୧୦ ଟଙ୍କା ହେଲା ମୂଲ୍ୟ
- 'ପିଏମ ଧାରା'କୁ ମଞ୍ଜୁରି
- ଗ୍ରୀନ ଏନର୍ଜି କରିଡର ପ୍ରସ୍ତାବ ଉପରେ ମୋହର

## ଟ୍ରମ୍ପଙ୍କ ସହ ମୋଦିଙ୍କ ଆଲୋଚନା

# ଦ୍ୱିପାକ୍ଷିକ ସହଯୋଗ ଉପରେ ଗୁରୁତ୍ୱ

### ଶାନ୍ତି ପ୍ରତିଷ୍ଠା, ସୁରକ୍ଷାରେ କାମ କରିବା ପାଇଁ ସହମତ



ନୂଆଦିଲ୍ଲୀ,୩୦।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇଛନ୍ତି।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ ଏବଂ ମୁଁ 'ବ୍ୟାପକ ବିଶ୍ୱ ରଣନୀତିକ ସହଭାଗିତା'କୁ ଆଗକୁ ବଢ଼ାଇବା ପାଇଁ ଘନିଷ୍ଠ ଯୋଗାଯୋଗ ବଜାୟ ରଖିବାକୁ ରାଜି ହୋଇଛୁ । ଆମେ ଆଞ୍ଚଳିକ ଏବଂ ଅନ୍ତର୍ଜାତୀୟ ପ୍ରସଙ୍ଗ ଉପରେ ମଧ୍ୟ ମତ ଆଦାନପ୍ରଦାନ କରିଛୁ ।' ଉଭୟ ନେତା ବ୍ୟବସାୟ, ପ୍ରତିରକ୍ଷା, ଶକ୍ତି ଏବଂ କ୍ରିଟିକାଲ ଟେକ୍ନୋଲୋଜି ସମେତ ଦ୍ୱିପାକ୍ଷିକ ସହଯୋଗ ପ୍ରସଙ୍ଗରେ ସମୀକ୍ଷା କରିଛନ୍ତି। ଏଥି ସହିତ ଉଭୟ ନେତା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଏବଂ ସୁରକ୍ଷା ଦିଗରେ କାମ କରିବା ପାଇଁ ସହମତ ହୋଇଛନ୍ତି। ଏକ୍ସରେ ଏକ ପୋଷ୍ଟ୍ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଏକ ଫଳପ୍ରଦ କଥାବାର୍ତ୍ତା ହୋଇଛି। ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି, କ୍ରିଟିକାଲ୍ ଟେକ୍ନୋଲୋଜି ଏବଂ ଅନ୍ୟ କ୍ଷେତ୍ରରେ ଆମେ ଆମ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିଛୁ। ଆମେ ଆମ ବ୍ୟାପକ ବୈଶ୍ୱିକ ରଣନୀତିକ ସହଭାଗିତାକୁ ଆଗକୁ ନେବା ପାଇଁ ନିବିଡ଼ ଭାବେ କାମ ଜାରି ରଖିବା ପାଇଁ ରାଜି ଅଛୁ ବୋଲି ସେ କହିଛନ୍ତି। ମୋଦି ଓ ଟ୍ରମ୍ପ ମଧ୍ୟ ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ପ୍ରସଙ୍ଗରେ ସେମାନଙ୍କ ମତ ବିନିମୟ କରିଛନ୍ତି। ବୈଶ୍ୱିକ ଶାନ୍ତି ଓ ସୁରକ୍ଷା ପ୍ରସଙ୍ଗରେ ମଧ୍ୟ ସେମାନେ କଥାବାର୍ତ୍ତା କରିଛନ୍ତି।

## ଏସିଏଫ ସୌମ୍ୟ ମୃତ୍ୟୁ ମାମଲା

# ସୁପ୍ରିମକୋର୍ଟରୁ ଝଟକା ପାଇଲେ ବିଦ୍ୟାଭାରତୀ

### ଅକ୍ଟୋବର ୩୦ ସୁଦ୍ଧା ଏସଡିଜେଏମରେ ହାଜର ହେବେ



ଭୁବନେଶ୍ୱର,୩୦।୯: ବହୁଚର୍ଚ୍ଚିତ ଏସିଏଫ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଅଭିଯୁକ୍ତ ତଥା ସୌମ୍ୟରଞ୍ଜନଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଥିବା ବେଳେ ଅନ୍ୟପକ୍ଷେ ଅଭିଯୁକ୍ତ ରୋଷେୟା ମନ୍ମଥ କୁମ୍ଭଙ୍କୁ ପାରଳାଖେମୁଣ୍ଡି ପୁଲିସ ଗିରଫ କରିଛି। ସୂଚନା ଅନୁସାରେ, ବିଦ୍ୟାଭାରତୀ ପଣ୍ଡା ଓଡ଼ିଶା ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ବିରୋଧରେ ଚାଲିଥିବା ଅପରାଧିକ ମାମଲାକୁ ରଦ୍ଦ କରିବା ସହ ମାମଲାର ବିଚାର ଚାଲିଥିବା ସମୟରେ ଗିରଫଦାରିରୁ ସୁରକ୍ଷା ଦେବାକୁ ସେ ଆବେଦନ କରିଥିଲେ। ତେବେ ଏହି ଆବେଦନକୁ ସୁପ୍ରିମକୋର୍ଟ ବୁଧବାର ଖାରଜ କରିଛନ୍ତି।ଅଭିଯୁକ୍ତ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କୁ ହାଇକୋର୍ଟରୁ ଇତିମଧ୍ୟରେ ସାମୟିକ ଆଶ୍ୱସ୍ତି ମିଳିଛି। ପାରଳାଖେମୁଣ୍ଡି ଏସଡିଜେଏମ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବା ପାଇଁ ପୂର୍ବରୁ ଧାର୍ଯ୍ୟ ହୋଇଥିବା ସମୟସୀମାକୁ ହାଇକୋର୍ଟ ଅକ୍ଟୋବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

# ଫର୍ମ-୬ : ଏଣିକି ଲୋଡ଼ା ନାହିଁ ଅତିରିକ୍ତ ଘୋଷଣାପତ୍ର

ନୂଆଦିଲ୍ଲୀ,୩୦।୯: ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର)କୁ ବିବାଦ ଉପୁଜିଥିବା ବେଳେ ଏହାରି ମଧ୍ୟରେ ଏକ ବଡ଼ ନିଷ୍ପତ୍ତି ଗ୍ରହଣ କରିଛନ୍ତି ନିର୍ବାଚନ କମିଶନ। ଏଣିକି ଫର୍ମ-୬ ସହିତ ଅତିରିକ୍ତ ଘୋଷଣାପତ୍ରର ଆବଶ୍ୟକତା ନାହିଁ । ଫର୍ମ-୬ ସହ କୌଣସି ଆଇନ ପରିବର୍ତ୍ତନ କରାଯାଇନାହିଁ ବୋଲି ନିର୍ବାଚନ କମିଶନ ସ୍ପଷ୍ଟ କରିଛନ୍ତି । ଅର୍ଥାତ୍ ଆବେଦନକାରୀଙ୍କୁ ଫର୍ମ-୬ ସହିତ ଅତିରିକ୍ତ ଘୋଷଣା ପତ୍ର ଦେବାର ଆବଶ୍ୟକତା ନାହିଁ । ଏଣିକି ଆବେଦନକାରୀଙ୍କୁ କେବଳ 'ନିର୍ବାଚକ ପଞ୍ଜିକରଣ ନିୟମ, ୧୯୬୦' ଅନୁସାରେ ଫର୍ମ-୬ ପୂରଣ କରିବାକୁ ପଡିବ ।

# ବାଣ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ମନା: ସୁପ୍ରିମ କୋର୍ଟ

### ଦୀପାବଳି ଲୋକଙ୍କ ଭାବନା ସହ ଯୋଡ଼ି ହୋଇଛି

ନୂଆଦିଲ୍ଲୀ,୩୦।୯: ସୁପ୍ରିମ୍ କୋର୍ଟ ବୁଧବାର ସ୍ପଷ୍ଟ କରିଛନ୍ତି ଯେ ସାରା ଦେଶରେ ବାଣ ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଇବାର କୋର୍ଟଙ୍କ କୌଣସି ଉଦ୍ଦେଶ୍ୟ ନାହିଁ। କୋର୍ଟ କହିଛନ୍ତି



ଯେ ଦୀପାବଳି ପର୍ବ ଲୋକଙ୍କ ଭାବନା ସହ ଯୋଡ଼ିହୋଇ ରହିଛି ଏବଂ ଏହାକୁ ସମ୍ପୂର୍ଣ୍ଣ ଭାବେ ନଜରଅନ୍ଦାଜ କରାଯାଇ ପାରିବ ନାହିଁ। ଏହା ସହିତ କୋର୍ଟ କହିଛନ୍ତି ଯେ ବାଣ ଫୁଟାଇବା ପାଇଁ ୨୪ ଘଣ୍ଟାର ଅନୁମତି ମଧ୍ୟ ଦିଆଯାଇପାରିବ ନାହିଁ। ଲଗାତାର ବାଣ ଫୁଟିବା ଦ୍ୱାରା ରୋଗୀ, ବୃଦ୍ଧ ଏବଂ ଶିଶୁମାନଙ୍କ ଉପରେ ଏହାର ଖରାପ ପ୍ରଭାବ ପଡ଼ିପାରେ। କୋର୍ଟ କହିଛନ୍ତି ଯେ ସେ ବାଣର ପ୍ରକାର ଏବଂ ସେଗୁଡ଼ିକୁ ଫୁଟାଇବାର ସମୟସୀମା ଉପରେ ବିଚାର କରିବେ। କୋର୍ଟ ଏପରି ସନ୍ତୁଳନ ଉପରେ ଜୋର ଦେବାକୁ ଚାହୁଁଛନ୍ତି , ଯାହାଦ୍ୱାରା ପର୍ବ ପାଳନ କରିବାର ଲୋକଙ୍କ ଭାବନା ମଧ୍ୟ ବଜାୟ ରହୁ ଏବଂ ସ୍ୱାସ୍ଥ୍ୟ ସହ ଜଡ଼ିତ ଚିନ୍ତା ପ୍ରତି ମଧ୍ୟ ଧ୍ୟାନ ଦିଆଯାଇପାରୁ। ଏହି ମାମଲାରେ ସର୍ବୋଚ୍ଚ ଅଦାଲତ ଅକ୍ଟୋବର ୧୫ ରେ ପରବର୍ତ୍ତୀ ଶୁଣାଣି କରିବେ। ଦିଲ୍ଲୀ-ଏନ୍‌ସିଆର୍‌ରେ ବାଣ ଯୋଗୁଁ ହେଉଥିବା ପ୍ରଦୂଷଣକୁ ନେଇ ସର୍ବୋଚ୍ଚ ଅଦାଲତରେ ଶୁଣାଣି ହୋଇଥିଲା।

## ଇଣ୍ଡିଆ ବ୍ଲକ ବୈଠକରେ ଖଡ଼୍‌ଗେଙ୍କ ଦାବି

# ସିଇସି ଜ୍ଞାନେଶ କୁମାରଙ୍କୁ ହଟିବାକୁ ପଡ଼ିବ




- ଆମେ ଶେଷ ପର୍ଯ୍ୟନ୍ତ ଲଢ଼ିବୁ: ରାହୁଲ
- ବୈଠକରେ ୬ ଦାବି ଉପସ୍ଥାପିତ

ନୂଆଦିଲ୍ଲୀ,୩୦।୯: ବିରୋଧୀ ମେଣ୍ଟ, ଇଣ୍ଡିଆ ବ୍ଲକ, ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସମ୍ପର୍କିତ ଚାଲିଥିବା ବିବାଦ, ବିଶେଷକରି ଦେଶର ବିଭିନ୍ନ ରାଜ୍ୟରେ ଭୋଟରଙ୍କ ନାମ ବ୍ୟାପକ ଭାବେ ବାଦ୍ ଦେବା ବିରୋଧରେ ନିଜର ମତକୁ ମଜଭୁତ କରିବା ପାଇଁ ଦିଲ୍ଲୀର କନଷ୍ଟିଚ୍ୟୁସନ୍ କ୍ଲବରେ ବୈଠକ ଆୟୋଜନ କରିଥିଲା । ମୁଖ୍ୟ ନିର୍ବାଚନ କମିଶନର ଏବଂ ଦୁଇ ନିର୍ବାଚନ କମିଶନର, ସୁଖବୀର ସାନ୍ଧୁ ଏବଂ ବିବେକ ଯୋଶୀଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ବିବାଦର ରିପୋର୍ଟ ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଛି। ଇଣ୍ଡିଆ ବ୍ଲକର ଶୀର୍ଷ ନେତାମାନେ ଏସଆଇଆର୍‌ରେ ହୋଇଥିବା ଅନିୟମିତତା ବିରୁଦ୍ଧରେ ଏକ ମିଳିତ ଆନ୍ଦୋଳନ ପାଇଁ ଏକ କାର୍ଯ୍ୟ ଯୋଜନା ଚୂଡ଼ାନ୍ତ କରିବାକୁ ବୈଠକରେ ଯୋଗ ଦେଇଥିଲେ । ସିଇସି ଜ୍ଞାନେଶ କୁମାରଙ୍କୁ ହଟିବା ଉପରେ ଏଥିରେ ଖଡ଼୍‌ଗେ ଗୁରୁତ୍ୱ ଦେଇଥିଲେ। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଥିଲେ, ଏହି ଅଭିଯାନ ନେଇ ଆମେ ଶେଷ ପର୍ଯ୍ୟନ୍ତ ଲଢ଼ିବୁ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ଦଳର ପୂର୍ବତନ ମୁଖ୍ୟ ସୋନିଆ ଗାନ୍ଧି ଏବଂ ରାହୁଲ ଗାନ୍ଧି, ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ ଏବଂ କେ.ସି. ଭେଣୁଗୋପାଳ, ଟିଏମସିର ମମତା ବାନାର୍ଜୀ, ନ୍ୟାସନାଲ କନଫରେନ୍ସ ମୁଖ୍ୟ ଏବଂ ଜମ୍ମୁ- କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ସମାଜବାଦୀ ପାର୍ଟି, ଭଳି ୧୯ ଦଳର ଅନେକ ନେତା ଏଥିରେ ଏକାଠି ହୋଇଥିଲେ। ପ୍ରାରମ୍ଭିକ ବକ୍ତବ୍ୟରେ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଡଗେ ଭବିଷ୍ୟତ ନିର୍ବାଚନ ପାଇଁ ପୂର୍ବ ଏସଆଇଆର ଭୋଟର ତାଲିକା ବ୍ୟବହାର ଏବଂ ଇଭିଏମ ବଦଳରେ ବାଲଟ ଦ୍ୱାରା ଭୋଟ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । କାରଣ ସେ ଏକ ମିଳିତ କାର୍ଯ୍ୟ ଯୋଜନା ସହିତ ଇଣ୍ଡିଆ ବ୍ଲକ ମଧ୍ୟରେ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଖଡଗେ କହିଥିଲେ, 'ଯେତେବେଳେ ନାଗରିକଙ୍କ ମୌଳିକ ଗଣତାନ୍ତ୍ରିକ ଅଧିକାର ବିପଦରେ ଥାଏ, ଇଣ୍ଡିଆ ବ୍ଲକ୍ ର ସହଯୋଗୀ ଦଳଗୁଡ଼ିକୁ ଏକାଠି ଠିଆ ହେବାକୁ ପଡ଼ିବ ।' ଖଡଗେ ବୈଠକରେ ୬ଟି ଦାବି ଉପସ୍ଥାପନ କରିଥିଲେ। ତାହା ମଧ୍ୟରେ ରହିଛି,ଆଗାମୀ ନିର୍ବାଚନ ପାଇଁ ପୂର୍ବ ଏସଆଇଆର ଭୋଟର ତାଲିକା ବ୍ୟବହାର କରାଯିବା ଉଚିତ । ପ୍ରତ୍ୟେକ ଭୋଟର ତାଲିକା ସଂଶୋଧନରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ରହିବା ଉଚିତ । ଦ୍ୱିତୀୟରେତାଲିକାରୁ କୌଣସି ଯୋଗ୍ୟ ଭୋଟରଙ୍କୁ ବାଦ ଦେବା ପୂର୍ବରୁ ଉପଯୁକ୍ତ ସୂଚନା, କାରଣ ଏବଂ ଏକ ପ୍ରଭାବଶାଳୀ ଆବେଦନ ବ୍ୟବସ୍ଥା ପ୍ରଦାନ କରାଯିବା ଆବଶ୍ୟକ । ତୃତୀୟରେ ପ୍ରଶାସନିକ ତ୍ରୁଟି, ଅପର୍ଯ୍ୟାପ୍ତ ଡକ୍ୟୁମେଣ୍ଟେସନ୍ କିମ୍ବା ସୂଚନାର ଅଭାବ ଯୋଗୁଁ ଯୋଗ୍ୟ ଭୋଟରମାନଙ୍କୁ ବାଦ ଦେବାରୁ ରକ୍ଷା କରିବା । ଚତୁର୍ଥରେ ଇଭିଏମ ବଦଳରେ ବାଲଟ୍ ଦ୍ୱାରା ଭୋଟ୍ ଦେବା । ପଞ୍ଚମରେ ଯୁବ ନାଗରିକଙ୍କ ପାଇଁ ସହଜ ଭୋଟର ପଞ୍ଜୀକରଣ ବ୍ୟବସ୍ଥା । ପରିଶେଷରେ ସଂସ୍ଥାଗତ ଉତ୍ତରଦାୟିତ୍ୱ ଏବଂ ଏକ ନିର୍ବାଚନ କମିଶନ ଯାହା ଉପରେ ସମସ୍ତ ରାଜନୈତିକ ଦଳ ବିଶ୍ୱାସ କରିବେ ।

# ଆଜି ମହାନଦୀ 'ମହାବୈଠକ'

ଭୁବନେଶ୍ୱର,୩୦।୯: ମହାନଦୀ ଜଳ ବଣ୍ଟନକୁ ନେଇ ଦୀର୍ଘଦିନ ଧରି ଚାଲିଆସୁଥିବା ବିବାଦର ସମାଧାନ ପାଇଁ ଏକ ନୂତନ ପ୍ରୟାସ ସ୍ୱରୂପ, ଗୁରୁବାର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଓ ଛତିଶଗଡ଼ର ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହେବ। ଏହି ବୈଠକ ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଆଲୋଚନାକୁ ଆଗକୁ ବଢ଼ାଇବ ବୋଲି ଆଶା କରାଯାଉଛି । ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଏହି ବୈଠକ ଅନୁଷ୍ଠିତ ହେଉଥିବାରୁ ଏହାର ଗୁରୁତ୍ୱ ରହିଥିବା କୁହାଯାଇଛି।

# ହ୍ୱାଟସଅପ୍ : କିଶୋରଙ୍କ ପାଇଁ ଇଚ୍ଛାଧୀନ ଅଭିଭାବକ ନିୟନ୍ତ୍ରଣ

ନୂଆଦିଲ୍ଲୀ,୩୦।୯: ହ୍ୱାଟସଅପ୍ ବୁଧବାର କିଶୋରମାନଙ୍କ ପାଇଁ ଏକ ନୂତନ ଇଚ୍ଛାଧୀନ ଅଭିଭାବକ ନିୟନ୍ତ୍ରଣ ଘୋଷଣା କରିଛି । ପିତାମାତାଙ୍କୁ ମେସେଜିଂ ପ୍ଲାଟଫର୍ମରେ ସେମାନଙ୍କ କିଶୋରମାନଙ୍କ ଗୋପନୀୟତା ସେଟିଂସ୍, ଗୋଷ୍ଠୀ କାର୍ଯ୍ୟକଳାପ, ଚ୍ୟାନେଲ୍ ଏବଂ ମେଟା ଏଆଇ ଅଭିଜ୍ଞତା ଉପରେ ଅଧିକ ନିୟନ୍ତ୍ରଣ ପ୍ରଦାନ କରିବ ।କମ୍ପାନୀ କହିଛି ଯେ ନୂତନ ନିୟନ୍ତ୍ରଣଗୁଡ଼ିକ ପିତାମାତା ଏବଂ କିଶୋରମାନଙ୍କୁ ବ୍ୟକ୍ତିଗତ ବାର୍ତ୍ତାଳାପକୁ ସୁରକ୍ଷିତ ରଖିବା ସହିତ ସେମାନେ କିପରି ହ୍ୱାଟସଅପ ବ୍ୟବହାର କରିବାକୁ ଚାହାଁନ୍ତି ତାହା ଏକାଠି ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି। ନୂତନ ନିୟନ୍ତ୍ରଣ ଅନୁଯାୟୀ, ପିତାମାତାମାନେ ସେମାନଙ୍କ କିଶୋରମାନଙ୍କ ପାଇଁ ଗୋପନୀୟତା ସେଟିଂସ୍ ଚୟନ କରିପାରିବେ, ଯେଉଁଥିରେ କିଏ ସେମାନଙ୍କର ପ୍ରୋଫାଇଲ୍ ଫଟୋ ଦେଖିପାରିବେ ଏବଂ କିଏ ସେମାନଙ୍କୁ ଗୋଷ୍ଠୀରେ ଯୋଡିପାରିବେ। ଯଦି କିଶୋରମାନେ ଏହି ସେଟିଂଗୁଡ଼ିକ ମଧ୍ୟରୁ କୌଣସିଟିକୁ ଢିଲା କରିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ପିତାମାତା-ସେଟ୍ ପିନ୍ ମାଧ୍ୟମରେ ଅନୁମୋଦନ ଆବଶ୍ୟକ ହେବ।

# ଏସ୍‌ସିବିକୁ ନିଶାମୁକ୍ତି ଲାଗି ଯାଇଥିଲେ, ପାଇଲେ ମୃତ୍ୟୁ !

### ★ ପ୍ଲାଷ୍ଟିକ୍ ପାଇପରେ ପିଟିପିଟି ହତ୍ୟା ଅଭିଯୋଗ ★ ଶବବ୍ୟବଚ୍ଛେଦର ଭିଡିଓଗ୍ରାଫି ହୋଇଛି, ତଦନ୍ତ ଜାରି ରହିଛି: ଜୋନ ଏସିପି





କଟକ,୩୦।୯(ନିପ୍ର): କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍‌ପିଟାଲର ମାନସିକ ରୋଗ ବିଭାଗରେ ଜଣେ ରୋଗୀଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ମଙ୍ଗଳାବାଗ ଥାନାରେ ଅଭିଯୋଗ ହୋଇଛି। ମୃତକଙ୍କ ନାଁ ଶ୍ରୀକାନ୍ତ ଦାସ। ତାଙ୍କ ଘର ଯାଜପୁର ଜିଲ୍ଲାରେ। ମଙ୍ଗଳାବାଗ ଥାନାରେ ଏଥି ନେଇ ଅଭିଯୋଗ କରାଯିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି । ଶବବ୍ୟବଚ୍ଛେଦର ଭିଡିଓଗ୍ରାଫି କରାଯାଇଛି ଓ ତଦନ୍ତ ଜାରି ରହିଛି ବୋଲି ଜୋନ ଏସିପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ କହିଛନ୍ତି। ଶବବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ମୃତକ ଶ୍ରୀକାନ୍ତଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନଥିଲା। ତେଣୁ ସେ ଚିନ୍ତିତ ରହୁଥିଲେ। ବର୍ଷେ ହେଲାଣି ସେ ମଦ ପିଉଥିଲେ। ମଝିରେ ମଝିରେ ସେ ବାଉଳିଚାଉଳି ହେଉଥିଲେ। ଧୀରେ ଧୀରେ ଏହା ବଢ଼ିଥିଲା। ତାଙ୍କ ମାନସିକ ଅବସ୍ଥା ଭଲ ରହୁନଥିବାରୁ ପଡ଼ୋଶୀଙ୍କ ପରାମର୍ଶକ୍ରମେ ପରିବାର ଲୋକେ ତାଙ୍କୁ ସୋମବାର କଟକ ବଡ଼ ଡାକ୍ତରଖାନାର ମାନସିକ ରୋଗ ବିଭାଗକୁ ଆଣିଥିଲେ। ତାଙ୍କୁ ସେଠାରେ ଆଡ଼ମିଟ୍ କରାଯାଇଥିଲା। ଗତକାଲି ରାତି ୯ଟା ପର୍ଯ୍ୟନ୍ତ ସବୁ ଠିକ୍ ଥିଲା। କିନ୍ତୁ ରାତିରେ ହଠାତ୍ ସେ ଘରକୁ ପଳାଇବେ ବୋଲି କହିଥିଲେ। ସେ ଡାକ୍ତରଖାନାରେ ରହିବେ ନାହିଁ ବୋଲି କହିଥିଲେ। ତାଙ୍କୁ କେହି ଅଟକାଇ ପାରିବେ ନାହିଁ ବୋଲି କହିଥିଲେ। ଏହା ପରେ ସିକ୍ୟୁରିଟି ଗାର୍ଡ ଓ ଆଟେଣ୍ଡାଣ୍ଟମାନେ ତାଙ୍କୁ ନିର୍ଘୁମ ପିଟିଥିଲେ। ତାଙ୍କ ଶରୀର ସାରା ନୋଳା ବସାଇ ଦେଇଥିଲେ। ବେଡ୍‌ରେ ତାଙ୍କ ହାତ, ଗୋଡ଼ ବାନ୍ଧି ଦିଆଯାଇଥିଲା। ତାଙ୍କୁ ଇଞ୍ଜେକ୍ସନ ଦିଆଯାଇଥିଲା। କିନ୍ତୁ ରାତି ପ୍ରାୟ ସାଢ଼େ ୪ଟା ବେଳେ ତାଙ୍କୁ ମୃତ ଅବସ୍ଥାରେ ତାଙ୍କ ପରିବାର ଲୋକେ ପାଇଥିଲେ ବୋଲି କୁହାଯାଇଛି । ତାଙ୍କ ମୃତ୍ୟୁ ହୋଇଯାଇଥିବା କଥା ତାଙ୍କ ପରିବାର ଲୋକେ ପ୍ରଥମେ ଜାଣିଲେ। ତାଙ୍କ ଭାଇ ଭୋରରୁ ତାଙ୍କ ପାଖକୁ ଯାଇଥିବା ବେଳେ ଏହା ଜାଣିବାକୁ ପାଇଥିଲେ। ଶ୍ରୀକାନ୍ତଙ୍କ ସ୍ତ୍ରୀ ସସ୍ମିତା ଦାସ କହିଛନ୍ତି ଯେ ତାଙ୍କୁ ଭଲ କରିବାକୁ ଆମେ ଡାକ୍ତରଖାନାକୁ ଆଣିଥିଲୁ। କିନ୍ତୁ ସେ ଗୋଟିଏ ଦିନ ରହିବା ପରେ ତାଙ୍କୁ ପିଟି ପିଟି ମାରିଦେଲେ। ସିକ୍ୟୁରିଟି ଗାର୍ଡ ଓ ଡାକ୍ତରଖାନାର ଆଉ କିଛି କର୍ମଚାରୀ ମିଶି ତାଙ୍କୁ ପ୍ଲାଷ୍ଟିକ୍ ପାଇପରେ ପିଟି ଥିଲେ। ହାତ, ଗୋଡ଼, ଜଂଘ, ପିଠି- କେଉଁଠି ବି ଜାଗା ନ ଥିଲା। ତାଙ୍କ ଦେହ ସାରା ମୋଟା ମୋଟା ନୋଳା ପଡ଼ିଛି। ତାଙ୍କ କାନମୁଣ୍ଡାକୁ ବି ମାରିଥିଲେ। କାନମୁଣ୍ଡାରେ କ୍ଷତ ଅଛି। ଏତେ ପିଟିଲେ କିଏ ବଞ୍ଚିବ। ସସ୍ମିତା କହିଛନ୍ତି, ଗତକାଲି ସନ୍ଧ୍ୟାରୁ ରାତି ୯ଟା ପର୍ଯ୍ୟନ୍ତ ସେ (ଶ୍ରୀକାନ୍ତ ଦାସ) ଶୋଇଥିଲେ। ସେ କିଛି ଅସୁବିଧା କରି ନଥିଲେ। ରାତି ୯ଟା ବେଳକୁ ସେ ଘରକୁ ଯିବା ପାଇଁ ଜିଦ୍ ଧରିଥିଲେ। ସିକ୍ୟୁରିଟି ଗାର୍ଡ ତାଙ୍କୁ କହିଥିଲେ, ତୁମେ କୁଆଡ଼େ ଯାଇପାରିବ ନାହିଁ। କିନ୍ତୁ ସେ ପଳେଇବେ ବୋଲି କହିଥିଲେ। କିଏ ତାଙ୍କର କ'ଣ କରିବେ ବୋଲି ସେ କହିଥିଲେ। ସିକ୍ୟୁରିଟି ଗାର୍ଡ ତାଙ୍କୁ ପିଟିବେ ବୋଲି କହିଥିଲେ। କେମିତି ପିଟିବ ବୋଲି ସେ କହିଥିଲେ। ଏହା ପରେ ତାଙ୍କୁ ଗୋରୁଗାଈ ଭଳି ବାଡ଼େଇ ଥିଲେ ସିକ୍ୟୁରିଟି ଗାର୍ଡ ଓ ଅନ୍ୟ କିଛି କର୍ମଚାରୀ। ୪/୫ ଜଣ ମିଶି ତାଙ୍କୁ ପିଟିଥିଲେ। ବିନୋଦ ବିହାରୀ ଦାସ କହିଛନ୍ତି ଯେ ତାଙ୍କ ଭାଇ ଶ୍ରୀକାନ୍ତ ଦାସ ପ୍ରଥମ ମହଲାରୁ ତଳ ମହଲାକୁ ଚାଲି ଆସିଥିଲେ। ସେଠାରେ ଏକ ବାଥ୍ ରୁମ୍‌ରେ ପଶିଯାଇଥିଲେ। ସେ ଡାକ୍ତରଖାନାରେ ରହିବାକୁ ଚାହୁଁ ନ ଥିଲେ। ଆମ ଗାଁର ଜଣେ ପିଲା ଡାକିବାରୁ ସେ ବାହାରକୁ ଆସିଥିଲେ। କିନ୍ତୁ ସିକ୍ୟୁରିଟି ଗାର୍ଡ ଓ ଡାକ୍ତରଖାନାର କିଛି କର୍ମଚାରୀ ତାଙ୍କୁ ନିସ୍ତୁକ ପିଟି ପ୍ରଥମ ମହଲାକୁ ନେଇଥିଲେ। ସେ (ବିନୋଦ ବିହାରୀ ଦାସ) ଅନୁରୋଧ କରିବା ସତ୍ତ୍ୱେ ତାଙ୍କ ଭାଇଙ୍କୁ ସେମାନେ ପିଟିଥିଲେ। ପରବର୍ତ୍ତୀ ସମୟରେ ତାଙ୍କୁ ଇଞ୍ଜେକ୍ସନ ଦିଆଯାଇଥିଲା। ରାତିରେ ସେ ଶୋଇଥିଲେ। ଭୋର ସାଢ଼େ ୪ଟା ବେଳେ ସେ ତାଙ୍କ ଭାଇଙ୍କୁ ଦେଖିବାକୁ ଯାଇଥିଲେ। କିନ୍ତୁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା।


CMYK

# ମା’ ନବ ଦୁର୍ଗା ନମସ୍ତୁତେ



ଯୋଗମାୟା ମହାଶକ୍ତି ପରମ ବୈଷ୍ଣବୀ ମହାଦୁର୍ଗା ଭକ୍ତକୁ ସବୁବେଳେ ମନ ବାଂଛିତ ଫଳ ଦେଇଥାନ୍ତି। ତାକଂରି କୃପାରେ ସୃଷ୍ଟିର ସ୍ଥିତି ସଂତୁଳିତ ହୋଇ ରହିଛି। ଉପାସକକୁ ଦେଇଥାନ୍ତି ପରମ ଆନନ୍ଦ।

ସର୍ବ ମଂଗଳ ମାଂଗଲ୍ୟେ, ଶିବ ସର୍ବାର୍ଥ ସାଧିକେ।
ଶରଣ ତ୍ରୟମ୍ବକେ ଗୌରୀ ନାରାୟଣୀ ନମସ୍ତୁତେ।

ନବରାତ୍ର ପୂଜାରେ ଭକ୍ତ ନିଷ୍ଠାର ସହିତ ମାଆକଂ ଆରାଧନା କରିଥାଏ। ପ୍ରଥମ ଦିନ ଶୈଳ ପୁତ୍ରୀକୁଂ ଢାଳିଦିଏ ନିବେଦନର ଅର୍ଘ୍ୟ।

**ବନ୍ଦେ ବାଂଛିତ ଲାଭାୟ**
**ଚଂନ୍ଦାର୍ଧକୃତଶେଖରାଂ**
**ବୃଷାରୁଢାଂ ଶୂଳଧରାଂଶୈଳପୁତ୍ରୀ**
**ଯଶସ୍ୱିନୀମ୍**

ତତ୍‌ପ୍ରାନ୍ତ ଦୁର୍ଗାଙ୍କର ଦ୍ୱିତୀଯ ସ୍ୱରୂପ ପୂଜା କରାଯାଏ। କରଅଞ୍ଜଳି ପ୍ରସାରଣ କରି ମା ବ୍ରହ୍ମଚାରିଣୀକୁଂ ନୈବେଦ୍ୟ କରେ ଭକ୍ତ।

ଦଧାନା କରପଦ୍ମାଭ୍ୟାମକ୍ଷମାଳା
କମଣ୍ଡଲୁ।
ଦେବି ପ୍ରସୀଦତୁ ମୟୀ
ବ୍ରହ୍ମଚୀରିଣ୍ୟନୁତ୍ତମା



# ଷଷ୍ଠୀ ଶ୍ରାଦ୍ଧ



ପିତୃପକ୍ଷ ବା ମହାଳୟ ପକ୍ଷ ସମୟରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଉଥିବା ଏକ ପବିତ୍ର ରୀତିନୀତି। ଯେଉଁ ପିତୃପୁରୁଷ ବା ପୂର୍ବପୁରୁଷମାନେ ଶୁକ୍ଳ ବା କୃଷ୍ଣ ପକ୍ଷର ଷଷ୍ଠୀ ତିଥିରେ ମୃତ୍ୟୁବରଣ କରିଥାନ୍ତି, ସେମାନଙ୍କ ଆତ୍ମାର ସଦ୍‌ଗତି ଓ ସନ୍ତୁଷ୍ଟି ପାଇଁ ଏହି ଶ୍ରାଦ୍ଧ କରାଯାଏ।

ଚଳିତ ୨୦୨୬ ମସିହା ପିତୃପକ୍ଷରେ, ଷଷ୍ଠୀ ଶ୍ରାଦ୍ଧ ଅକ୍ଟୋବର ୧, ଗୁରୁବାର ଦିନ ପଡୁଛି।

## ଓଡ଼ିଆ ପରମ୍ପରାରେ ଶ୍ରାଦ୍ଧ ବିଧି:

ଓଡ଼ିଆ ଘରର ପରମ୍ପରା ଅନୁଯାୟୀ, ଘରର କର୍ତ୍ତା ଶୁଦ୍ଧପୂତ ହୋଇ ଦକ୍ଷିଣ ଦିଗକୁ ମୁହଁ କରି ଏହି ପୂଜା ସମ୍ପନ୍ନ କରନ୍ତି:

ସଙ୍କଳ୍ପ: ପିତୃପୁରୁଷଙ୍କ ନାମ, ଗୋତ୍ର ଏବଂ ତିଥି ଉଚ୍ଚାରଣ କରି ସଙ୍କଳ୍ପ କରାଯାଏ।

**ତର୍ପଣ:** ତମ୍ବା ପାତ୍ରରେ ଜଳ, କଳାତିଳ, କୁଶ ଏବଂ ଯଅ ମିଶାଇ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ ଅର୍ପଣ କରାଯାଏ।

**ପିଣ୍ଡ ଦାନ:** ଅରୁଆ ଅନ୍ନ, କଳାତିଳ ଓ ଘିଅକୁ ମିଶାଇ ପ୍ରସ୍ତୁତ କରାଯାଇଥିବା 'ପିଣ୍ଡ'କୁ କଦଳୀ ପତ୍ର କିମ୍ବା ବରଗଛ ପତ୍ର ଉପରେ ରଖି ଦାନ କରାଯାଏ।

**ବ୍ରାହ୍ମଣ ଭୋଜନ ଓ ଦାନ:** ଶ୍ରାଦ୍ଧ ଶେଷରେ ବ୍ରାହ୍ମଣଙ୍କୁ ସାତ୍ତ୍ୱିକ ଅନ୍ନ (ବିନା ପିଆଜ-ରସୁଣରେ ପ୍ରସ୍ତୁତ ଅନ୍ନ, ଡାଲମା, ଶାଗ, ଏବଂ ପାୟସ) ଭୋଜନ କରାଇ ଦକ୍ଷିଣା ଦିଆଯାଏ। ଏହା ସହିତ କାଉ (ବାୟସ) ଏବଂ ଗୋମାତାଙ୍କୁ ମଧ୍ୟ ଅନ୍ନ ପ୍ରଦାନ କରାଯାଏ।





# 'ରାମ, ଲକ୍ଷ୍ମଣ, ଶତ୍ରୁଘ୍ନ/ଭରତ ତୁଲେ ଚାରି ଜଣ'

ବ୍ୟାସଦେବକୃତ ସଂସ୍କୃତ ଶ୍ରୀମଦ୍ ଭାଗବତର ନବମ ସ୍କନ୍ଧ, ଦଶମ ଅଧ୍ୟାୟରେ ଶ୍ରୀରାମଚରିତ ବର୍ଣ୍ଣିତ ହୋଇଛଇ। ଏହା ରଘୁବଂଶର ବୃତ୍ତାନ୍ତ। କାରଣ ଶ୍ରୀରାମଙ୍କର ଜନ୍ମ ବିଖ୍ୟାତ ରଘୁବଂଶରେ। ଶ୍ରୀ ଶୁକଦେବ ରାଜା ପରିକ୍ଷିତଙ୍କୁ ଏହି ବୃତ୍ତାନ୍ତ କହିଛନ୍ତି। ତାଙ୍କ ଅନୁସାରେ ଖଟ୍ୱାଙ୍ଗଙ୍କର ପୁତ୍ର ଦୀର୍ଘବାହୁ, ଦୀର୍ଘବାହୁଙ୍କ ପୁତ୍ର ରଘୁ, ରଘୁଙ୍କ ପୁତ୍ର ଅଜ ଏବଂ ଅଜଙ୍କ ପୁତ୍ର ଦଶରଥ। ଏହି ଅଯୋଧ୍ୟାର ରାଜା ଦଶରଥଙ୍କର ପୁତ୍ର ହେଉଛନ୍ତି ଶ୍ରୀରାମ।

ନବମ ସ୍କନ୍ଧ, ଦଶମ ଅଧ୍ୟାୟର ପ୍ରଥମ ଶ୍ଲୋକରେ ଅତି ସଂକ୍ଷେପରେ ଏହି ବଂଶ ବୃତ୍ତାନ୍ତ କହିବା ପରେ, ଦ୍ୱିତୀୟ ଶ୍ଲୋକରେ ଶୁକମୁନି ରାଜା ପରିକ୍ଷିତଙ୍କୁ କହିଛନ୍ତି - 'ଦେବତାଙ୍କର ପ୍ରାର୍ଥନା ଫଳରେ ଭଗବାନ ପୂର୍ଣ୍ଣ ବ୍ରହ୍ମସ୍ୱରୂପ ଶ୍ରୀହରି ନିଜର ଅଂଶାଂଶରେ ଚାରିଟି ରୂପ ଧାରଣ କରି ଦଶରଥଙ୍କର ପୁତ୍ର ରୂପେ ଜନ୍ମକ ଗ୍ରହଣ କଲେ। ଏହି ଚାରିଅଂଶ ହେଲେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ।'

ଅତିବଡ଼ି ଜଗନ୍ନାଥ ଦାସ ସୁନ୍ଦର ଓ ସରଳ ନବାକ୍ଷରୀ ଓଡ଼ିଆରେ ବ୍ୟାସଦେବକୃତ ଏହି ସଂସ୍କୃତ ଶ୍ରୀମଦଭାଗବତର ଅନୁସର୍ଜନା କରିଛନ୍ତି। ଏହା ଓଡ଼ିଆ ଭାଗବତ ଭାବରେ ଅତ୍ୟନ୍ତ ଲୋକପ୍ରିୟ। ଏଥିରେ ରାମ, ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନ ଚାରିଭାଇଙ୍କୁ ଚତୁର୍ଦ୍ଧା ରୂପ ବୋଲି ବର୍ଣ୍ଣନା କରାଯାଇଛି। ଜଗନ୍ନାଥ ଦାସ କହିଛନ୍ତି - ଦେବତାମାନଙ୍କର କାର୍ଯ୍ୟ ନିମନ୍ତେ ଦଶରଥଙ୍କ ଘରେ ସେହି ହରି ଦଶରଥଙ୍କର ସନ୍ତାନ ଭାବରେ ଚତୁର୍ଦ୍ଧା ରୂପରେ ଜନ୍ମ ଗ୍ରହଣ କଲେ। ସେହି ଚତୁର୍ଦ୍ଧାରୂ ହେଉଛି 'ରାମ, ଲକ୍ଷ୍ମଣ, ଶତ୍ରୁଘ୍ନ / ଭରତ ତୁଲେ ଚାରି ଜଣ।' ଶ୍ରୀମଦ୍ ଭାଗବତ୍ ଯେଉଁଥିରେ ଅଠର ହଜାର ଶ୍ଲୋକ ରହିଅଛି ।

ଭଗବାନଙ୍କ ଦ୍ୱାରା ଏହା ରଚିତ ହୋଇଥିବାରୁ ଏହାର ଭାଗବତ କୁହାଯାଏ । ଭାଗବତର ତତ୍ତ୍ୱ ବିଶେଷଭାବେ ଶରୀର ତତ୍ତ୍ୱ, ଜନସଚେତନତା ଏବଂ ସମାଜମଙ୍ଗଳ ଉଦ୍ଦିଷ୍ଟ । ବ୍ୟାସକୃତ ସଂସ୍କୃତ ଭାଗବତରେ ଶୁକମୁନି ରାଜା ପରୀକ୍ଷିତଙ୍କୁ କାହାଣୀ କହିବା ମାଧ୍ୟମରେ ବହୁ ଉପଦେଶ, ପରାମର୍ଶ ଦେଇଛନ୍ତି । ଯାହା ଅତ୍ୟନ୍ତ ସୁନ୍ଦର ଏବଂ ହୃଦୟସ୍ପର୍ଶୀ । ସଂସାରର ରୀତିନୀତି, ଚାଲିଚଳଣି, ଆଦବକାଇଦା ଆଦି ଏଥିରେ ସ୍ୱତନ୍ତ୍ର ଭାବେ ଉଦାହରଣ ମାଧ୍ୟମରେ ରଚନା କରାଯାଇଛି । ବ୍ୟାସଦେବ ସଂସ୍କୃତ ଭାଷାରେ ରଚନା କରିଥିବାରୁ ଓଡ଼ିଆ ଭାଷାଭାଷୀଙ୍କ ପକ୍ଷରେ ତାହା ଆବୃ□ ହୋଇପାରିନଥିଲା । ପଞ୍ଚସଖା ଯୁଗର ପଣ୍ଡିତ କବି ମହାପୁରୁଷ ଜଗନ୍ନାଥ ଦାସ ଓଡ଼ିଆ ଭାଷାରେ ନବାକ୍ଷରୀ ଛନ୍ଦରେ ଅନୁବାଦ କରି ଅମର ହୋଇ ରହିଯାଇଛନ୍ତି ।

*-ଡାକ୍ତର ଦିଲ୍ଲୀପ କୁମାର ମହାରଣା*
*ଶିଖରପୁର ଉପରସାହି, କଟକ*

# ପିତୃପୁରୁଷଙ୍କ ଆଶୀର୍ବାଦ ପାଇବେ କେମିତି ?

ପିତୃପୁରୁଷଙ୍କୁ ପିଣ୍ଡଦାନ,ତର୍ପଣ ତଥା ଶ୍ରାଦ୍ଧ ଜରିଆରେ ସନ୍ତୁଷ୍ଟ କରାଯାଏ । ପିତୃପୁରୁଷ ସନ୍ତୁଷ୍ଟ ହେଲେ ସେମାନଙ୍କର ଆଶୀର୍ବାଦରୁ ଘରେ ସୁଖଶାନ୍ତି ବଜାୟ ରହିବା ସହ ସମୃଦ୍ଧି ଆସିଥାଏ । ୨୬ତାରିଖରୁ ଆରମ୍ଭ ହୋଇଥିବା ୧୫ଦିନିଆ ପିତୃପକ୍ଷ ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିବାର ସର୍ବୋତ୍ତମ ସମୟ । ଶ୍ରାଦ୍ଧ,ତର୍ପଣ କରିବା ସହିତ ଘରେ ଉପଯୁକ୍ତ ପରିବେଶ ମଧ୍ୟ ବଜାୟ ରଖିବା ଦରକାର । ସକାରତ୍ମକ ପରିବେଶଯୁକ୍ତ ଘରକୁ ପିତୃପୁରୁଷଙ୍କ ଆଗମନ ଶୁଭଙ୍କର ହୋଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ପିତୃପକ୍ଷ ସମୟରେ ଘର ଏବଂ ଏହାର ଚାରିପାର୍ଶ୍ୱ ନିଶ୍ଚିତ ସଫାସୁତୁରା ରଖିବା ଦରକାର । ଘରେ ଅଦରକାରୀ ଜିନିଷ ପଡ଼ି ରହିଥିଲେ,ତାହା ଘରର ଉନ୍ନତିରେ ବାଧା ସୃଷ୍ଟି କରିଥାଏ । ପିତୃପକ୍ଷ ଆରମ୍ଭରୁ ଏସବୁ ହଟାଇ ଦିଅନ୍ତୁ । ଘରେ ଭଙ୍ଗାମୂର୍ତ୍ତି ପୂଜା କଲେ ପୂଜାର ପୂର୍ଣ୍ଣତା ମିଳିନଥାଏ ଏବଂ ଘରେ କଳିତକରାଳ ବଢ଼ିଥାଏ । ପିତୃପକ୍ଷ କାଳରେ ଘରୁ ଭଙ୍ଗାମୂର୍ତ୍ତି ବାହାର କରି ନଦୀ ଜଳରେ ବିସର୍ଜନ କରିଦେବା ଭଲ । ଘରେ ପଡ଼ିଥିବା ଘଣ୍ଟାକୁ ତୁରନ୍ତ ସଜାଡ଼ି ପୁଣି ଚାଲୁ କରିବା ଦରକାର । ଯଦି ଠିକ୍ ନହୋଇପାରୁଛି, ଭଙ୍ଗା ଘଣ୍ଟାକୁ ଘରୁ ହଟାଇଦେବା ଉଚିତ ।



# କେହି ମୋର ଏକାକୀପଣକୁ ଦେଖିନାହାନ୍ତି

କୃଷ୍ଣ କହିଲେ,ସମସ୍ତେ ମୋର ଚମତ୍କାରିତା ଦେଖିଛନ୍ତି କିନ୍ତୁ କେହି ମୋର ଅସହାୟତାକୁ ଦେଖି ନାହାନ୍ତି । ଦ୍ୱାରକାରେ ରାତି ଗଭୀର ଥିଲା । କିନ୍ତୁ କୃଷ୍ଣ ଆଜି ଆହୁରି ଗମ୍ଭୀର ଥିଲେ । ଇଏ ସେହି କୃଷ୍ଣ ଥିଲେ ଯାହାର ଗୋଟିଏ ହସରେ ପୂରା ବ୍ରହ୍ମାଣ୍ଡ ନଇଁ ଯାଉଥିଲା । କିନ୍ତୁ ଆଜି ତାଙ୍କର ଆଖିରେ ଗୋଟିଏ ନୂଆ ଅନ୍ଧାର ଜନ୍ମ ନେଇଥିଲା । ଅର୍ଜୁନ ଆସିଲେ..ମାଧବ କ'ଣ ହେଲା ?



କୃଷ୍ଣ ପ୍ରଥମ ଥର ଥକି ପଡିଥିବା ମଣିଷ ଭଳି ଦେଖା ଯାଉଥିଲେ..ଭଗବାନଙ୍କ ପରି ନୁହେଁ । ସେ କହିଲେ,ସମସ୍ତେ ମୋର ଚମତ୍କାରିତା ଦେଖିଛନ୍ତି କିନ୍ତୁ କେହି ମୋର ଏକାକୀପଣକୁ ଦେଖି ନାହାନ୍ତି । ଯେତେବେଳେ ମୁଁ ଗୋବର୍ଦ୍ଧନ ପର୍ବତକୁ ଉଠେଇଲି,ସମସ୍ତେ ଖୁସି ଥିଲେ ଯେ ବର୍ଷା ଅଟକି ଗଲା..କିନ୍ତୁ କେହି ପଚାରିଲେନି , ମୋର ହାତ ସେତେବେଳେ କେତେ ଜୋର୍‌ରେ କମ୍ପନ ହେଉଥିଲା । ଯେତେବେଳେ ମୁଁ ଗୀତା ଶୁଣଉଥିଲି ସମସ୍ତଙ୍କୁ,ସମସ୍ତେ କହୁଥିଲେ..ଦେଖ ! ସାକ୍ଷାତ୍ ଭଗବାନ କହୁଛନ୍ତି,କିନ୍ତୁ ମୁଁ ଭିତରେ ଡରୁଥିଲି ଯେ ,ମୋର ସଖା ଯେମିତି ଭାଙ୍ଗି ନ ଯାଉ । ପ୍ରତ୍ୟେକ ଯୁଗରେ ମୁଁ ସମସ୍ତଙ୍କୁ ବଞ୍ଚେଇଲି,କିନ୍ତୁ ଯେତେବେଳେ ମୁଁ କାନ୍ଦିଲି,କେହି ମୋର ପାଖକୁ ଆସିଲେ ନାହିଁ । ସମସ୍ତେ ମୋର ଆରତି କରିଥାନ୍ତି କିନ୍ତୁ କେହି ମୋର ଥକ୍କାପଣକୁ ଦେଖିଲେ ନାହିଁ । ଆରତିରେ ତ ବହୁତ ଘିଅ ଅଛି,କିନ୍ତୁ ମୋର କାନ୍ଧ ଉପରେ ହାତ ରଖିବାବାଲା କେହିନାହାନ୍ତି । ତୁମକୁ ଜଣାଅଛି ଅର୍ଜୁନ ? କୃଷ୍ଣ ଧୀର ସ୍ୱରରେ କହିଲେ,'ଦୁନିଆ ଭଗବାନଙ୍କୁ ନୁହେଁ,ତାଙ୍କର ଚମତ୍କାରିତାକୁ ପ୍ରେମ କରିଥାନ୍ତି' । ଅର୍ଜୁନ ଏହା ଶୁଣିଲେ କିନ୍ତୁ କିଛି କହି ପାରିଲେ ନାହିଁ । କୃଷ୍ଣ ଆହୁରି ତଳକୁ ଅନେଇ କରି କହିଲେ,'ମୁଁ ସମସ୍ତଙ୍କୁ ଦେଲି,କିନ୍ତୁ କେହି ମୋତେ ଅନୁଭବ କଲେ ନାହିଁ । ସମସ୍ତେ ମୋର ଶକ୍ତିକୁ ମାଗିଥାନ୍ତି,କିନ୍ତୁ କିଏ ମୋର ମୌନତାକୁ ଶୁଣେ ନାହିଁ'। ତା'ପରେ କୃଷ୍ଣ ହଠାତ୍ ଚୁପ୍ ହେଇଗଲେ ଆଉ ନିଜର ବଇଁଶୀକୁ ଉଠେଇଲେ ଆଉ ତାଙ୍କ ଓଠ ପାଖକୁ ଆଣିଲେ.. ପୁଣି ଥରେ ନେଇ ତଳେ ରଖିଦେଲେ । କାହିଁକି..ଆଜି ବଇଁଶୀ ମଧ୍ୟ ତାଙ୍କର କଷ୍ଟରେ ଡରି ଯାଇଥିଲା । କୃଷ୍ଣଙ୍କ ଆଖି ଲୁହରେ ଭରି ଯାଇଥିଲା ଆଉ ସିଏ କହିଲେ,'ହେ ଅର୍ଜୁନ ! ..ମୁଁ ଭଗବାନ ହେବାକୁ ଚାହୁଁ ନଥିଲି ! ମୁଁ ବାସ୍ କାହାର କାହ୍ନା ହୋଇକରି ଜୀଇଁବା ଚାହୁଁଥିଲି' । ଏହା କହିବା ପରେ ତାଙ୍କର ଶବ୍ଦ ସ୍ରୋତ ଭାଙ୍ଗିଗଲା.. । 'ଭଗବାନ ସବୁଠୁ ବଡ଼ ଦୟାଳୁ ଅଟନ୍ତି,କିନ୍ତୁ ସବୁଠୁ ବେଶି ଏକାକୀପଣ ମଧ୍ୟ ତାଙ୍କଠାରେ ଅଛି' ।

# ଶଙ୍ଖ ଫୁଙ୍କିବାର ମହତ୍ତ୍ୱ



ଶଙ୍ଖ ଆମ ସଂସ୍କୃତି, ଏବଂ ପୂଜା, ପ୍ରାର୍ଥନାର ପ୍ରତୀକ। ଶଙ୍ଖ ସବୁ ଶୁଭକାମରେ ବାଜେ। ଶଙ୍ଖନାଦରୁ ହିଁ ସବୁ ପୁଣ୍ୟ କାମ ଆରମ୍ଭ ହୁଏ । ହେଲେ ଆପଣ ଜାଣନ୍ତି କି ସେହି ଶଙ୍ଖନାଦ ହିଁ ଆମ ଶରୀରକୁ ସୁସ୍ଥ ରଖେ । ଶଙ୍ଖ ବଜାଇବା ଦ୍ୱାରା ମଣିଷ ସୁସ୍ଥ ରୁହେ। ଭାରତରେ, ପୂଜା ସମୟରେ ଶଙ୍ଖ ଫୁଙ୍କିବାର ବିଶ୍ୱାସ ଅଛି ଏବଂ ଲୋକମାନେ ସାଧାରଣ ଦିନରେ ମଧ୍ୟ ନିଜ ଘରେ ପୂଜା ସମୟରେ ଏହାକୁ ବ୍ୟବହାର କରନ୍ତି । ବର୍ତ୍ତମାନ ଏକ ଗବେଷଣାରୁ ଜଣାପଡିଛି ଯେ ଶଙ୍ଖ ଫୁଙ୍କିବା ଦ୍ୱାରା ଅବଷ୍ଟ୍ରକ୍ଟିଭ୍ ସ୍ଲିପ୍ ଆପ୍ନିଆ ବା ନିଦ୍ରାଜନିତ ସମସ୍ୟା ଦେଖାଯିବାର ଆଶଙ୍କା ବହୁ ପରିମାଣରେ ହ୍ରାସ ପାଇପାରେ । ଜାଣନ୍ତୁ ଶଙ୍ଖ ଫୁଙ୍କିବା ଦ୍ୱାରା କିପରି ମିଳେ ନିଦ୍ରାହିନତାରୁ ମୁକ୍ତି, ଶରୀରକୁ ମିଳେ କେଉଁ ଫାଇଦା ।

ଶଙ୍ଖ ଫୁଙ୍କନ୍ତୁ, ସୁସ୍ଥ ରୁହନ୍ତୁ...

- ଅବଷ୍ଟ୍ରକ୍ଟିଭ୍ ସ୍ଲିପ୍ ଆପ୍ନିଆ କିମ୍ବା ସ୍ଲିପ୍ ଆପ୍ନିଆ ଏକ ଗମ୍ଭୀର ନିଦ ସମ୍ବନ୍ଧୀୟ ସମସ୍ୟା ଯେଉଁଥିରେ ଶୋଇବା ସମୟରେ ଜଣେ ବ୍ୟକ୍ତିଙ୍କ ନିଶ୍ୱାସ ବାରମ୍ବାର ବନ୍ଦ ହୋଇଯାଏ।
- ଏହି ବାଧା କିଛି ସେକେଣ୍ଡରୁ ଏକ ମିନିଟ୍ ପର୍ଯ୍ୟନ୍ତ ରହିପାରେ
- ଓଏସଏ ଦ୍ୱାରା ପ୍ରଭାବିତ ବ୍ୟକ୍ତି ଦିନରେ କ୍ଳାନ୍ତ ଅନୁଭବ କରନ୍ତି
- ସମଗ୍ର ଜୀବନଶୈଳୀକୁ ଏହି ରୋଗ ପ୍ରଭାବିତ କରିଥାଏ
- ଗବେଷଣାରୁ ସାମ୍ନାକୁ ଆସିଲା ଖୁସିଖବର
- ଶଙ୍ଖ ଫୁଙ୍କିବା ଦ୍ୱାରା ସ୍ଲିପ୍ ଆପ୍ନିଆ ରୋଗୀଙ୍କୁ ମିଳିବ ଆରାମ
- ଏହାଦ୍ୱାରା ନିଦ୍ରା ଗୁଣବତ୍ତା ମଧ୍ୟ ଉନ୍ନତ ହୋଇପାରିବ
- ଶଙ୍ଖ ଫୁଙ୍କିବା ଏକ ପ୍ରାଚୀନ ଯୋଗିକ ଅଭ୍ୟାସ
- ଏହି ପ୍ରକ୍ରିୟାରେ ବ୍ୟକ୍ତି ଗଭୀର ନିଶ୍ୱାସ ନିଅନ୍ତି
- ସମସ୍ତ ଶକ୍ତି ସହିତ ମୁଖକୁ ସଙ୍କୁଚିତ କରି ଶଙ୍ଖରେ ବାୟୁ ନିଃଶ୍ୱାସ ନିଅନ୍ତି
- ଏହା ଶକ୍ତିଶାଳୀ କମ୍ପନ ଏବଂ ବାୟୁ ପ୍ରତିରୋଧ ସୃଷ୍ଟି କରେ
- ଯାହା ଉପର ଶ୍ୱାସକ୍ରିୟା ମାଂସପେଶୀକୁ ମଜବୁତ କରିଥାଏ
- ସ୍ୱାସ୍ଥ୍ୟ ବିଶେଷଜ୍ଞ ମାନେ ମଧ ଏହାକୁ ସମର୍ଥନ କରିଛନ୍ତି
- **ଶଙ୍ଖ ଫୁଙ୍କିଲେ ମିଳେ କେଉଁ ଫାଇଦା ?**
- ମାଂସପେଶୀକୁ ମଜବୁତ କରେ
- ଶ୍ୱାସକ୍ରିୟା କାର୍ଯ୍ୟକୁ ଉନ୍ନତ କରେ
- ସ୍ୱର ଏବଂ ଥାଇରଏଡ୍ କୁ ମଜବୁତ କରେ
- ମାନସିକ ଚାପରୁ ମୁକ୍ତି ଦିଏ, ଚାପ ଏବଂ ଚିନ୍ତା ହ୍ରାସ କରେ
- ସକାରାତ୍ମକ ଶକ୍ତିକୁ ପ୍ରୋତ୍ସାହିତ କରେ
- ଶବ୍ଦ ତରଙ୍ଗ ନକାରାତ୍ମକ ଶକ୍ତିକୁ ଦୂର କରେ ଏବଂ ଅଧିକ ସକରାତ୍ମକ ଶକ୍ତି ସୃଷ୍ଟି କରେ
- ମାନସିକ ଶୃଙ୍ଖଳାକୁ ଉତ୍ସାହିତ କରେ



ଦିନଲିପି

୦୧ .୧୦. ୨୦୨୬ ଗୁରୁବାର

## ଲଗାଣ ବର୍ଷାରେ ଭୁଶୁଡ଼ିଲା ଘର,ଅଳ୍ପକେ ବର୍ତ୍ତିଲେ ପରିବାର ସଦସ୍ୟ

ଭାପୁର,(ନିପ୍ର): ଲଘୁଚାପ ଜନିତ ଲଗାଣ ବର୍ଷାରେ ଭାପୁର ଗ୍ରାମ ଗଉଡ଼ ସାହିର ପ୍ରଦୀପ କୁମାର ବେହେରାଙ୍କ ସହିତ ଦୁଇ ଭାଇଙ୍କ ଚାଳ ଛପର କଚ୍ଚା ଘର ଭାଙ୍ଗି ଯାଇଛି। ସେ ନିହାତି ଗରିବ ଶ୍ରେଣୀର ହୋଇଥିବାରୁ ବର୍ତ୍ତମାନ ବେସାହାରା ହୋଇପଡିଛନ୍ତି। ଇନ୍ଦିରା ଆବାସ ଘରଟିଏ ପାଇବା ପାଇଁ ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଦୌଡିଲେ ମଧ୍ୟ ଲାଞ୍ଚ ଦେଇ ନ ପାରିବାରୁ ବଞ୍ଚିତ ରହିଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଗତ ଲଗାଣ ବର୍ଷାରେ ଘରେ ଶୋଇଥିବାବେଳେ ଘରର କାନ୍ଥ ଭୁଶୁଡି ପଡିଥିଲା।ସକାଳୁ ପରିବାରର ତିନିଭାଇ ମିଶି ଭାପୁର ବିଡ଼ିଓ ଓ ତହସିଲିଦାରଙ୍କୁ ଭେଟି ଅଭିଯୋଗ କରିବାରୁ ମୁଣ୍ଡ ଗୁଞ୍ଜିବାକୁ ପଲିଥିନ ଦେଇଥିଲେ। ଆବାସଗୃହ ବଣ୍ଟନରେ ପ୍ରଶାସନ କର୍ତ୍ତୃପକ୍ଷ ରାଜନେତାଙ୍କ ପ୍ରରୋଚନାରେ ପାତରଅନ୍ତର କରି ଯିଏ ପକେଟ ଗୁଞ୍ଜା ଦେଇପାରିଲା ଏବଂ ନିଜ ଦଳୀୟ ଭୋଟର ହୋଇଥିବ ସେମାନେ ଆବାସଗୃହ ହାତେଇଥିବା ବେଳେ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଥିବାରୁ ଜନଅସନ୍ତୋଷ ଦେଖାଦେଇଥିବା କୁହାଯାଇଛି। ପ୍ରଦୀପ, ପ୍ରତାପ ଏବଂ ଦିଲ୍ଲୀପକୁ ଆବାସ ଗୃହ ଯୋଗେଇ ଦେବା ପାଇଁ ଦାବି ହୋଇଛି।



## ୪୦୦ ଲିଟର ମହୁଲି ମଦ, ୩ ଗିରଫ

ରମ୍ଭା,(ନିପ୍ର): ସ୍ଥାନୀୟ ଥାନା ପୋଲିସର ରାତ୍ର ପେଟ୍ରୋଲିଂ ସମୟରେ ଏକ ବଡ଼ ସଫଳତା । ଦୀର୍ଘଦିନ ହେଲା ଖଲ୍ଲିକୋଟ ଥାନା ଅଞ୍ଚଳରୁ ରମ୍ଭା ଥାନା ଅଞ୍ଚଳ ଦେଇ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଞ୍ଚଳକୁ ହଜାର ହଜାର ଲିଟର ମହୁଲି ମଦ ଚୋରାଚାଲାଣ ହେଉଥିବାର କ୍ରମାଗତ ଅଭିଯୋଗ ହୋଇଆସୁଥିଲା । ଆଇଆଇସି ସଦଳବଳେ ଏକ ଟିମ୍ ଗଠନ କରି ପୂର୍ବ ସୁରାକ ଅନୁସାରେ ନିର୍ଦ୍ଦିଷ୍ଟ ଜାଗାରେ ଛକି ରହି ତିନି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ସାବୁଳିଆ ଗ୍ରାମର ଅବିନାଶ ପରିଡ଼ା,ଗଗନ ପ୍ରଧାନ, ମନୋଜ ସେଠୀ ।




## କୁଟୁରାଚୁଆଁରେ ଟ୍ରାନସଫର୍ମର ପୋଡ଼ି, ଅନ୍ଧାରରେ ଉପଭୋକ୍ତା

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକର କୁଟୁରାଚୁଆଁରେ ଟ୍ରାନ୍ସଫର୍ମର ପୋଡିର ପାଞ୍ଚଦିନ ବିତିଯାଇଥିଲେ ବି ବିଦ୍ୟୁତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇନାହିଁ। ଗତ ୨୫ ତାରିଖରେ କୁଟୁରାଚୁଆଁ ଠାରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ପୋଡ଼ି ଯିବାରୁ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିଯୋଗୁଁ ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ସ୍ମାର୍ଟ ବୋର୍ଡ଼ ମାଧ୍ୟମରେ ଶିକ୍ଷାଦାନରେ ଗୁରୁତର ବାଧା ସୃଷ୍ଟି ହୋଇଛି। ଆଗକୁ ଯୁକ୍ତଦୁଇ ବାର୍ଷିକ ପରୀକ୍ଷା ପାଇଁ ଫର୍ମ ପୂରଣ ଅଛି। ଯେଉଁଥିପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକ ମାନେ ଚିନ୍ତାରେ ପଡିଯାଇଛନ୍ତି।

ଟ୍ରାନ୍ସଫର୍ମରରୁ ବିଦ୍ୟୁତ୍ ସେବା ପାଉଥିବା କୁଟୁରାଚୁଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କୁଟୁରାଚୁଆଁ ସରକାରୀ ନୋଡାଲ ହାଇସ୍କୁଲ, କୁଟୁରାଚୁଆଁ ଯୁକ୍ତଦୁଇ କଲେଜର ଦୈନନ୍ଦିନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଇତି ମଧ୍ୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନରେ ବାଧା ସୃଷ୍ଟି ହେବାର ଯଥେଷ୍ଟ ଆଶଙ୍କା ରହିଛି। ଅତ୍ୟଧିକ ଗରମ ଓ ଗୁଳୁଗୁଳି ଯୋଗୁଁ ଲୋକେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟ୍ରାନ୍ସଫର୍ମର ପୋଡିର ୨୪ ରୁ ୪୮ ଘଣ୍ଟା ମଧ୍ୟରେ ନୂତନ ଟ୍ରାନ୍ସଫର୍ମର ଲାଗିବାର ପ୍ରାବଧାନ ରହିଥିବା ସ୍ଥଳେ ଦୀର୍ଘ ୭୨ ଘଣ୍ଟା ବିତିଯାଇଥିଲେ ମଧ୍ୟ ଏଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଦ୍ୟୁତ୍ ବିଭାଗ ପୁରୁଣା ପ୍ରଥାକୁ ଦୋହରାଇ ପୁଣି ସେହି ବକେୟା ବିଦ୍ୟୁତ୍ ବିଲ୍ ଆଦାୟ ନାଁରେ ନୂତନ ଟ୍ରାନସଫର୍ମର ଯୋଗାଣରେ ଜାଣିଶୁଣି ଅବହେଳା ପ୍ରଦର୍ଶନ କରୁଥିବା ଅଭିଯୋଗ ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ନୂତନ ଟ୍ରାନ୍ସଫର୍ମର ଯୋଗାଇ ନ ଦେଲେ କୁଚିଣ୍ଡା ସମ୍ବଲପୁର ରାସ୍ତା ଅବରୋଧ କରି ଆନ୍ଦୋଳନ କରାଯିବ ବୋଲି ଜନସାଧାରଣ ଚେତାବନୀ ଦେଇଛନ୍ତି।

## ଶହୀଦ ଭଗତ୍ ସିଂଙ୍କ ଜୟନ୍ତୀ

ଭଦ୍ରକ,(ନିପ୍ର): କ୍ରାନ୍ତିକାରୀ ଶହୀଦ୍ ଭଗତ୍ ସିଂଙ୍କ ୧୧୯ତମ ଜନ୍ମଜୟନ୍ତୀ ଅବସରରେ ଶହୀଦ୍ ଭଗତ୍ ସେନା ପରିବାରର ଯୁବ ସଦସ୍ୟମାନେ ଶ୍ରଦ୍ଧାଞ୍ଜଳିକୁ କେବଳ ଆନୁଷ୍ଠାନିକତାରେ ସୀମିତ ନ ରଖି ଏହାକୁ ସେବା, ସମର୍ପଣ ଓ ସାମାଜିକ ଦାୟିତ୍ୱର ଅଭିଯାନରେ ପରିଣତ କରିଛନ୍ତି। ରକ୍ତଦାନ କରି ଜୀବନ ବଞ୍ଚାଇବାର ସଂକଳ୍ପ, ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଫଳ ବଣ୍ଟନ କରି ଅସହାୟଙ୍କ ପାଖରେ ଠିଆ ହେବା ଏବଂ ୧୧୯ଟି ବୃକ୍ଷରୋପଣ କରି ଆଗାମୀ ପିଢ଼ି ପାଇଁ ସବୁଜ ଭବିଷ୍ୟତର ବାର୍ତ୍ତା ଦେବା, ଯୁବ ସଦସ୍ୟ ମାନଙ୍କ ଏହି ପ୍ରୟାସ ଶହୀଦ୍ ଭଗତ୍ ସିଂଙ୍କ ଆଦର୍ଶ ପ୍ରତି ଏକ ସାର୍ଥକ ଶ୍ରଦ୍ଧାଞ୍ଜଳି ବୋଲି ମତ ପ୍ରକାଶ ପାଇଛି।

# ସାହାରା ଖୋଜୁଛି ଶହେ ବର୍ଷର ବିଦ୍ୟାଳୟ

ଭାପୁର,(ନିପ୍ର): ଏକ ବର୍ଷ ତଳେ ଭାପୁର ବ୍ଲକ କରବର ଆଦର୍ଶ ଗ୍ରାମରେ ଅବସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକ ଉତ୍ସବ ଆଡ଼ମ୍ବର ସହକାରେ ପାଳନ ହୋଇଥିଲା। ଉତ୍ସବରେ ବିଦ୍ୟାଳୟର ଉନ୍ନତି ପାଇଁ ସ୍ଥାନୀୟ ବିଧାୟକଙ୍କ ସହିତ ବିଭାଗୀୟ ଅଧିକାରୀ ତଥା ଅନେକ ନେତା ଓ ମନ୍ତ୍ରୀ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ଅନେକ ଭାଷଣବାଜି ଦେଇଥିଲେ କିନ୍ତୁ, ଏକ ବର୍ଷ ପରେ ବଂଚିବା ପାଇଁ ସାହାରା ଖୋଜୁଛି ସେହି ବିଦ୍ୟାଳୟ। ଭାପୁର ବ୍ଲକର ସର୍ବପୁରାତନ କରବର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ୧୦୧ ବର୍ଷ ଛୁଇଁଥିବା ବେଳେ ସରକାରୀ ସ୍ତରରେ ଅଣଦେଖା ଯୋଗୁଁ ଦିନକୁ ଦିନ ସ୍ଥିତି ଗମ୍ଭୀର ହେବାରେ ଲାଗିଛି। ଉଲ୍ଲେଖଯୋଗ୍ୟ, ୧୯୨୫ ମସିହାରେ କରବର ଗ୍ରାମର କିଛି ଶିକ୍ଷାବିତଙ୍କ ଉଦ୍ୟମକ୍ରମେ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ବିଦ୍ୟାଳୟକୁ ହାତକୁ ନେବା ସହିତ ବର୍ତ୍ତମାନ ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬ ଟି ଶ୍ରେଣୀ ଗୃହରେ ୧୪୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୬ ଗୋଟି ଶ୍ରେଣୀ ଗୃହ ମଧ୍ୟରୁ ୩ ଗୋଟି ଶ୍ରେଣୀଗୃହ ବିପଦ ସଂକୁଳ ଅବସ୍ଥାରେ ଥିବାରୁ ବ୍ୟବହାର ପାଇଁ ଅନୁପଯୋଗୀ ହୋଇପଡିଛି। ଆଉ ୩ ଗୋଟି ଗୃହ ମଧ୍ୟରୁ ଗୋଟିକେରେ ଅଫିସ ଚାଲିଥିବାବେଳେ ଆଉ ଦୁଇ ଗୋଟି ଗୃହ ଓ ବାରଣ୍ଡାରେ ୬ ଟି ଶ୍ରେଣୀର ୧୪୧ ଛାତ୍ରଛାତ୍ରୀ ପଢୁଛନ୍ତି। ସେହିପରି, ବିଦ୍ୟାଳୟର ୭ ଜଣ ଶିକ୍ଷକ ମଧ୍ୟରୁ ଜଣେ ଡେପୁଟେସନରେ, ଜଣେ ମୂକ ବଧିର ଛାତ୍ରଛାତ୍ରୀଙ୍କ ଶିକ୍ଷକ ଏବଂ ଦୁଇ ଜଣ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଛନ୍ତି। ସ୍କୁଲ ପରିସରରେ ଶୌଚାଳୟର ବ୍ୟବସ୍ଥା ନାହିଁ, ପାନୀୟ ଜଳର ବ୍ୟବସ୍ଥା ନାହିଁ, ଖେଳ ପଡ଼ିଆ ନାହିଁ, ମଧ୍ୟାହ୍ନ ଭୋଜନ ଗୃହ ନିର୍ମାଣ ପାଇଁ ୧୧ ଲକ୍ଷ ୩୧ ହଜାର ଟଙ୍କା ମଞ୍ଜୁର ହୋଇଥିବା ବେଳେ ଅଧାପନ୍ତରିଆ ଅବସ୍ଥାରେ ପଡି ରହିଥିବାରୁ ମୌଳିକ ସୁବିଧା ପିଲାମାନେ ପାଇ ପାରୁନାହାନ୍ତି । ଅବ୍ୟବସ୍ଥା ସମ୍ପର୍କରେ ପରିଚାଳନା କମିଟି ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଜଣେଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ ଫଳରେ, ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବା ପାଇଁ ସ୍ଥାନୀୟ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ସହ ଦାବି ହୋଇଛି।




## ଧାମନଗର : ବନ୍ୟା କମୁଛି ହେଲେ, ପାନୀୟ ଜଳ ସମସ୍ୟା ବଢୁଛି

ଧାମନଗର,(ନିପ୍ର): ଧାମନଗର ବ୍ଲକରେ ବନ୍ୟା ପରିସ୍ଥିତି ଏବେ ବି ସଙ୍କଟରେ ବ୍ଲକର ୩୬ ପଞ୍ଚାୟତରେ ବନ୍ୟା ଜଳ ମାଡ଼ିଥିବାବେଳେ ବନ୍ୟାର ୪ ଦିନ ପରେ ବି ବ୍ଲକରେ ୧୦ ପଞ୍ଚାୟତରେ ବନ୍ୟାଜଳ କମି ନାହିଁ। ବନ୍ୟାଜଳ ହ୍ରାସ ପାଇଥିଲେ ମଧ୍ୟ ଅନେକ ବନ୍ୟା ପ୍ରଭାବିତ ପଞ୍ଚାୟତରେ ନଳକୂପରେ ପାଣି ଗୋଳିଆ ହୋଇଥିବାରୁ ଲୋକେ ବାଧ ହୋଇ ସେହି ପାଣି ବ୍ୟବହାର କରୁଛନ୍ତି। ବନ୍ୟା ପରେ ସୁରକ୍ଷିତ ପାନୀୟଜଳ ଯୋଗାଣ ଓ ନଳକୂପ ବିଶୋଧନରେ ପ୍ରଶାସନର ତତ୍ପରତା ନେଇ ଏବେ ପ୍ରଶ୍ନ ଉଠିଛି।

ଅର୍ଜୁନପୁର, ପଧାନୀ, ସୋହଡ଼ା, ଖଡ଼ିପଦା, ଆନନ୍ଦପୁର, କରଦା, ଦଳାଙ୍ଗ, ଭଟସାହି, ହସନାବାଦ, ମୁସ୍ତଫାପୁର, କୋଠାର, ଅସୁରାଳି, କଟସାହି, ଖପରପଦା, ରଇପୁର ଓ ବୟାଙ୍ଗଡିହି ସମେତ ବିଭିନ୍ନ ପଞ୍ଚାୟତରେ ବନ୍ୟା ବିପନ୍ନଙ୍କ ପାଇଁ ସ୍ୱଚ୍ଛ ପାନୀୟଜଳ ଏବେ ବି ସମସ୍ୟା ହୋଇ ରହିଛି। ବହୁ ସ୍ଥାନରେ ନଳକୂପ ଚାରିପାଖରେ ବନ୍ୟାଜଳ ଜମି ରହିଥିବାରୁ ଦୂଷିତ ପାଣି ବାହାରୁଛି। ବନ୍ୟା ପରେ ନଳକୂପ ଗୁଡ଼ିକର ବିଶୋଧନ ଏବଂ ପାଣି ପରୀକ୍ଷା ଅତ୍ୟନ୍ତ ଜରୁରୀ ହୋଇଥିବା ବେଳେ ଅନେକ ଅଞ୍ଚଳରେ ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆଯାଇନଥିବା ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ବିଶୋଧନ ନକରି ଗୋଳିଆ ପାଣି ବ୍ୟବହାର କଲେ ଜଳବାହିତ ରୋଗର ଆଶଙ୍କା ଥିବାରୁ ଏହାକୁ ନେଇ ବନ୍ୟା ବିପନ୍ନଙ୍କ ଚିନ୍ତା ବଢ଼ିଛି।

ବନ୍ୟା ସମୟରେ ରିଲିଫ୍ ଓ ରନ୍ଧାଖାଦ୍ୟ ଯୋଗାଣ ସହ ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ପାଣି ଯୋଗାଇବା ମଧ୍ୟ ପ୍ରଶାସନର ପ୍ରାଥମିକ ଦାୟିତ୍ୱ। ହେଲେ ବନ୍ୟା ପାଣି ହ୍ରାସ ପାଇବା ପରେ ମଧ୍ୟ ଯଦି ଲୋକେ ଗୋଳିଆ ପାଣି ପିଇବାକୁ ବାଧ ହୁଅନ୍ତି, ତେବେ ବନ୍ୟା ପରବର୍ତ୍ତୀ ପ୍ରସ୍ତୁତିକୁ ନେଇ ପ୍ରଶାସନର ଭୂମିକା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ଏନେଇ ଧାମନଗର ପାନୀୟଜଳ ବିଭାଗର ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଅନେକ ସ୍ଥାନରେ ଏବେ ବି ବନ୍ୟାପାଣି ଛାଡ଼ିନାହିଁ। ବନ୍ୟା ଜଳ କମିବା ପରେ ନଳକୂପ ବିଶୋଧନ କରାଯିବ। ବନ୍ୟା ପାଣି ହ୍ରାସ ପାଇବା ପରେ ତୁରନ୍ତ ନଳକୂପ ଗୁଡ଼ିକର ପାଣି ପରୀକ୍ଷା, ବିଶୋଧନ ଓ ପ୍ରଭାବିତ ଅଞ୍ଚଳରେ ବିକଳ୍ପ ସୁରକ୍ଷିତ ପାନୀୟଜଳ ଯୋଗାଣ ପାଇଁ ପ୍ରଶାସନ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି। ନଚେତ ବନ୍ୟା ପରେ ପିଇବା ପାଣିକୁ ନେଇ ଆଉ ଏକ ସଙ୍କଟ ମୁଣ୍ଡ ଟେକିବା ଆଶଙ୍କା ରହିଛି। ତୁରନ୍ତ ବନ୍ୟା ଅଂଚଳରେ ପାଣି ପାଉଚ୍ ଓ ପାଣି ବୋତଲ ଯୋଗାଇ ଦେବାକୁ ବନ୍ୟା ବିପନ୍ନମାନେ ଦାବି କରିଛନ୍ତି।

## ବାମରାରେ ଅଳିଆ ଡମ୍ପିଂକୁ ନେଇ ହରିପଡାରେ ବିରୋଧ

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ଏନ୍ଏସି ଅଞ୍ଚଳରେ ଅଳିଆ ଡମ୍ପିଂ ସମସ୍ୟା ତେଜିବାରେ ଲାଗିଛି। ଅଳିଆ ଡମ୍ପିଂ କିଛିଦିନ ବନ୍ଦ ରହିବା ପରେ ସୋମବାର ଠାରୁ ହରିପଡ଼ା ଜନବସତି ନିକଟ ଏକ ଖୋଲା ସ୍ଥାନରେ ପୁଣି ଅଳିଆ ପକାଇବା ଆରମ୍ଭ ହୋଇଥିବା ଅଭିଯୋଗ ହୋଇଛି। ଏହା ଦେଖି ମଙ୍ଗଳବାର ସକାଳେ ହରିପଡ଼ାବାସୀ ଖୋଖୋପଡ଼ା ରାସ୍ତାରେ ବସି ଅଳିଆ ଡମ୍ପିଂକୁ ତୀବ୍ର ବିରୋଧ କରିଥିଲେ। ଗ୍ରାମବାସୀଙ୍କ ଆପତ୍ତି ପରେ ସେଠାରେ ଅଳିଆ ଡମ୍ପିଂବନ୍ଦ ହୋଇଥିଲା। ପୂର୍ବରୁ ମିଟୁପଡ଼ାରେ ଅଳିଆ ଡମ୍ପିଂକୁ ନେଇ ବିରୋଧ ହେବା ପରେ ସେଠାରେ ଡମ୍ପିଂ ବନ୍ଦ ହୋଇଥିଲା। ପରେ ଖୋଖୋପଡ଼ା ପାହାଡ଼ ଅଞ୍ଚଳରେ ମଧ୍ୟ ଅଳିଆ ପକାଇବାକୁ ନେଇ ଗ୍ରାମବାସୀ ବିରୋଧ କରିଥିଲେ। ଏବେ ହରିପଡ଼ା ଜନବସତି ନିକଟରେ ପୁଣି ଅଳିଆ ଡମ୍ପିଂ ଆରମ୍ଭ ହେବା ଘଟଣା ବାମରା ଏନ୍ଏସିର ବର୍ଜ୍ୟ ପରିଚାଳନା ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠୁଛି। ଗ୍ରାମବାସୀଙ୍କ ଅଭିଯୋଗ ହେଲା, ଜନବସତି ନିକଟରେ ଖୋଲା ସ୍ଥାନରେ ଅଳିଆ ପକାଇଲେ ଦୁର୍ଗନ୍ଧ ହୋଇ ମଶା ମାଛି ବୃଦ୍ଧି, ମାଟି ଓ ଜଳ ପ୍ରଦୂଷଣ ସହ ଜନସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ତେଣୁ ଜନବସତି ନିକଟରେ ଅଳିଆ ଡମ୍ପିଂ ସମ୍ପୂର୍ଣ୍ଣ ବନ୍ଦ କରି ନିୟମ ସମ୍ମତ ସ୍ଥାନରେ ସ୍ଥାୟୀ ବର୍ଜ୍ୟ ପରିଚାଳନା ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ବର୍ଜ୍ୟ ପରିଚାଳନା ନିୟମ ମୁତାବକ ଅଳିଆକୁ ମନଇଚ୍ଛା ଖୋଲା ସ୍ଥାନରେ ପକାଇବା ପରିବର୍ତ୍ତେ ନିୟମାନୁସାରେ ସଂଗ୍ରହ କରି ଏହାର ପ୍ରକ୍ରିୟାକରଣ ଓ ନିରାପଦ ନିଷ୍କତ୍ତି କରିବାର ବ୍ୟବସ୍ଥା ରହିଛି। ଜନବସତି ଓ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ନପଡ଼ିବା ଭଳି ଉପଯୁକ୍ତ ସ୍ଥାନ ଓ ବୈଜ୍ଞାନିକ ପ୍ରକ୍ରିୟାରେ ବର୍ଜ୍ୟ ପରିଚାଳନା କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



## ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

ପାରଳାଖେମୁଣ୍ଡି,(ନିପ୍ର): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଗ୍ରାହକଙ୍କ ଥାଳିକୁ ଯାଉଥିବା ଖାଦ୍ୟ କେତେ ସୁରକ୍ଷିତ ତାହା ଯାଞ୍ଚ କରିବାକୁ ଗୁମ୍ମା ଓ ସେରଙ୍ଗ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ାଉ ହୋଇଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଣି ଅହିତ୍ୟା ସଲାଗ୍ରାମଙ୍କ ନେତୃତ୍ୱରେ ଗୁମ୍ମା ଓ ସେରଙ୍ଗର ବିଭିନ୍ନ ଦୋକାନରେ ଅଚାନକ ପହଞ୍ଚି ଖାଦ୍ୟ ସାମଗ୍ରୀର ମାନ, ପ୍ୟାକେଜିଂ, ଲେବଲ୍ ଓ ବୈଧତା ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଅଟା,ସୁଜି, ମଇଦା, ଡ଼ାଲି ଓ ବିସ୍କୁଟ ଜବତ କରାଯାଇଥିବା ଜଣାପଡ଼ିଛି। ଦୋକାନଗୁଡ଼ିକରେ ଖାଦ୍ୟ ସାମଗ୍ରୀ କିଭଳି ସଂରକ୍ଷିତ ହେଉଛି, ତାହା ମଧ୍ୟ ଅଧିକାରୀମାନେ ଯାଞ୍ଚ କରିଥିଲେ। ଜବତ ହୋଇଥିବା ଅଟା ଓ ବିସ୍କୁଟର ପ୍ରକୃତ କାରଣ ଏବଂ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିଭାଗୀୟ ଯାଞ୍ଚ ପରେ ସ୍ପଷ୍ଟ ହେବ। ଖାଦ୍ୟର ମାନକୁ ନେଇ ପ୍ରଶ୍ନ ଉଠିଲେ ଦାୟୀ କିଏ ? ଏହି ପ୍ରଶ୍ନ ମଧ୍ୟରେ ଖାଦ୍ୟ ସୁରକ୍ଷା ବିଭାଗର ଅଚାନକ ଚଢ଼ାଉକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଗୁମ୍ମା ଓ ସେରଙ୍ଗ ଭଳି ଦୁର୍ଗମ ଅଞ୍ଚଳରେ ଖାଦ୍ୟ ସାମଗ୍ରୀର ଗୁଣବତ୍ତା ଯାଞ୍ଚ କେବଳ ଗୋଟିଏ ଦିନର ଚଢ଼ାଉରେ ସୀମିତ ନରହି ନିୟମିତ ଯାଞ୍ଚ ଓ ନିରୀକ୍ଷଣ ଜାରି ରହୁ ବୋଲି ସାଧାରଣରେ ଦାବି ହୋଇଛି। ଏନେଇ ଗୁମ୍ମା ଏବଂ ସେରଙ୍ଗ ଅଞ୍ଚଳରେ ଥିବା ବିଭିନ୍ନ ଦୋକାନରୁ ୧୬ଟି ଖାଦ୍ୟ ସାମଗ୍ରୀ ଜବତ କରାଯାଇ ଲେବକୁ ପଠାଯାଇଛି ସାମଗ୍ରୀରେ ତ୍ରୁଟି ରହିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଜିଲ୍ଲା ଖାଦ୍ୟ ନିରୀକ୍ଷକ।

## ୬ କେଜି ଗଞ୍ଜେଇ ଜବତ: ଜଣେ ଗିରଫ

ଗଣିଆ,(ନି ପ୍ର): ଗଣିଆ ଥାନା ପୋଲିସକୁ ମିଳିଛି ଏକ ବଡ଼ ସଫଳତା। ଚୋରା ଗଞ୍ଜେଇ ଚାଲାଣ ଉପରେ ଚଢ଼ାଉ କରି ପୋଲିସ ପ୍ରାୟ ୫ କେଜି ୯୯୫ ଗ୍ରାମ ଗଞ୍ଜେଇ ଓ ଏକ ସ୍କୁଟି ଜବତ କରିବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ୱାଲିପୁର ଗ୍ରାମର ମେଘନାଦ ପଣ୍ଡା ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଫୁଲବାଣୀରୁ କୁମ୍ଭୀରଖଣି ଦେଇ ଏକ ସ୍କୁଟି ଯୋଗେ ଗଣିଆ ଅଞ୍ଚଳକୁ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ପୂର୍ବରୁ ଗୁପ୍ତ ସୂଚନା ମିଳିଥିଲା। ଏହାକୁ ଆଧାର କରି ଗଣିଆ ଥାନା ଏସ.ଆଇ. ଶ୍ୟାମାସୁନ୍ଦର ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଦସିପୁର ନିକଟରେ ଛକି ରହିଥିଲେ। ସେହି ବାଟ ଦେଇ ସନ୍ଦେହଜନକ ଭାବେ ଆସୁଥିବା ସ୍କୁଟିକୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ୫ କେଜି ୯୯୫ ଗ୍ରାମ ଗଞ୍ଜେଇ ବାହାରିଥିଲା। ପୋଲିସ ତୁରନ୍ତ ଗଞ୍ଜେଇ ସହ ଚାଲାଣରେ ବ୍ୟବହୃତ ସ୍କୁଟିକୁ ଜବତ କରିବା ସହ ମେଘନାଦଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଉକ୍ତ ଚୋରା ଚାଲାଣ ରାକେଟ୍‌ରେ ଆଉ କାହାର ସଂପୃକ୍ତି ରହିଛି, ସେ ନେଇ ଅଭିଯୁକ୍ତଙ୍କୁ ଅଧିକ ପଚରାଉଚୁରା କରାଯାଉଛି।

## ରାସ୍ତା ସମସ୍ୟା : ଜବାବ ନ ମିଳିଲେ ଆମରଣ ଅନଶନ

ପାରଳାଖେମୁଣ୍ଡି,(ନିପ୍ର): ଗାଁକୁ ଯିବାକୁ ରାସ୍ତା ନାହିଁ। ବର୍ଷ ବର୍ଷ ଧରି ଦୁର୍ଦ୍ଦଶାରେ ତିନି ଖଣ୍ଡ ଗାଁର ଲୋକ। ଗର୍ଭବତୀଙ୍କୁ ୬ କିଲୋମିଟର ବାଉଁଶ ଦୋଳାରେ ବୋହି ଡାକ୍ତରଖାନା ନେବା ଘଟଣା ସାମ୍ନାକୁ ଆସିବା ପରେ ବି ଚେତାପଶିନି ବ୍ଲକ ପ୍ରଶାସନର। ଏବେ ରାସ୍ତା ଦାବିରେ ଆରପାର ଲଢ଼େଇ ପାଇଁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ।ଗଜପତି ଜିଲ୍ଲା ମୋହନା ବ୍ଲକ ଖାରୀଗୁଡା ପଞ୍ଚାୟତର ମୋହନାଗୁଡା, ରାଜପୁର ଓ ଗାଁଗୁଡିପଙ୍କାଳ ଗାଁକୁ ଆଜି ପର୍ଯ୍ୟନ୍ତ ପାଦଚଲା ରାସ୍ତାଟିଏ ନାହିଁ। ଫଳରେ ଜରୁରୀ ସମୟରେ ରୋଗୀ ଓ ଗର୍ଭବତୀଙ୍କୁ ଦୋଳାରେ ବୋହି ନେବାକୁ ପଡୁଛି। କିଛିଦିନ ପୂର୍ବରୁ ଜଣେ ଗର୍ଭବତୀ ମହିଳାଙ୍କୁ ବାଉଁଶ ସାହାଯ୍ୟରେ ପ୍ରାୟ ୬ କିଲୋମିଟର ବୋହି ଡାକ୍ତରଖାନା ନେବାର ଭିଡିଓ ଭାଇରାଲ ହେବାରେ ଲାଗିଥିଲା । ଘଟଣାକୁ ନେଇ ଚର୍ଚ୍ଚା ହୋଇଥିଲେ ମଧ୍ୟ ରାସ୍ତା ସମସ୍ୟାର ସ୍ଥାୟୀ ସମାଧାନ ହୋଇନାହିଁ। ଏନେଇ ତିନି ଗାଁର ଲୋକେ ମୋହନା ବିଡିଓଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଇ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆସନ୍ତା ୭ ଦିନ ମଧ୍ୟରେ ଦାବି ସହ ଉତ୍ତର ରଖି ରାସ୍ତା ନିର୍ମାଣ ନେଇ ଠୋସ୍ ପଦକ୍ଷେପ ନିଆ ନଗଲେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ସହ ଆମରଣ ଅନଶନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ତିନି ଗାଁର ଗ୍ରାମବାସୀ।



## ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ'

କୃଷ୍ଣପ୍ରସାଦ,(ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ନବମ ରାଷ୍ଟ୍ରୀୟ ପୋଷଣ ମାସ ୨୦୨୬ ଅବସରରେ ୧୩୪ଟି ଅଙ୍ଗନୱାଡି କେନ୍ଦ୍ରରେ ମହିଳା, ଶିଶୁ ବିକାଶ ବିଭାଗ ପକ୍ଷରୁ ଏହି 'ଆଙ୍ଗନ କା ଉତ୍ସବ' ପ୍ରତି ଅଙ୍ଗନୱାଡି କେନ୍ଦ୍ରରେ ଚଳିତ ମାସ ୨୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମନୋରମା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା କୁନି କୁନି ପିଲାମାନଙ୍କ ବାପାମାନଙ୍କୁ ସାମିଲ କରାଯାଇ 'ଆଙ୍ଗନ କା ଉତ୍ସବ'ର ଉଦ୍ଦେଶ୍ୟ ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ବ୍ଲକର ବଜ୍ରକୋଟ, ଓରା, ନନ୍ଦଲା, ଜମୁନା, ମୋରଡା ବାଉରୀପଲି, ତିତିପ, ଚିଲିକା ନୂଆପଡା, ସାତପଡ଼ା, ପଣସପଦା, ମାଲୁଦ, କୃଷ୍ଣପ୍ରସାଦ, ଦଳବେହେରା ସାହି, ତିଛିଣି, ପାଇକସାହି, ଇପିଙ୍ଗ ବାଉରୀପଲି, ଇପିଙ୍ଗ, ଖଟିଆକୁଦି, ଜାଗିରିକୁଦା, ଉଠାଣିକୁଦା, ସିଆଣ୍ଡି ସମେତ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଅନୁଷ୍ଠିତ ହୋଇଥିବାବେଳେ କୁନି କୁନି ପିଲାମାନଙ୍କ ଅଭିଭାବକମାନଙ୍କ ଦ୍ୱାରା ଏକ ରନ୍ଧନ ପ୍ରତିଯୋଗିତା ଓ ବିଭିନ୍ନ କିସମର ପୋଷଣ ପିଠା ପ୍ରଦର୍ଶନ କରାଯାଇଥିଲା।



**ନିରାକାରପୁର :** ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ମୁଣ୍ଡାଆମ୍ବ-୨ ଅଙ୍ଗନବାଡ଼ି କେନ୍ଦ୍ରରେ 'ଆଙ୍ଗନ କା ଉତ୍ସବ' (ପୋଷଣ ଦିବସ) ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳିତ ହୋଇଯାଇଛି। ତୃତୀୟ ଦିବସ ତଥା ଉଦ୍ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପାରମ୍ପରିକ ଓ ପୁଷ୍ଟିକର ଖାଦ୍ୟର ବ୍ୟବହାର ଉପରେ ବିଶେଷ ଗୁରୁତ୍ୱ ଆରୋପ କରାଯାଇଥିଲା। କାର୍ଯ୍ୟକ୍ରମ ଅଙ୍ଗନବାଡ଼ି କର୍ମୀ ମମତା ବିଶ୍ୱାଳ ଓ ସହାୟିକା ଶାନ୍ତିଲତା ନାୟକଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ୱାର୍ଡ ମେମ୍ବର ଧୀରେନ୍ଦ୍ର ପାଇକରାୟ, ଏଏମସି ସଭାନେତ୍ରୀ ଅନିମା ସାମନ୍ତରାୟ, ମାତୃ କମିଟି ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ବଳବନ୍ତରାୟ ଏବଂ ଆଶା କର୍ମୀ ନିର୍ମଳା ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।ଉତ୍ସବ ଅବସରରେ କିଶୋରୀ ବାଳିକାମାନଙ୍କ ଦ୍ୱାରା ଅଙ୍କିତ ମନୋରମ ଝୋଟି ଏବଂ ଚାଉଳ, ବିରି, ମୁଗ ଆଦି ଶସ୍ୟରେ ପ୍ରସ୍ତୁତ ସୁନ୍ଦର ଚିତ୍ରକଳା ଉପସ୍ଥିତ ଅତିଥି ଓ ଅଭିଭାବକଙ୍କ ମନ ମୋହିଥିଲା। ଶିଶୁମାନଙ୍କ ସାଙ୍ଗଠନିକ ଓ ମାନସିକ ବିକାଶ ପାଇଁ ସେମାନଙ୍କ ଦୈନନ୍ଦିନ ଆହାରରେ ମାଣ୍ଡିଆ ସମେତ ବିଭିନ୍ନ ସ୍ଥାନୀୟ ଶସ୍ୟରୁ ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ସାମିଲ କରିବାକୁ ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ମା'ମାନଙ୍କୁ ସଚେତନ କରିଥିଲେ।ଏହି ଅବସରରେ ଅଭିଭାବକ (ବାପା ଓ ମା')ମାନେ ସେମାନଙ୍କ ସନ୍ତାନଙ୍କ ପାଇଁ ଗୃହରେ ପ୍ରସ୍ତୁତ ବିଭିନ୍ନ ପାରମ୍ପରିକ ଓ ପୁଷ୍ଟିକର ଆହାର ପରିବେଷଣ କରିଥିଲେ। ନିମନ୍ତ୍ରିତ ଅତିଥି ଓ ବିଚାରକମଣ୍ଡଳୀର ସଦସ୍ୟମାନେ ଖାଦ୍ୟର ସ୍ୱାଦ ଓ ଏହାର ପୁଷ୍ଟିମୂଲ୍ୟକୁ ଆଧାର କରି ଶ୍ରେଷ୍ଠ ତିନୋଟି ଖାଦ୍ୟ ମନୋନୀତ କରିଥିଲେ।

**ଡାବୁଗାଁ:** ଡାବୁଗାଁ ବ୍ଲକର ୧୪୨ଟି ଅଙ୍ଗନବାଡି କେନ୍ଦ୍ରରେ ଗତ ୨ ଦିନ ହେବ ଚାଲିଥିବା 'ଆଙ୍ଗନ କା ଉତ୍ସବ' କାର୍ଯ୍ୟକ୍ରମ ମଙ୍ଗଳବାର ସମାପନ ହୋଇଛି। ପ୍ରଥମ ଦିବସରେ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ମିଳୁଥିବା ପୋଷଣ ଯୁକ୍ତ ଶସ୍ୟରେ ପ୍ରସ୍ତୁତ ଖାଦ୍ୟକୁ ପିଲାଙ୍କ ପରିବାର ସଦସ୍ୟମାନେ ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଦିବସରେ ଶିଶୁ, ଅଭିଭାବକ, ଗର୍ଭବତୀ ମହିଳା ଓ ଏଏମସି ସଦସ୍ୟଙ୍କ ଉପସ୍ଥିତିରେ ମନୋରଞ୍ଜନ କାର୍ଯ୍ୟକ୍ରମ, ଚିତ୍ରାଙ୍କନ, ଅଜାଆଈଙ୍କ ଦ୍ୱାରା ଗପ ଶୁଣିବା ଭଳି କାର୍ଯ୍ୟକ୍ରମ ହୋଇଥିଲା। ତୃତୀୟ ଦିବସରେ ଶିଶୁଙ୍କ ପିତା-ମାତା, ଗର୍ଭବତୀ, ଅଙ୍ଗନବାଡି କର୍ମୀ ଓ ଏଏମସି ସଦସ୍ୟଙ୍କ ଉପସ୍ଥିତିରେ ମହିଳା ଓ ଶିଶୁ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା ଓ ପୁରସ୍କାର ବିତରଣ କରାଯାଇଥିଲା।

## ପ୍ରେସ କ୍ଲବ୍ ପକ୍ଷରୁ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ କରିବା ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟ ସ୍ଥିତ ରକ୍ତ ଭଣ୍ଡାର ଦୀର୍ଘ ୯ ମାସରୁ ଊର୍ଦ୍ଧ୍ୱ ହେବ ବନ୍ଦ ହୋଇ ପଡ଼ିରହିଛି। ଏଥିରେ ରୋଗୀମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ଏଥିରେ ରେଢ଼ାଖୋଲ ପ୍ରେସ କ୍ଲବ୍ ପକ୍ଷରୁ ସୋମବାର ଅନୁଷ୍ଠିତ ହୋଇଥିବା ଯୁଗ୍ମ ଅଭିଯୋଗ ଶୁଣାଣିରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋରଙ୍କୁ ରକ୍ତ ଭଣ୍ଡାରକୁ କାର୍ଯ୍ୟକ୍ଷମ କରିବା ପାଇଁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି।

ଉଲ୍ଲେଖ କରିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଦ୍ୱାର ଦେଶ ରେଢ଼ାଖୋଲ ଅଞ୍ଚଳ ବିଭିନ୍ନ ଛୋଟ ବଡ଼ ଗ୍ରାମଗୁଡିକୁ ନେଇ ଗଠିତ। ଅଞ୍ଚଳ ବିଶେଷ କରି ଚାଷୀ ସମୁଦାୟ ଅଞ୍ଚଳ ଅଟେ, ଏଠାରେ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ପ୍ରତିଦିନ ସାଧାରଣ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଡାକ୍ତରଖାନାରେ ଏକ ରକ୍ତଭଣ୍ଡାର କାର୍ଯ୍ୟକ୍ଷମ ରହିଥିଲା। କିନ୍ତୁ ପ୍ରାୟ ୯ ମାସରୁ ଊର୍ଦ୍ଧ୍ୱ ହେବ ଏହି ରକ୍ତ ଭଣ୍ଡାର ବନ୍ଦ ହୋଇ ରହିଛି। ଏହାର ଲାଇସେନ୍ସ ରିନ୍ୟୁଆଲ ହୋଇ ପାରିନଥିବାରୁ ଏହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ। ଏଠାରେ ମୁଖ୍ୟତଃ ରେଢ଼ାଖୋଲ ସହର ଦେଇ ଦୁଇଟି ଜାତୀୟ ରାଜପଥ ଅତିକ୍ରମ କରୁଛି। ତେଣୁ ଏଥିରେ ବାରମ୍ବାର ସଡ଼କ ଦୁର୍ଘଟଣା ହେଉଥିବାରୁ ରକ୍ତ ଭଣ୍ଡାର ବନ୍ଦ ଥିବାରୁ ଦୁର୍ଘଟଣା ଗ୍ରସ୍ତ ରୋଗୀ ହନ୍ତସନ୍ତ ହେବାକୁ ପଡୁଛି। ଡାକ୍ତର ରୋଗୀଙ୍କୁ ବୌଦ୍ଧ ସମ୍ବଲପୁର ଜିଲ୍ଲା ସ୍ଥାନାନ୍ତରଣ କରିବାକୁ ବାଧ୍ୟ ହେଉଛନ୍ତି। ଚିକିତ୍ସାଳୟ ତିନୋଟି ଜିଲ୍ଲା ସୀମାବର୍ତ୍ତୀ ଅଞ୍ଚଳ, ସହିତ ଶହ ଶହ ସଂଖ୍ୟାରେ ସାଧାରଣ ଜନତା ଉପକୃତ ହେଉଥିବା ବେଳେ ରକ୍ତଭଣ୍ଡାର ଦୀର୍ଘ ମାସ ଧରି ବନ୍ଦ ଥିବାରୁ ଜନ ସାଧାରଣ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ତେଣୁ ଗୁରୁତ୍ୱ ସହକାରେ ଯଥାଶୀଘ୍ର ରକ୍ତ ଭଣ୍ଡାର କାର୍ଯ୍ୟକ୍ଷମ କରିବା ପାଇଁ ପ୍ରୟାସ କଲେ ରେଢ଼ାଖୋଲ ଅଞ୍ଚଳର ଶହ ଶହ ସଂଖ୍ୟାରେ ସାଧାରଣ ନିରୀହ ଗରିବ ଲୋକେ ଉପକୃତ ହେବେ ବୋଲି ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ପ୍ରେସ କ୍ଲବ୍ ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ କୁମାର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ରବିନ୍ଦ୍ରନାଥ ପ୍ରଧାନ, ସୁଶାନ୍ତ କୁମାର ନାଗ, ଅନିଲ ପୃଷ୍ଟି, ସୁଧୀର ସୁନା, ମଦନ ବେହେରା ପ୍ରମୁଖ ସମେତ ଅନ୍ୟ ସାମ୍ବାଦିକ ସଦସ୍ୟ ମାନେ ସାମିଲ ରହିଥିଲେ।



## ମହାବିଦ୍ୟାଳୟରେ ଶକ୍ତିଶ୍ରୀ ଉଦ୍ଯାପିତ

ଯାଜପୁର,(ନିପ୍ର): ସାନସୁଆର ପଞ୍ଚାୟତ ଅଧୀନସ୍ଥ କପାସୀ ଛକ ନିକଟସ୍ଥ ମହାବୀର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛଅ ଦିନ ଧରି ଚାଲିଥିବା 'ଶକ୍ତିଶ୍ରୀ' କାର୍ଯ୍ୟକ୍ରମ ଉଦ୍ଯାପିତ ହୋଇଯାଇଛି। ଏହି ଉଦ୍ଯାପନୀ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଷ୍ଣୁ ଚରଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ମହାବିଦ୍ୟାଳୟର ଅଧ୍ୟାପିକା ତଥା ଶକ୍ତିଶ୍ରୀ କାର୍ଯ୍ୟକ୍ରମର ସଂଯୋଜିକା ସୁଜାତା ସାମଲ ରାଜ୍ୟ ସରକାରଙ୍କ ଶକ୍ତିଶ୍ରୀ ଗାଇଡ୍‌ଲାଇନ୍ ଏବଂ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ମୁକ୍ତାଦେବୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଶୋକ କୁମାର ରାଉତ ଯୋଗଦେଇ ଶକ୍ତିଶ୍ରୀ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟବକ୍ତା ଭାବେ ମହାବୀର ସଂସ୍କୃତ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନାଚାର୍ଯ୍ୟ ଯୋଗ ଦେଇଥିଲେ।

ତିଥି :(ପଞ୍ଚମୀ): (କୃତ୍ତିକା ରୋହିଣୀ)
ଅମୃତ ବେଳା: ଦିବା ଘ ୭।୧୬ ମଧ୍ୟେ ଘ୧।୪୦ ଗତେ

## ଆଜିର ଅନୁଚିନ୍ତନ

ସର୍ବତ୍ର ଅନାସକ୍ତ ଯେଉଁ ମନୁଷ୍ୟ ସେହି ସେହି ଶୁଭ-ଅଶୁଭଙ୍କୁ ପ୍ରାପ୍ତ କରି ହର୍ଷିତ ହୁଏ ନାହିଁ କି ଦ୍ୱେଷ କରେ ନାହିଁ, ତାହାର ବୁଦ୍ଧି ସ୍ଥିର।।
- ଶ୍ରୀମଦ୍ ଭଗବଦ୍ ଗୀତା

# ବିଚାରବିମର୍ଶ ହେଉ

ଭାରତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ (ଏନ୍‌ସିଇଆର୍‌ଟି) ର ନୂତନ ନବମ ଶ୍ରେଣୀ ସମାଜ ବିଜ୍ଞାନ ପାଠ୍ୟପୁସ୍ତକ ନିକଟରେ ପ୍ରକାଶିତ ହୋଇଛି। 'ଅଣ୍ଡରଷ୍ଟାଣ୍ଡିଂ ସୋସାଇଟି : ଇଣ୍ଡିଆ ଆଣ୍ଡ ବିଏଣ୍ଡ – ପାର୍ଟ – ୨ ' ରେ ଏକ ଅଧ୍ୟାୟ ରହିଛି 'ରେଜିଷ୍ଟାନ୍‌ସ ଆଣ୍ଡ ରିସିଲିଏନ୍‌ସ' । ଏଥିରେ ରହିଛି ,ଭାରତୀୟ ମହାଦେଶ ଉପରେ ସପ୍ତମ ଶତାବ୍ଦୀରୁ କିଭଳି କ୍ରମାଗତ ଆକ୍ରମଣ ହୋଇଥିଲା ଓ ଏହାର ରୂପରେଖ କିଭଳି ଥିଲା ତାହାର ରହିଛି ବର୍ଣ୍ଣନ। ଅଧ୍ୟାୟର ଠାଏ ଉଲ୍ଲେଖ ରହିଛି ଯାହାର ସାରାଂଶ ହେବ ଏହିଭଳି : 'ବସ୍ତର ଶାସକ ଅନ୍ନମରାଜାଙ୍କୁ ମାଣିକ୍ୟ ଦେବୀ (ଦନ୍ତେଶ୍ୱରୀ)ଙ୍କ ଠାରୁ ଖଣ୍ଡା ମିଳିଥିଲା ବୋଲି ବିଶ୍ୱାସ କରାଯାଉଛି। କୁମାର କଂପାନୀ (ବିଜୟନଗର) ମଦୁରାଇ ଠାରେ ସୁଲତାନ ବିରୋଧରେ ମଧ୍ୟ ଏକ ଦେବୀ ପ୍ରଦତ୍ତ ଖଣ୍ଡା ବ୍ୟବହାର କରିଥିବା ବିଶ୍ୱାସ କରାଯାଏ। ଛତ୍ରପତି ଶିବାଜୀ ଦେବୀ ତୁଳଜା ଭବାନୀଙ୍କ ଠାରୁ ଏକ ଖଣ୍ଡା ପାଇଥିବା ନେଇ ପାରମ୍ପରିକ ଭାବେ ବିଶ୍ୱାସ କରାଯାଏ।' ଏକଥା ସତ ଯେ ଆମ ଦେଶରେ ଦେବୀ ପୂଜା ଯେପରି ପ୍ରାଚୀନ, ସେହିପରି ଯୁଦ୍ଧ ପୂର୍ବରୁ ଓ ଚାଲିଥିବାବେଳେ ହିନ୍ଦୁ ଶାସକମାନେ ଶକ୍ତିସ୍ୱରୂପଙ୍କୁ ସ୍ମରଣ କରିବା କିଛି ନୂଆ କଥା ନୁହେଁ, ଏହା ପରମ୍ପରାରେ ରହିଛି। ତେବେ ଏନ୍‌ସିଇଆର୍‌ଟିର ମୁଖ୍ୟ ଉଲ୍ଲେଖ କରିଛନ୍ତି ' ମାଧ୍ୟମିକସ୍ତରରେ ସମାଜ ବିଜ୍ଞାନ ଶିକ୍ଷାର ଉଦ୍ଦେଶ୍ୟ ହେଉଛି ସମାଲୋଚନାତ୍ମକ ଅନୁସନ୍ଧାନକୁ ଉତ୍ସାହିତ କରିବା। ମାଧ୍ୟମିକସ୍ତରରେ ସମାଜ ବିଜ୍ଞାନ ଶିକ୍ଷା ବିଶ୍ଳେଷଣାତ୍ମକ ତଥା ଆଲୋଚନାତ୍ମକ କ୍ଷମତା ବିକାଶ କରିବା, ସମାଲୋଚନାତ୍ମକ ଅନୁସନ୍ଧାନକୁ ଉତ୍ସାହିତ କରିବା, ଆନ୍ତଃ-ସାଂସ୍କୃତିକ ବୁଝାମଣାକୁ ପ୍ରୋତ୍ସାହିତ କରିବା ଏବଂ ନାଗରିକ ତଥା ସାମାଜିକ ଜୀବନରେ ଆତ୍ମବିଶ୍ୱାସ ଓ ଦାୟିତ୍ୱବୋଧ ସହିତ ଅଂଶଗ୍ରହଣ ପାଇଁ ଶିକ୍ଷାର୍ଥୀମାନଙ୍କୁ ସକ୍ଷମ କରିବା ନେଇ ଆଶା କରାଯାଏ।'

ଯଦି ଦେବୀ ମା'ଙ୍କ ଠାରୁ ରାଜାମାନେ ଖଣ୍ଡାପ୍ରାପ୍ତି ହେବା ଓ ଏନ୍‌ସିଇଆର୍‌ଟି ମୁଖ୍ୟ ବାକ୍ୟାଂଶ' ସମାଲୋଚନାତ୍ମକ ଅନୁସନ୍ଧାନକୁ ଉତ୍ସାହିତ କରିବା' କଥାଟିର ଉଲ୍ଲେଖ ଏ ପରିପ୍ରେକ୍ଷୀରେ କେତେ ଦୂର ପ୍ରଯୋଜ୍ୟ ତାହା ଗୁରୁତ୍ୱ ଥିବା କିଛି ମନେ ହେଉନାହିଁ। ଆଲୋଚ୍ୟ ପ୍ରସଙ୍ଗ ଯେ ଶୈକ୍ଷିକ ଦିଗ ଓ ଐତିହାସିକ ବର୍ଣ୍ଣନ ମଧ୍ୟରେ ଏକ ଗଭୀର ବିଭାଜନ କେବଳ ସୃଷ୍ଟି କରେନାହିଁ, ଅଧିକନ୍ତୁ ନିରପେକ୍ଷ ଚିନ୍ତନ ଓ ଭାରତର ଭବିଷ୍ୟତକୁ ଏକ ଗୋଳମାଳିଆ ସ୍ଥିତିକୁ ଓଟାରି ନେବା ଭଳି ମନେହୁଏ। ଖଣ୍ଡାପ୍ରାପ୍ତି ପାଇଁ 'ବିଶ୍ୱାସ କରାଯାଏ' ଉଲ୍ଲେଖ କରାଯିବାବେଳେ ଐତିହାସିକ ତଥ୍ୟର ସତ୍ୟତା କେତେ ତାହାର ପ୍ରଶ୍ନ ଉପସ୍ଥାପିତ ହେବା ସ୍ୱାଭାବିକ। ମନେ ରଖିବାକୁ ହେବ ଯେ ଗୁଣାତ୍ମକ ଶିକ୍ଷା ସର୍ବଦା ତଥ୍ୟ ଆଧାରିତ। ବିଜ୍ଞାନକୁ ସାରା ବିଶ୍ୱ ଗୁରୁତ୍ୱ ଦେଉଛି। ଏଆଇର ଉନ୍ମେଷ ଯୁଗରେ ବିଶ୍ୱାସ ଓ ତଥ୍ୟ ମଧ୍ୟରୁ କେଉଁଟି ଗୁରୁତ୍ୱପୂର୍ଣ୍ଣ ? ବିକଶିତ ଭାରତ – ୨୦୪୭ କଥା କୁହାଯାଉଥିବାବେଳେ ଏ ପ୍ରସଙ୍ଗ ଉପରେ ଅଧିକ ବିଚାରବିମର୍ଶ ହେବା ଆବଶ୍ୟକ।

# ବିଭାଜିତ ହେବ ବିଭାଜନକାରୀ ବ୍ରିଟିଶ ସାମ୍ରାଜ୍ୟ !

ଡ. ପ୍ରମୋଦ କୁମାର ପଣ୍ଡା

**ଡିଭାଇଡ ଏଣ୍ଡ ରୁଲ, ଭାଗ ଭାଗ କର ଓ ଶାସନ କର ବିଦେଶୀ ଦେଶକୁ ଶାସନ କରିବାବେଳେ ବ୍ରିଟିଶ ସରକାରର ମୁଖ୍ୟ କୂଟନୈତିକ ଅସ୍ତ୍ର ଥିଲା। ଲୋକଙ୍କୁ ବିଭାଜନ କରି ପାରସ୍ପରିକ ବିଦ୍ୱେଷ ସୃଷ୍ଟି କରିବାରେ ଇଂରେଜ ସରକାର ମାହିର ଥିଲା। ଲୋକଙ୍କୁ ଏକଜୁଟ ହେବାକୁ ନ ଦେଇ ନିଜେ ତାର ଲାଭ ନେଉଥିଲା। ବିଭାଜନ କରି ଶାସନ କରୁଥିବା ସାମ୍ରାଜ୍ୟ ଆଜି ନିଜେ ବିଭାଜିତ ହେବାକୁ ଯାଉଛି। ଗ୍ରେଟ ବ୍ରିଟେନ ଏବେ ପୂର୍ବବତ୍ ଇଂଲଣ୍ଡ ହେବ। ଗ୍ରେଟ ରହିବନି। ବୁଣିଥିବା ଫସଲ କାଟିବ।**

ଦ୍ୱିନ ଥିଲା ଯେତେବେଳେ ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ ଅସ୍ତ ହୁଏ ନାହିଁ ବୋଲି କୁହାଯାଉଥିଲା। ଭାରତ ସମେତ ବିଶ୍ୱର ୧୦୦ ଗୋଟି ଦେଶ ଓ ପ୍ରାୟ ୨୫% ଭୂଭାଗ ବ୍ରିଟିଶ ଶାସନାଧୀନ ଥିଲା। ଇଂରାଜୀ ହୁକୁମତ ଚାଲିଥିଲା। ସମୟ ବଡ଼ ବଳବାନ। ସବୁବେଳେ ସମାନ ନ ଥାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରଠୁ ବ୍ରିଟିଶ ସମ୍ରାଜ୍ୟର ସଙ୍କୋଚନ ଆରମ୍ଭ ହେବାକୁ ଲାଗିଲା। ସମସ୍ତ ବିଦେଶୀ ଉପନିବେଶ ସ୍ୱତନ୍ତ୍ର ହୋଇଗଲେ। ବିଶାଳ ବ୍ରିଟିଶ ସାମ୍ରାଜ୍ୟର ସୀମା କେବଳ ଚାରିଗୋଟି ରାଜ୍ୟ – ଇଂଲଣ୍ଡ, ସ୍କଟଲ୍ୟାଣ୍ଡ, ୱେଲ୍ସ ଏବଂ ଉତ୍ତର ଆୟରଲ୍ୟାଣ୍ଡ ମଧ୍ୟରେ ସୀମିତ ହୋଇ ରହିଗଲା ଯାହା ବର୍ତ୍ତମାନ ୟୁନାଇଟେଡ଼ କିଙ୍ଗଡମ ରୂପେ ପରିଚିତ। ମୁଖ୍ୟ ବ୍ରିଟିଶ ସରକାର ଏହାର ଶାସନ ପରିଚାଳନା କରନ୍ତି ଯାହା ଚାରିଗୋଟି ଗୁରୁତ୍ୱପୂର୍ଣ୍ଣ ଭାଗରେ କାମ କରେ। ରାଜତନ୍ତ୍ର, ବ୍ରିଟିଶ ସଂସଦ, ସରକାର ଓ ପ୍ରଧାନମନ୍ତ୍ରୀ ଓ ସ୍ଥାନୀୟ ସରକାର ବା ବିକେନ୍ଦ୍ରୀକରଣ। ବ୍ରିଟେନରେ ଜଣେ ରାଜା ଥାଆନ୍ତି ଯିଏ ଭାରତର ମହାମହିମ ରାଷ୍ଟ୍ରପତିଙ୍କ ଭଳି କ୍ଷମତା ବିହୀନ ଶାସନ ମୁଖ୍ୟ। ସଂସଦରେ ଦୁଇଟି ଗୃହ ଥାଏ। ହାଉସ ଅଫ କମନ୍ସ ଓ ହାଉସ ଅଫ ଲର୍ଡ୍ସ ଯାହା ଭାରତର ଲୋକସଭା ଓ ରାଜ୍ୟସଭା ଭଳି କାମ କରେ। ସାଧାରଣ ନିର୍ବାଚନ ମାଧ୍ୟମରେ ହାଉସ ଅଫ କମନ୍ସ ପାଇଁ ସାଂସଦ ନିର୍ବାଚିତ ହୁଅନ୍ତି। ସଂଖ୍ୟାଗରିଷ୍ଠତା ହାସଲ କରିଥିବା ଦଳ ସରକାର ଗଠନ କରେ। ଦଳ ମୁଖ୍ୟ ପ୍ରଧାନମନ୍ତ୍ରୀ ହୁଅନ୍ତି ଓ ତାଙ୍କ ଅଧୀନରେ ମନ୍ତ୍ରିମଣ୍ଡଳ ଗଠିତ ହୁଏ। ଲଣ୍ଡନର ମୁଖ୍ୟ ସଂସଦ ପ୍ରତିରକ୍ଷା, ବୈଦେଶିକ ନୀତି ଏବଂ ମୁଦ୍ରା ଭଳି ପ୍ରମୁଖ ଓ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ନିଷ୍ପତ୍ତି ନିଏ। ସ୍କଟଲ୍ୟାଣ୍ଡ, ୱେଲ୍ସ ଏବଂ ଉତ୍ତର ଆୟରଲ୍ୟାଣ୍ଡର ନିଜ ନିଜର ସ୍ଥାନୀୟ ସଂସଦ ରହିଛି। ସେମାନେ ସ୍ଥାନୀୟ ଆଇନ ତିଆରି କରନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବହନ ଭଳି କ୍ଷେତ୍ରରେ ତାଙ୍କର ସ୍ୱାଧୀନ ନିଷ୍ପତ୍ତି ନେଇଥାନ୍ତି। ବ୍ରିଟେନରେ ଦ୍ୱିଦଳୀୟ ବ୍ୟବସ୍ଥା ପ୍ରଚଳିତ। ଭାରତ ଭଳି ବହୁଦଳୀୟ ବ୍ୟବସ୍ଥା ନାହିଁ। ମୁଖ୍ୟ ସଂସଦରେ ସମ୍ପ୍ରତି ଲେବର ପାର୍ଟି ଶାସନରେ। କଞ୍ଜରଭେଟିଭ ବିରୋଧୀ। ୱେଲ୍ସର ସଂସଦର ନାମ ସେନେଡ଼। ପ୍ଲେଡ କାମ୍ରି ନାମକ ଏକ ଆଞ୍ଚଳିକ ଦଳ ୨୭ ବର୍ଷର ମୁଖ୍ୟ ଲେବର ପାର୍ଟିକୁ ନିର୍ବାଚନରେ ପରାସ୍ତ କରି ଏବେ ଶାସନକୁ ଆସିଛି। ଏହି ଦଳ ବ୍ରିଟେନରୁ ୱେଲ୍ସର ସ୍ୱାଧୀନତା ଚାହେଁ। ସ୍କଟଲ୍ୟାଣ୍ଡର ସଂସଦକୁ ହୋଲିରୁଡ଼ କୁହାଯାଏ। ଏଠାକାର ଶାସକ ଦଳ ଏସଏନପି, ସ୍କଟଲ୍ୟାଣ୍ଡ ନେସନାଲିଷ୍ଟ ପାର୍ଟିର ସମ୍ପୂର୍ଣ୍ଣ ସ୍ୱାଧୀନତାବାଦୀ ନୀତି। ଏମାନେ ମଧ୍ୟ ବ୍ରିଟେନରୁ ନିଜକୁ ଅଲଗା କରିବାକୁ ଚାହାନ୍ତି। ଉତ୍ତର ଆୟରଲ୍ୟାଣ୍ଡର ଶାସନ ବ୍ୟବସ୍ଥା ଭିନ୍ନ। ଗୁଡ଼ ଫ୍ରାଏଡେ ଚୁକ୍ତି ଅନୁସାରେ ଏଠାରେ ଉଭୟ ଶାସକ ଏବଂ ବିରୋଧୀ ଦଳ ଏକାଠି ମିଶି ଶାସନ କରନ୍ତି। ବର୍ତ୍ତମାନର ଶାସକ ଦଳ ଶିନଫେନ ବ୍ରିଟେନରୁ ଅଲଗା ହୋଇ ଦକ୍ଷିଣ ଆୟରଲ୍ୟାଣ୍ଡ, ଯାହା ସମ୍ପ୍ରତି ରିପବ୍ଲିକ ଅଫ ଆୟରଲ୍ୟାଣ୍ଡ ରୂପେ ପରିଚିତ, ସହ ମିଶ୍ରଣ ଚାହେଁ। କିନ୍ତୁ ବିପକ୍ଷ ଏମା ଲିଟିଲ ପ୍ରେଙ୍ଗଲି ୟୁକେ ସହ ରହିବାକୁ ଇଚ୍ଛୁକ।

ପୂର୍ବରୁ ଇଂଲଣ୍ଡ, ୱେଲ୍ସ, ସ୍କଟଲ୍ୟାଣ୍ଡ ଓ ଆୟରଲ୍ୟାଣ୍ଡ ସ୍ୱତନ୍ତ୍ର ଦେଶ ଥିଲା। ଏମାନଙ୍କ ମତରେ ଇଂଲଣ୍ଡ ସବୁଠୁ ବଡ଼ ଓ ଶକ୍ତିଶାଳୀ ଥିଲା। ଆଜିଠୁ ୧୧୦୦ ବର୍ଷ ପୂର୍ବେ ୯୨୭ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର



ଗଠନ ହୋଇଛି। ଚାରି ଦେଶ ଅଲଗା ଅଲଗା ଥିବାବେଳେ ଖୁବ୍ ରକ୍ତାକ୍ତ ସଂଘର୍ଷ ହୋଇଛି। ଅନେକ ଥର ଯୁଦ୍ଧ କରି ଇଂଲଣ୍ଡ ସ୍କଟଲ୍ୟାଣ୍ଡକୁ ନିଜ ଅଧୀନକୁ ଆଣିପାରି ନ ଥିଲା। ପରେ ସ୍କଟଲ୍ୟାଣ୍ଡ ଏକ ରାଜନୈତିକ ଚୁକ୍ତିରେ ଇଂଲଣ୍ଡ ସହ ମିଶିଥିଲା। ଇଂଲଣ୍ଡ ସେନା ଉଭୟ ୱେଲ୍ସ ଓ ଆୟରଲ୍ୟାଣ୍ଡ ଆକ୍ରମଣ କରି ଜୋରଜବରଦସ୍ତ ସ୍ଥାନୀୟ ରାଜାଙ୍କୁ ଗାଦିଚ୍ୟୁତ କରିଥିଲେ, ଇଂଲଣ୍ଡ ସହ ମିଶାଇଥିଲେ। ୱେଲ୍ସ, ସ୍କଟଲ୍ୟାଣ୍ଡ ଓ ଆୟରଲ୍ୟାଣ୍ଡ ଇଂଲଣ୍ଡ ସହିତ ଯଥାକ୍ରମେ ତ୍ରୟୋଦଶ, ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ମିଶିଥିଲେ। ୧୮୦୧ ମସିହାରେ ଇଂଲଣ୍ଡ ସହିତ ମିଶିଥିବା ଆୟରଲ୍ୟାଣ୍ଡ ୧୯୨୧ ରେ ଦୁଇ ଫାଳ ହୋଇଥିଲା। ଦକ୍ଷିଣ ଆୟରଲ୍ୟାଣ୍ଡ ନିଜକୁ ବ୍ରିଟିଶ ଠାରୁ ମୁକ୍ତ କରି ରିପବ୍ଲିକ ଅଫ ଆୟରଲ୍ୟାଣ୍ଡ ନାମକ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ କରିଥିଲା। କିନ୍ତୁ ଉତ୍ତର ଆୟରଲ୍ୟାଣ୍ଡ ଏପର୍ଯ୍ୟନ୍ତ ଇଂଲଣ୍ଡ ଅଧୀନରେ ରହିଛି।

ବର୍ତ୍ତମାନ ୱେଲ୍ସ, ସ୍କଟଲ୍ୟାଣ୍ଡ ଏବଂ ଉତ୍ତର ଆୟରଲ୍ୟାଣ୍ଡ ଇଂଲଣ୍ଡ ଠାରୁ ସ୍ୱାଧୀନ ହୋଇ ନିଜ ନିଜର ସ୍ୱତନ୍ତ୍ର ରାଷ୍ଟ୍ର ଗଠନ କରିବାକୁ ଚାହୁଁଛନ୍ତି। ଏଥିନିମିତ୍ତ ୧୪.୯.୨୦୨୬ ରେ ତିନିଦେଶ ମଧ୍ୟରେ ୱେଲ୍ସର ରାଜଧାନୀ ଜାର୍ଡଫର ସେନ୍ଟ ଡେଭିଡସ ପଞ୍ଚତାରକା ହୋଟେଲରେ ଏକ ବଡ଼ ଏବଂ ଐତିହାସିକ ଶିଖର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ସ୍କଟଲ୍ୟାଣ୍ଡର ପ୍ରଥମ ପ୍ରଧାନମନ୍ତ୍ରୀ ଜନ ସ୍ୱିନି, ୱେଲ୍ସର ପ୍ରଥମ ପ୍ରଧାନମନ୍ତ୍ରୀ ରାନ ଆପ ଇଅରୱର୍ଥ ଏବଂ ଉତ୍ତର ଆୟରଲ୍ୟାଣ୍ଡର ପ୍ରଥମ ପ୍ରଧାନମନ୍ତ୍ରୀ ମିସେଲ ଓ' ନିଲ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ବ୍ରିଟିଶ ସରକାର ଠାରୁ ନିଜ ନିଜ ଅଞ୍ଚଳରେ ସ୍ୱାଧୀନତା ଜନମତ ସଂଗ୍ରହ କରିବାର ଆଇନଗତ ଅଧିକାର ନିମିତ୍ତ ଯୁଗ୍ମ ଘୋଷଣାନାମା, ମିଳିତ ରଣନୀତି ଏବଂ ସ୍ୱତନ୍ତ୍ର ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଛି। ଏହାରି ଆଧାରରେ ସେମାନେ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବେ। ନିଜର ଦାବି ରଖିବେ। ସରକାର ରାଜି ହେଲେ ବିଭାଜନ ପାଇଁ ଜନମତ ସଂଗୃହୀତ ହୁଏ। କିନ୍ତୁ ଏହି ପ୍ରସ୍ତାବରେ ରାଜି ହେବା କିମ୍ବା ନ ହେବା ସରକାରଙ୍କ ଇଚ୍ଛାଧୀନ ବ୍ୟାପାର।

ବିଭାଜନ ପ୍ରକ୍ରିୟା ଜନମତ ସଂଗ୍ରହ ବା ରେଫରେଣ୍ଡମ ମାଧ୍ୟମରେ ହୁଏ। ଏଥିରେ ସମ୍ପୃକ୍ତ ଦେଶର ସମସ୍ତ ନାଗରିକ ଭୋଟ ଦିଅନ୍ତି। ବିଭାଜନ ପ୍ରକ୍ରିୟା ମୁଖ୍ୟତଃ ତିନିଗୋଟି ସୋପାନରେ ସମ୍ପାଦିତ ହୋଇଥାଏ। ପ୍ରଥମ – ଜନମତ ସଂଗ୍ରହ ପାଇଁ ଲଣ୍ଡନ ସଂସଦର ମଞ୍ଜୁରି, ଦ୍ୱିତୀୟ – ଜନମତ ସଂଗ୍ରହ ଓ ତୃତୀୟ – ଶାନ୍ତିପୂର୍ଣ୍ଣ ଆଲୋଚନା ଓ ପୃଥକୀକରଣ। ତୃତୀୟ ପର୍ଯ୍ୟାୟରେ ନୂଆ ଦେଶ ଓ ବ୍ରିଟିଶ ସରକାର ମଧ୍ୟରେ ଅର୍ଥ, ସେନା ଓ ସୀମା ଭାଗବଣ୍ଟାକୁ ନେଇ ଆଲୋଚନା ହୁଏ। ଜାତି ସଂଘ ଦ୍ୱାରା ନୂଆ ଦେଶ ଭାବେ ସ୍ୱୀକୃତି ମିଳେ।

ଏଠି ପ୍ରଶ୍ନ ଉଠେ ଯେ ବିଭାଜନ ପରେ କଣ ହେବ? ଯଦି ବିଭାଜନ ହୁଏ ତେବେ ୟୁକେର ନାମ ଓ ଭୂଗୋଳ ବଦଳିଯିବ। ବ୍ରିଟିଶ ସଂସଦର କ୍ଷମତା ହ୍ରାସ ହେବ। ସ୍କଟଲ୍ୟାଣ୍ଡ ଓ ୱେଲ୍ସ ୟୁରୋପୀୟ ସଂଘର ସଦସ୍ୟତା ପାଇଁ ଆବେଦନ କରିବେ। ଉତ୍ତର ଆୟରଲ୍ୟାଣ୍ଡ ଦକ୍ଷିଣ ଆୟରଲ୍ୟାଣ୍ଡ ସହିତ ମିଶିଯିବ। ସୀମା ଓ ପାସପୋର୍ଟ ନିୟମ ଲାଗୁ ହେବ। ଅର୍ଥନୀତି ଏବଂ ସମ୍ପତ୍ତିର ଭାଗବଣ୍ଟା ହେବ। ନୂଆ ମୁଦ୍ରା ପ୍ରଚଳିତ ହେବ କିମ୍ବା ପୃଥକ ହୋଇଥିବା ଦେଶରେ ପାଉଣ୍ଡ ବଦଳରେ ୟୁରୋ ରହିବ। ଅଷ୍ଟ୍ରେଲିଆ ଓ କାନାଡ଼ା ଭଳି ବ୍ରିଟିଶ ରାଜା ନୂଆ ଦେଶମାନଙ୍କର ନାମମାତ୍ର ମୁଖ୍ୟ ରହି ପାରନ୍ତି କିମ୍ବା ରାଜତନ୍ତ୍ର ହଟାଇ ନିଜକୁ ଗଣତନ୍ତ୍ର ଘୋଷିତ କରିପାରନ୍ତି। ଅନ୍ୟାନ୍ୟ ପରିବର୍ତ୍ତନ ମଧ୍ୟ ଆସିପାରେ।

ଡିଭାଇଡ ଏଣ୍ଡ ରୁଲ, ଭାଗ ଭାଗ କର ଓ ଶାସନ କର ବିଦେଶୀ ଦେଶକୁ ଶାସନ କଲାବେଳେ ବ୍ରିଟିଶ ସରକାରର ମୁଖ୍ୟ କୂଟନୈତିକ ଅସ୍ତ୍ର ଥିଲା। ଲୋକଙ୍କୁ ବିଭାଜନ କରି ପାରସ୍ପରିକ ବିଦ୍ୱେଷ ସୃଷ୍ଟି କରିବାରେ ଇଂରେଜ ସରକାର ମାହିର ଥିଲା। ଲୋକଙ୍କୁ ଏକଜୁଟ ହେବାକୁ ନ ଦେଇ ନିଜେ ତାର ଲାଭ ନେଉଥିଲା। ବିଭାଜନ କରି ଶାସନ କରୁଥିବା ସାମ୍ରାଜ୍ୟ ଆଜି ନିଜେ ବିଭାଜିତ ହେବାକୁ ଯାଉଛି। ଗ୍ରେଟ ବ୍ରିଟେନ ଏବେ ପୂର୍ବବତ୍ ଇଂଲଣ୍ଡ ହେବ। ଗ୍ରେଟ ରହିବନି। ବୁଣିଥିବା ଫସଲ କାଟିବ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ-୭୯୭୮୨୮୩୧୯୦

# ଏଇ ଜୀବନଟା ଏକ ନାଟକ

ମିଳନ କୁମାର ମିଶ୍ର

ଜୀବନଟା ବୋଧହୁଏ ଏକ ଅଦ୍ଭୁତ ନାଟକ । ଏଠି ମଞ୍ଚ ଅଛି, ଆଲୋକ ଅଛି, ଦର୍ଶକ ଅଛନ୍ତି, ଚରିତ୍ର ଅଛନ୍ତି ଏବଂ ପ୍ରତ୍ୟେକ ଚରିତ୍ରର ନିଜ ନିଜ ଭୂମିକା ଅଛି । କେହି ନାୟକ, କେହି ଖଳନାୟକ, କେହି ପାର୍ଶ୍ୱଚରିତ୍ର, ଆଉ କେହି ଅଳ୍ପ ସମୟ ପାଇଁ ମଞ୍ଚକୁ ଆସି ନିଜ ଅଭିନୟ ସାରି ଚୁପ୍‌ଚାପ ଚାଲିଯାଆନ୍ତି । ତଫାତ ଏତିକି—ଅନ୍ୟ ନାଟକରେ ଅଭିନେତା ଜାଣିଥାଏ ଯେ ନାଟକ କେବେ ସରିବ, କିନ୍ତୁ ଜୀବନର ଏହି ନାଟକରେ ସେହି ଶେଷ ଦୃଶ୍ୟ କାହାକୁ ବି ଜଣା ନ ଥାଏ ।

ଏ ନାଟକରେ ହସ ଅଛି, କାନ୍ଦ ଅଛି; ମିଳନ ଅଛି, ବିଚ୍ଛେଦ ଅଛି; ଆଶା ଅଛି, ନିରାଶା ଅଛି । କେବେ ମଞ୍ଚ ଆଲୋକରେ ଝଲମଲ କରେ, କେବେ ହଠାତ୍ ଅନ୍ଧାର ଘୋଟି ଆସେ । ଆଜି ଯିଏ ହସୁଛି, କାଲି ତା' ଆଖିରେ ଲୁହ ଥାଇପାରେ । ଆଜି ଯିଏ ଆମ ପାଖରେ ଛିଡ଼ା ହୋଇଛି, କାଲି ସେହି ମଣିଷଟି ଆମ ଜୀବନର ମଞ୍ଚରୁ ଅଦୃଶ୍ୟ ହୋଇଯାଇପାରେ । ତଥାପି ନାଟକ ଚାଲିଥାଏ । ଜଣେ ଚାଲିଗଲେ ଅନ୍ୟ ଜଣେ ମଞ୍ଚକୁ ଆସନ୍ତି । ଗୋଟିଏ ଦୃଶ୍ୟ ଶେଷ ହେଲେ ଆଉ ଗୋଟିଏ ଦୃଶ୍ୟ ଆରମ୍ଭ ହୁଏ । ଆଜି ବି ଆମେ ସମସ୍ତେ ଏହି ନାଟକରେ ମୁଖା ପିନ୍ଧି ଅଭିନୟ କରୁଛୁ । କେହି ହସର ମୁଖା ପିନ୍ଧି ଭିତରର ଯନ୍ତ୍ରଣା ଲୁଚାଉଛି, କେହି ସଫଳତାର ମୁଖା ପିନ୍ଧି ନିଜର ଅସହାୟତାକୁ ଢାଙ୍କୁଛି । କେହି ଶକ୍ତ ହୋଇ ରହିବାର ଅଭିନୟ କରୁଛି, ଯଦିଓ ସେତେବେଳେ ସେ ଭିତରେ



ଭିତରେ ଭାଙ୍ଗିପଡ଼ିଛି । ସମାଜ ଆମକୁ ଭିନ୍ନ ଭିନ୍ନ ଭୂମିକା ଦିଏ—କାହାକୁ ବାପା, କାହାକୁ ମାଆ, କାହାକୁ ପୁଅ, କାହାକୁ ଝିଅ, କାହାକୁ ବନ୍ଧୁ, କାହାକୁ କର୍ମଚାରୀ, କାହାକୁ କର୍ତ୍ତା । ଆମେ ଭୂମିକା ବଦଳାଉ, ମୁଖା ବଦଳାଉ, କିନ୍ତୁ ଅଭିନୟ ଚାଲିଥାଏ ।

ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି—ଆମେ ମୁଖାକୁ ହିଁ ନିଜର ମୁହଁ ବୋଲି ଭାବିବା ଆରମ୍ଭ କରିଦେଉ । ଭୂମିକାକୁ ନିଜର ଅସ୍ତିତ୍ୱ ଭାବିନେଉ । ପଦ ଚାଲିଗଲେ ନିଜକୁ ଛୋଟ ମନେ କରୁ, ସମ୍ପତ୍ତି ଚାଲିଗଲେ ଜୀବନକୁ ଶୂନ୍ୟ ଭାବୁ, ସମ୍ପର୍କ ଭାଙ୍ଗିଗଲେ ନିଜକୁ ଅସହାୟ ମନେ କରୁ । ଆମେ ଭୁଲିଯାଉ ଯେ ଏସବୁ ନାଟକର ପୋଷାକ ଓ ଭୂମିକା ମାତ୍ର । ନାଟକ ଶେଷ ହେଲେ ପୋଷାକ ଖୋଲିବାକୁ ପଡ଼ିବ, ମୁଖା କାଢ଼ିବାକୁ ପଡ଼ିବ । ଏହି ନାଟକର ସବୁଠାରୁ ନିଶ୍ଚିତ ଦୃଶ୍ୟ ହେଉଛି—ବାହୁଡ଼ିଯିବା ।

କେବେ ନାଟକ ପୂରା ହୁଏ, କେବେ ଅଧାରେ ପରଦା ପଡିଯାଏ । କାହାର ଅଭିନୟ ଶେଷ ହୁଏ ଶୈଶବରେ, କାହାର ଯୌବନରେ, କାହାର ବୃଦ୍ଧାବସ୍ଥାରେ । ମଞ୍ଚରେ ଦୃଶ୍ୟ ଚାଲିଥିବା ବେଳେ ମଧ୍ୟ କେତେକ ଅଭିନେତାଙ୍କୁ ହଠାତ୍ ପରଦା ପଛକୁ ଡାକି ନିଆଯାଏ । ନାଟକ ସରିଲା କି ନାହିଁ, ତାହା ତାଙ୍କ ପାଇଁ ଆଉ ପ୍ରଶ୍ନ ନୁହେଁ । ସେମାନେ ବାହୁଡ଼ିଯାଆନ୍ତି—ଅଜଣା ଏକ ଦିଗକୁ।

ତେବେ ଏହି ଅଳ୍ପ ସମୟର ଅଭିନୟ ପାଇଁ ଏତେ ଅହଂକାର କାହିଁକି ? ଏତେ ଈର୍ଷା କାହିଁକି ? ଏତେ ଆସକ୍ତି, ଏତେ ରାଗ, ଏତେ ଅଭିମାନ କାହିଁକି ? ଯାହା ଆଜି ଆମର, ତାହା କାଲି ଅନ୍ୟ କାହାର ହେବ । ଯେଉଁ ଘରକୁ ନିଜର ବୋଲି ଭାବୁଛୁ, କାଲି ସେଠି ଆମେ ଫଟୋଟିଏ କାନ୍ଥରେ ଝୁଲିବ । ଯେଉଁ ଚେୟାର ପାଇଁ ଏତେ ଦୌଡ଼, ଦିନେ ସେହି ଚେୟାରରେ ଅନ୍ୟ ଜଣେ କେହି ବସିବେ । ତେଣୁ ଜୀବନର ଏହି ନାଟକରେ ଅଭିନୟ କରିବା- କିନ୍ତୁ ମୁଖାକୁ ନିଜର ମୁହଁ ଭାବିବା ନାହିଁ । ସମ୍ପର୍କକୁ ଭଲପାଇବା-କିନ୍ତୁ ତାହାକୁ ଚିରସ୍ଥାୟୀ ଭାବିବା ନାହିଁ । ସୁଖ ଆସିଲେ ଉପଭୋଗ କରିବା, ଦୁଃଖ ଆସିଲେ ତାକୁ ମଧ୍ୟ ଗ୍ରହଣ କରିବା । କାରଣ ଆମେ ଜାଣୁ,ଏହି ଦୃଶ୍ୟ ମଧ୍ୟ ଦିନେ ଶେଷ ହେବ।

ପରଦା କେବେ ପଡିବ, କେହି ଜାଣେନାହିଁ । କିନ୍ତୁ ପରଦା ପଡ଼ିବା ନିଶ୍ଚିତ । ସେଥିପାଇଁ ଯେତେଦିନ ମଞ୍ଚ ଆମ ପାଇଁ ଖୋଲା ଅଛି, ସେତେଦିନ ଆମର ଅଭିନୟଟି ଏମିତି ହେଉ—ଯେପରି ପରଦା ପଡିଯିବା ପରେ ମଧ୍ୟ ଦର୍ଶକଙ୍କ ମନରେ ଆମ ଚରିତ୍ରଟି ବଞ୍ଚି ରହିବ । ଏହା ହିଁ ଜୀବନ—ଏକ ଅସ୍ଥାୟୀ ରଙ୍ଗମଞ୍ଚ, କିଛି ଧାରକରା ମୁଖା, କିଛି ଅଭିନୀତ ଚରିତ୍ର, ଅନେକ ହସ ଓ ଲୁହ; ଆଉ ଶେଷରେ, ନାଟକ ସରୁ କି ନ ସରୁ, ନିରବରେ ବାହୁଡ଼ିଯିବା।

ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱରପୁର ଶାସନ, କେନ୍ଦୁଝର ବଜାର
କେନ୍ଦୁଝର, ମୋ: ୭୦୦୮୨୪୧୨୮୭

# ଉତ୍ସବର ଉଲ୍ଲାସ କି ଧ୍ୱନିର ଆତଙ୍କ ?

ଶୁଭଲକ୍ଷ୍ମୀ ମିଶ୍ର

**ପ୍ରଦୂଷଣ ଆଉ କେବଳ ବ୍ୟକ୍ତିଗତ ଅସନ୍ତୋଷର ବିଷୟ ନୁହେଁ। ଏହା ଏବେ ସ୍ୱାସ୍ଥ୍ୟ, ପରିବେଶ, ଆଇନ ଓ ନାଗରିକ ଦାୟିତ୍ୱ ସହିତ ଜଡ଼ିତ ଏକ ବଡ଼ ସାମାଜିକ ପ୍ରଶ୍ନ।ଉତ୍ସବ ବନ୍ଦ ହେବା ଦରକାର ନାହିଁ। ସଙ୍ଗୀତ ମଧ୍ୟ ବନ୍ଦ ହେବା ଦରକାର ନାହିଁ। ଆବଶ୍ୟକ ହେଉଛି ଦାୟିତ୍ୱପୂର୍ଣ୍ଣ ଉତ୍ସବ ପାଳନ। ନିର୍ଦ୍ଧାରିତ ଧ୍ୱନିସୀମା ପାଳନ କରିବା, ରାତିର ସମୟସୀମାକୁ ସମ୍ମାନ କରିବା, ହସ୍ପିଟାଲ ଓ ଅନ୍ୟ ନିରବ ଅଞ୍ଚଳ ନିକଟରେ ଶବ୍ଦ ନିୟନ୍ତ୍ରଣ କରିବା ଏବଂ ନିୟମ ଉଲ୍ଲଂଘନ ହେଲେ ପ୍ରଶାସନର ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ। ସବୁଠାରୁ ବଡ଼ କଥା ହେଉଛି ଆମର ମାନସିକତା ବଦଳିବା ଦରକାର।**

ଉତ୍ସବ ଆମ ଜୀବନର ଅବିଚ୍ଛିନ୍ନ ଅଂଶ। ଢୋଲ, ମୃଦଙ୍ଗ, ଘଣ୍ଟ, ଶଙ୍ଖ ଓ ସଙ୍ଗୀତର ତାଳରେ ଆମ ସମାଜ ଶତାବ୍ଦୀ ଧରି ଆନନ୍ଦ ପାଳନ କରିଆସିଛି। ଉତ୍ସବ ମଣିଷକୁ ଏକାଠି କରେ, ସମ୍ପର୍କକୁ ନିକଟ କରେ ଏବଂ ଜୀବନରେ ଖୁସି ଭରିଦିଏ। କିନ୍ତୁ ଆଧୁନିକତାର ଦୌଡ଼ରେ ଏହି ଉତ୍ସବର ଶବ୍ଦ ଯେତେବେଳେ ସୀମା ଅତିକ୍ରମ କରୁଛି, ସେତେବେଳେ ଆନନ୍ଦର ଧ୍ୱନି ଅନ୍ୟ ଜଣଙ୍କ ପାଇଁ ଯନ୍ତ୍ରଣାର କାରଣ ପାଲଟୁଛି। ଆଜି ବିବାହ ଶୋଭାଯାତ୍ରା, ପୂଜା, ଭସାଣି, ଧାର୍ମିକ ଶୋଭାଯାତ୍ରା ଓ ବିଭିନ୍ନ ସାମାଜିକ ଉତ୍ସବରେ ଡିଜେର ଉଚ୍ଚଧ୍ୱନି ଏକ ସାଧାରଣ ଘଟଣା ହୋଇଯାଇଛି। ଏଠାରେ ସମସ୍ୟା ସଙ୍ଗୀତ କିମ୍ବା ଉତ୍ସବରେ ନୁହେଁ; ସମସ୍ୟା ହେଉଛି ଅନିୟନ୍ତ୍ରିତ ଧ୍ୱନି, ଦୀର୍ଘ ସମୟ ଧରି ଧ୍ୱନି ପ୍ରଦୂଷଣ ଏବଂ ନିୟମ ପ୍ରତି ଅବହେଳା। ପ୍ରଶ୍ନ ହେଉଛି—ଆମର କିଛି ଘଣ୍ଟାର ଆନନ୍ଦ ପାଇଁ ଅନ୍ୟ ଜଣଙ୍କ ନିଦ୍ରା, ସ୍ୱାସ୍ଥ୍ୟ ଓ ମାନସିକ ଶାନ୍ତିକୁ ବଳି ଦେବା କ'ଣ ଆବଶ୍ୟକ? ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅଧ୍ୟୟନ ଅନୁସାରେ ଦୀର୍ଘ ସମୟ ଧରି ଅତ୍ୟଧିକ ପରିବେଶୀୟ ଧ୍ୱନିର ସଂସ୍ପର୍ଶରେ ରହିବା ନିଦ୍ରା ବ୍ୟାଘାତ, ଶ୍ରବଣଶକ୍ତି ହ୍ରାସ, ମାନସିକ ଚାପ ଓ ହୃଦ୍‌ରୋଗ ସମ୍ବନ୍ଧୀୟ ସମସ୍ୟା ସହିତ ଜଡ଼ିତ। ଅତ୍ୟଧିକ ଧ୍ୱନି ମଣିଷର ଏକାଗ୍ରତା ଓ ଦୈନନ୍ଦିନ ଜୀବନର ଗୁଣମାନକୁ ମଧ୍ୟ ପ୍ରଭାବିତ କରିପାରେ। ବିଶେଷକରି ଶିଶୁ, ବୃଦ୍ଧ, ହୃଦ୍‌ରୋଗୀ, ନବଜାତ ଶିଶୁ ଓ ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀମାନେ ଏହାର ପ୍ରଭାବ ପ୍ରତି ଅଧିକ ସମ୍ବେଦନଶୀଳ। ଭାରତରେ ମଧ୍ୟ ଧ୍ୱନି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସ୍ପଷ୍ଟ ନିୟମ ରହିଛି। ଦୁଇ ହଜାର ମସିହାର ଧ୍ୱନି ପ୍ରଦୂଷଣ ନିୟନ୍ତ୍ରଣ ଓ ନିୟମନ ନିୟମାବଳୀ ଅନୁସାରେ ବାସଗୃହ ଅଞ୍ଚଳରେ ଦିନ ସମୟରେ ଧ୍ୱନିର ସୀମା ପଚାଶ ପାଞ୍ଚ ଡେସିବେଲ ଏବଂ ରାତିରେ ପଞ୍ଚଚାଳିଶ ଡେସିବେଲ ରଖାଯାଇଛି। ବାଣିଜ୍ୟିକ ଅଞ୍ଚଳରେ ଏହି ସୀମା ଯଥାକ୍ରମେ ପଞ୍ଚଷଠି ଓ ପଞ୍ଚାବନ ଡେସିବେଲ। ଶିଳ୍ପାଞ୍ଚଳ ପାଇଁ ଦିନରେ ପଞ୍ଚସ୍ତରି ଓ ରାତିରେ ସତୁରି ଡେସିବେଲ ସୀମା ରହିଛି। ହସ୍ପିଟାଲ, ଶିକ୍ଷାନୁଷ୍ଠାନ ଓ ଅଦାଲତ ଭଳି ସମ୍ବେଦନଶୀଳ ସ୍ଥାନ ଚାରିପାଖରେ ନିରବ ଅଞ୍ଚଳର ବ୍ୟବସ୍ଥା ମଧ୍ୟ ରହିଛି।ସାଧାରଣତଃ ରାତି ଦଶଟାରୁ ସକାଳ ଛଅଟା ପର୍ଯ୍ୟନ୍ତ ଲାଉଡ୍ ସ୍ପିକର କିମ୍ବା ସାର୍ବଜନୀନ ଧ୍ୱନିବର୍ଦ୍ଧକ ଯନ୍ତ୍ର ବ୍ୟବହାର ଉପରେ ନିଷେଧ ରହିଛି। ବିଶେଷ ଧାର୍ମିକ କିମ୍ବା ସାଂସ୍କୃତିକ ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୀମିତ ଛାଡ଼ ଦିଆଯାଇପାରେ। ତଥାପି ନିୟମ ରହିଥିବା ସତ୍ତ୍ୱେ ଅନେକ ସ୍ଥାନରେ ଉଚ୍ଚଧ୍ୱନିରେ ଡିଜେ ବାଜିବା ଆଜି ମଧ୍ୟ ଏକ ବଡ଼ ସମସ୍ୟା।ଓଡ଼ିଶାରେ ଏହି ସମସ୍ୟାର ଗମ୍ଭୀରତା ବିଭିନ୍ନ ଘଟଣାରୁ ବୁଝାଯାଇପାରେ। ଦୁଇ ହଜାର ଚବିଶ ମସିହାରେ ରାଉରକେଲାରେ ସରସ୍ୱତୀ ପୂଜା ଭସାଣି ଶୋଭାଯାତ୍ରା ସମୟରେ ଉଚ୍ଚଧ୍ୱନିରେ ଡିଜେ ବାଜୁଥିବା ବେଳେ ପଚାଶ ବର୍ଷୀୟ ଜଣେ ଚା' ଦୋକାନୀ ଅସୁସ୍ଥ ହୋଇପଡ଼ିଥିଲେ ଏବଂ ପରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା ସମ୍ବାଦ ପ୍ରକାଶ ପାଇଥିଲା। ପରିବାର ପକ୍ଷରୁ ଉଚ୍ଚଧ୍ୱନିକୁ ଏହି ଘଟଣା ସହିତ ଯୋଡ଼ାଯାଇଥିଲା ଏବଂ ପୋଲିସ ଡିଜେ ଚାଳକଙ୍କୁ ଅଟକ ରଖିଥିଲା। ଦୁଇ ହଜାର ପଚିଶ ମସିହାରେ ଭଦ୍ରକ ଜିଲ୍ଲାରେ ଏକ ଡିଜେ ଗାଡ଼ି ଉଚ୍ଚ ଭୋଲ୍ଟର ବିଦ୍ୟୁତ ତାର ସଂସ୍ପର୍ଶରେ ଆସିବାରୁ ଦୁଇଜଣଙ୍କ ମୃତ୍ୟୁ ଓ ଏଗାରଜଣ ଆହତ ହୋଇଥିବା ଖବର ଆସିଥିଲା। ଏଠାରେ ମୃତ୍ୟୁର ପ୍ରତ୍ୟକ୍ଷ କାରଣ ବିଦ୍ୟୁତ ଦୁର୍ଘଟଣା ଥିଲା। ଏହାକୁ ଧ୍ୱନି ପ୍ରଦୂଷଣଜନିତ ମୃତ୍ୟୁ ବୋଲି କହିବା ଠିକ୍ ହେବ ନାହିଁ। କିନ୍ତୁ ଏହି ଘଟଣା ଡିଜେ ଗାଡ଼ି ସହିତ ଶୋଭାଯାତ୍ରାରେ ଥିବା ଅନ୍ୟ ସୁରକ୍ଷା ବିପଦକୁ ନିଶ୍ଚିତ ଭାବେ ଦର୍ଶାଏ। ଦୁଇ ହଜାର ପଚିଶ ମସିହାରେ ରାୟଗଡ଼ାରେ ଗଣେଶ ମୂର୍ତ୍ତି ଭସାଣି ସମୟରେ ଦୁଇଜଣଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ପକ୍ଷରୁ ଉଚ୍ଚଶବ୍ଦର ଡିଜେକୁ ନେଇ ଅଭିଯୋଗ ହୋଇଥିଲା। ଦୁଇ ହଜାର ଛବିଶ ମସିହାରେ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ ଅଞ୍ଚଳରେ ବିବାହ ଶୋଭାଯାତ୍ରାର ଉଚ୍ଚଧ୍ୱନିକୁ ନେଇ ଜଣେ ସତଚାଳିଶ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଥିବା ନେଇ ଅଭିଯୋଗ ଆସିଥିଲା। ପରିବାର ପକ୍ଷରୁ ଡିଜେ ଧ୍ୱନିକୁ ଦାୟୀ କରାଯାଇଥିଲା। ତାଙ୍କର ପୂର୍ବରୁ ହୃଦ୍‌ରୋଗ ଥିବା କଥା ମଧ୍ୟ ପରିବାର ପକ୍ଷରୁ କୁହାଯାଇଥିଲା। ଏହି ଘଟଣାଗୁଡ଼ିକ ମଧ୍ୟରୁ କେତେକରେ ଡିଜେ ଧ୍ୱନି ସହିତ ମୃତ୍ୟୁର ସମ୍ପର୍କ ନେଇ ଅଭିଯୋଗ ହୋଇଛି, କିନ୍ତୁ ଓଡ଼ିଶା କିମ୍ବା ସମଗ୍ର ଭାରତରେ ପ୍ରତିବର୍ଷ ଧ୍ୱନି ପ୍ରଦୂଷଣ ଯୋଗୁଁ କେତେ ଲୋକଙ୍କ ମୃତ୍ୟୁ ହେଉଛି—ଏହାର କୌଣସି ସମ୍ପୂର୍ଣ୍ଣ ଓ ନିର୍ଭରଯୋଗ୍ୟ ସରକାରୀ ତଥ୍ୟ ଉପଲବ୍ଧ ନାହିଁ। ତେଣୁ ଅନୁମାନକୁ ମୃତ୍ୟୁସଂଖ୍ୟା ଭାବେ ପ୍ରଚାର କରିବା ଉଚିତ ନୁହେଁ। ଧ୍ୱନି ପ୍ରଦୂଷଣର ପ୍ରଭାବ କେବଳ ମଣିଷରେ ସୀମିତ ନୁହେଁ। ଆମ ସହର ଓ ଗାଁରେ ଆମ ସହିତ ବାସ କରୁଥିବା ପଶୁପକ୍ଷୀମାନେ ମଧ୍ୟ ଏହାର ଶିକାର ହେଉଛନ୍ତି। ଅତ୍ୟଧିକ ଧ୍ୱନି ପଶୁମାନଙ୍କ ମଧ୍ୟରେ ଭୟ, ଚାପ ଓ ଅସ୍ଥିରତା ସୃଷ୍ଟି କରିପାରେ। କୁକୁର ଓ ଅନ୍ୟ ପଶୁମାନେ ଭୟରେ ଦୌଡ଼ି ପଳାଇ ଦୁର୍ଘଟଣାର ଶିକାର ହୋଇପାରନ୍ତି। ପକ୍ଷୀମାନଙ୍କର ସ୍ୱାଭାବିକ ଯୋଗାଯୋଗ ଓ ଆଚରଣ ମଧ୍ୟ ଅତ୍ୟଧିକ ଧ୍ୱନିରେ ପ୍ରଭାବିତ ହୋଇପାରେ। ଦୁଇ ହଜାର ତେଇଶ ମସିହାରେ ଜଗତସିଂହପୁରରେ ଉଚ୍ଚଧ୍ୱନିର ଡିଜେକୁ ନେଇ ଏକ ଗର୍ଭବତୀ ଗାଈ ଅସୁସ୍ଥ ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଥିଲା। ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ପୋଲିସ ଡିଜେ ଗାଡ଼ି ଜବତ କରିଥିଲା। ଦୁଇ ହଜାର ଛବିଶ ମସିହାରେ ଉତ୍ତରପ୍ରଦେଶର ସୁଲତାନପୁରରେ ଏକ ବିବାହ ଶୋଭାଯାତ୍ରା ସମୟରେ ଅତ୍ୟଧିକ ଧ୍ୱନି ପରେ ପାଞ୍ଚ ହଜାର ତିନିଶହ କୁକୁଡ଼ା ମଧ୍ୟରୁ ଏକଶହ ଚାଳିଶଟି କୁକୁଡ଼ା ମରିଯାଇଥିବା ଖବର ପ୍ରକାଶ ପାଇଥିଲା। ପଶୁ ଚିକିତ୍ସା ପରୀକ୍ଷାରେ ହୃଦ୍‌କ୍ରିୟା ବନ୍ଦ ହେବାର କଥା ଆସିଥିଲା ଏବଂ ଘଟଣାକୁ ନେଇ ପୋଲିସ ମାମଲା କରିଥିଲା। ଏବଂ ଗତ ଦୁଇ ଦିନ ତଳେ ଜଟଣୀର ଗଣେଶ ପୂଜା ଭସାଣି ବେଳେ ହୋଇଥିବା ଲୋକଙ୍କ ମୃତାହତ ଘଟଣା ସମାଜରେ ଡିଜେକୁ ନେଇ ଆତଙ୍କର ପରିବେଶ ସୃଷ୍ଟି କରିଛି । ଏପରି ଘଟଣା ଆମକୁ ମନେ ପକାଇଦିଏ ଯେ ଆମେ ଯେଉଁ ଧ୍ୱନିକୁ ଉତ୍ସବର ଅଂଶ ବୋଲି ଭାବୁଛୁ, ଅନ୍ୟ ଜୀବଙ୍କ ପାଇଁ ତାହା ଭୟ ଓ ଯନ୍ତ୍ରଣାର କାରଣ ହୋଇପାରେ। ହସ୍ପିଟାଲ ନିକଟରେ ଉଚ୍ଚଧ୍ୱନିର ସମସ୍ୟା ଆହୁରି ଗମ୍ଭୀର। ଜଣେ ସୁସ୍ଥ ମଣିଷ ହୁଏତ କିଛି ସମୟ ପାଇଁ ଧ୍ୱନି ସହିପାରନ୍ତି, କିନ୍ତୁ ଅସ୍ତ୍ରୋପଚାର ପରେ ଥିବା ରୋଗୀ, ହୃଦ୍‌ରୋଗୀ, ନବଜାତ ଶିଶୁ କିମ୍ବା ଗୁରୁତର ଅସୁସ୍ଥ ବ୍ୟକ୍ତିଙ୍କ ପାଇଁ ଶାନ୍ତ ପରିବେଶ ଅତ୍ୟନ୍ତ ଆବଶ୍ୟକ। ଏହି କାରଣରୁ ହସ୍ପିଟାଲ ଓ ଅନ୍ୟ ସମ୍ବେଦନଶୀଳ ସ୍ଥାନ ଚାରିପାଖରେ ନିରବ ଅଞ୍ଚଳର ବ୍ୟବସ୍ଥା କରାଯାଇଛି। ସମ୍ପ୍ରତି ଓଡ଼ିଶାରେ ମଧ୍ୟ ପ୍ରଶାସନ ଓ ନ୍ୟାୟବ୍ୟବସ୍ଥା ଏହି ସମସ୍ୟାକୁ ଗମ୍ଭୀରତାର ସହ ନେଇଛନ୍ତି। ବିଭିନ୍ନ ଉତ୍ସବ ସମୟରେ ଡିଜେ ଓ ଅନ୍ୟ ଧ୍ୱନିବର୍ଦ୍ଧକ ଯନ୍ତ୍ରର ଧ୍ୱନିସୀମା ନିୟନ୍ତ୍ରଣ ପାଇଁ ପୋଲିସ ଓ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇଆସୁଛି। ଦୁଇ ହଜାର ଛବିଶ ମସିହା ସେପ୍ଟେମ୍ବରରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମଧ୍ୟ ଜଗତସିଂହପୁର ଜିଲ୍ଲା ପ୍ରଶାସନକୁ ଡିଜେ ଓ ଅନ୍ୟ ଧ୍ୱନିବର୍ଦ୍ଧକ ଯନ୍ତ୍ର ବ୍ୟବହାର ସମ୍ପର୍କରେ ନିୟମାବଳୀ ପ୍ରସ୍ତୁତ କରିବାକୁ କହିଛନ୍ତି।

ଏହା ସ୍ପଷ୍ଟ କରୁଛି ଯେ ଧ୍ୱନି ପ୍ରଦୂଷଣ ଆଉ କେବଳ ବ୍ୟକ୍ତିଗତ ଅସନ୍ତୋଷର ବିଷୟ ନୁହେଁ। ଏହା ଏବେ ସ୍ୱାସ୍ଥ୍ୟ, ପରିବେଶ, ଆଇନ ଓ ନାଗରିକ ଦାୟିତ୍ୱ ସହିତ ଜଡ଼ିତ ଏକ ବଡ଼ ସାମାଜିକ ପ୍ରଶ୍ନ।ଉତ୍ସବ ବନ୍ଦ ହେବା ଦରକାର ନାହିଁ। ସଙ୍ଗୀତ ମଧ୍ୟ ବନ୍ଦ ହେବା ଦରକାର ନାହିଁ। ଆବଶ୍ୟକ ହେଉଛି ଦାୟିତ୍ୱପୂର୍ଣ୍ଣ ଉତ୍ସବ ପାଳନ। ନିର୍ଦ୍ଧାରିତ ଧ୍ୱନିସୀମା ପାଳନ କରିବା, ରାତିର ସମୟସୀମାକୁ ସମ୍ମାନ କରିବା, ହସ୍ପିଟାଲ ଓ ଅନ୍ୟ ନିରବ ଅଞ୍ଚଳ ନିକଟରେ ଧ୍ୱନି ନିୟନ୍ତ୍ରଣ କରିବା ଏବଂ ନିୟମ ଉଲ୍ଲଂଘନ ହେଲେ ପ୍ରଶାସନର ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ। ସବୁଠାରୁ ବଡ଼ କଥା ହେଉଛି ଆମର ମାନସିକତା ବଦଳିବା ଦରକାର। "ଯେତେ ଜୋରେ ଧ୍ୱନି, ସେତେ ଅଧିକ ଆନନ୍ଦ"—ଏହି ଧାରଣାକୁ ଆମକୁ ବଦଳାଇବାକୁ ପଡ଼ିବ। କାରଣ ଏକ ସଭ୍ୟ ସମାଜର ପରିଚୟ କେବଳ ତାହାର ଉତ୍ସବ କେତେ ବଡ଼ ହୁଏ, ସେଥିରେ ନୁହେଁ; ବରଂ ଉତ୍ସବରେ ସେ କେତେ ଜଣଙ୍କ ଅଧିକାର, ସ୍ୱାସ୍ଥ୍ୟ ଓ ଶାନ୍ତିକୁ ସମ୍ମାନ କରେ, ସେଥିରେ ରହିଛି ।ଆମେ ଉତ୍ସବ ପାଳନ କରିବା। ନାଚିବା, ଗାଇବା, ଖୁସି ବାଣ୍ଟିବା। କିନ୍ତୁ ଆମର ଆନନ୍ଦ ଯେପରି ଅନ୍ୟ କାହାର ଯନ୍ତ୍ରଣାର କାରଣ ନହୁଏ, ସେଥିପ୍ରତି ମଧ୍ୟ ସଚେତନ ହେବା।ଆମ ଉତ୍ସବର ଧ୍ୱନି ଏତେ ଉଚ୍ଚ ନ ହେଉ ଯେ ତାହାରେ କାହାର ହୃଦୟର ସ୍ପନ୍ଦନ ହଜିଯିବ। ଆନନ୍ଦର ଧ୍ୱନି ରହୁ, କିନ୍ତୁ ତାହା ଆତଙ୍କର ଧ୍ୱନି ନ ହେଉ।

01.10.2026.pmd 1 9/19/2026, 6:24 PM

## ହାଇମାକ୍ସ ଲାଇଟ କାର୍ଯ୍ୟକ୍ଷମ ହେବ କେବେ ?

କର୍ଣ୍ଣିଲୋ.୩୦।୯(ନି.ପ୍ର)ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ସହରର ଗୁରୁତ୍ୱପୂର୍ଣ୍ଣ ତ୍ରିନାଥ ଛକ,ମହିଳା ମହାବିଦ୍ୟାଳୟ ସମ୍ମୁଖରେ ହାଇମାକ୍ସ ଲାଇଟ ପୋଷ୍ଟ ଗୁଡିକ ସ୍ଥାପନ କରାଯାଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଏନଏସି କର୍ତ୍ତୃପକ୍ଷ ଧ୍ୟାନ ଦେଉ ନଥିବା ଅଭିଯୋଗ ହେଉଛି। ଫଳରେ ସଞ୍ଜ ନଇଁଲେ ସହରର ମୁଖ୍ୟ ଛକ, ବଜାର ଓ ଗଳିକନ୍ଦି ରାସ୍ତା ଅନ୍ଧକାରମୟ ହୋଇ ପଡୁଥିବା ଜଣାପଡିଛି। ସହରବାସୀ ଏ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ତେବେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ କାହା



ସ୍ୱାର୍ଥରେ ହାଇମାକ୍ସ ଲାଇଟ ପୋଷ୍ଟ ଗୁଡିକ ଗତ ୨ ମାସ ତଳେ ସ୍ଥାପନ କରାଗଲା ବୋଲି ସହରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସହରର ବିଭିନ୍ନ ସ୍ଥାନରେ ସ୍ଥାପନ ହୋଇଥିବା ହାଇମାକ୍ସ ଲାଇଟ ଗୁଡିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଦିଗରେ ଖଣ୍ଡପଡ଼ା ଏନଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡା ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କ ସହ ଯୋଗାଯୋଗ କରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି।

## କୁଚିଣ୍ଡା ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

କୁଚିଣ୍ଡା,୩୦।୯(ନିପ୍ର):ସମ୍ବଲପୁର ଜିଲ୍ଲା କୁଚିଣ୍ଡାରେ ଚଳିତ ବର୍ଷ ଦୁର୍ଗାପୂଜା ଓ ଦଶହରା ପାଇଁ କୁଚିଣ୍ଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଉପଜିଲ୍ଲାପାଳ ସରଓ୍ୱନନ୍ ସ ଏଥିରେ ଅଧ୍ୟକ୍ଷତା କରି ପୂଜା ଓ ଦଶହରା ପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବୈଠକରେ ଜନସାଧାରଣ ଯେପରି ନିରାପଦ ଓ ଶୃଙ୍ଖଳିତ ଭାବେ ମା'ଙ୍କ ଦର୍ଶନ ସହ ଯାତ୍ରା ଉପଭୋଗ କରିପାରିବେ ସେଥିପାଇଁ ଟ୍ରାଫିକ୍ ନିୟନ୍ତ୍ରଣ, ବିଦ୍ୟୁତ୍ ସଂଯୋଗ,ସୁରକ୍ଷା ବ୍ୟବସ୍ଥା,ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ସାମ୍ପ୍ରଦାୟିକ ସଦ୍ଭାବନା ଓ ଶାନ୍ତି ଶୃଙ୍ଖଳା ରକ୍ଷା କରି ଦଶହରା ପର୍ବକୁ ସଫଳ କରିବାକୁ ପ୍ରଶାସନ ପକ୍ଷରୁ ସମସ୍ତ କମିଟିର ସହଯୋଗ କାମନା କରାଯାଇଥିଲା। ବୈଠକରେ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଦୀପ କୁମାର ଦାଶ,ତହସିଲଦାର ସରିତା ଓରାମ, କୁଚିଣ୍ଡା ଆଇଆଇସି ରାଧାକାନ୍ତ ବାରିକ,ବିଜ୍ଞାପିତ ଅଞ୍ଚଳ ପରିଷଦ ନିବାହୀ ଅଧିକାରୀ ମନୋରଞ୍ଜନ ସୁନା, ଅଗ୍ନିଶମ ବିଭାଗ ଅଧିକାରୀ ଜୀବନ ପ୍ରତାପ ଟପୋ,ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା.ସୁବୋଧ ନାୟକ, ଉପଖଣ୍ଡ ବିଦ୍ୟୁତ ବିଭାଗ ଅଧିକାରୀ ରାଜେଶ ମିଶ୍ର, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଆଲୋକ ପଟେଲ,ଅବକାରୀ ନିରୀକ୍ଷକ ଦେବରାଜ ଖମାରୀ, ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ରିଙ୍କୁ କୁସୁମ, ତନୟ ମହାପାତ୍ର, ଚତୁର୍ଭୁଜ ଜୟପୁରିଆ, କୁଚିଣ୍ଡା ମନ୍ଦିର ଛକ ଦୁର୍ଗା ପୂଜା କମିଟି, ବସ୍ଷ୍ଟାଣ୍ଡ ପୂଜା କମିଟି, ପଞ୍ଚମୁଖୀ ଛକ ପୂଜା କମିଟିର ସଭାପତି, ସମ୍ପାଦକ ଓ ସଦସ୍ୟ ସାମିଲ ହୋଇଥିଲେ।

## କେନ୍ଦୁପାଣିରେ ଆଙ୍ଗନକା ଉତ୍ସବ ଉଦ୍‌ଯାପିତ

କୁଚିଣ୍ଡା,୩୦।୯ (ନିପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ୩ଦିନ ଧରି ଚାଲିଥିବା ଅଙ୍ଗନକା ଉତ୍ସବ ସମ୍ବଲପୁର ଜିଲ୍ଲା ବାମରା ବ୍ଲକର କେନ୍ଦୁପାଣିରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବାମରା ଆଇସିଡିଏସ ଉଛକାପାଟ ସେକ୍ଟର କେନ୍ଦୁପାଣିରେ ଥିବା ୩ ଟି ଅଙ୍ଗନୱାଡି କେନ୍ଦ୍ର କର୍ମୀ ଅମ୍ବିକା ପରିଡା, ସବିତା ବାଘ, କସ୍ତୁରୀ ନାଏକ, ସହାୟିକା ମଞ୍ଜରୀ ପ୍ରଧାନ ଓ ଆଶା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମର ପ୍ରଥମ ଦିନରେ ପିଠା ଓ ମା' ବାପାଙ୍କ ଦ୍ୱାରା ହାତ ରନ୍ଧା ପୃଷ୍ଟିକର ଖାଦ୍ୟ, ଦ୍ୱିତୀୟ ଦିନରେ ଶିଶୁ ଖେଳ, ଚିତ୍ରାଙ୍କନ, ଆଇ ଅଜାଙ୍କ ଦ୍ୱାରା ଗପ ପରିବେଷଣ ହୋଇଥିଲା। ଉଦଯାପନୀ ଅର୍ଥାତ୍ ତୃତୀୟ ଦିନରେ ମା' ଓ କିଶୋରୀ ମାନଙ୍କ ପାଇଁ ପୋଷଣ, ସୁଭଦ୍ରା, ମମତା ଓ ପ୍ରଧାନମନ୍ତ୍ରୀ ମାତୃମଙ୍ଗଳ ଯୋଜନା ବାବଦରେ ଆଲୋଚନା କରାଯାଇଥିଲା।ଏସ୍ବ ଦ୍ୱାରା ମହିଳା ମାନଙ୍କ ସ୍ୱାସ୍ଥ୍ୟ, ଘରେ ରହି ଛୋଟ ଛୋଟ ବ୍ୟବସାୟ କରି ପରିବାର ପୋଷଣ ଏବଂ ମହିଳାଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନାରୁ କିପରି ଲାଭବାନ ହୋଇ ସୁସ୍ଥ ଜୀବନଯାପନ କରିବେ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପର୍ଯ୍ୟବେକ୍ଷକ ଭାବେ ମୁନୁକ ବାଘ, ଝୁଲଣ ପାନ୍ନା ଓ ବିନୋଦ କେଛୁ ଯୋଗ ଦେଇଥିଲେ।

## ନିରାକାରପୁର ଥାନାରେ 'ଆମ ପୋଲିସ' କାର୍ଯ୍ୟକ୍ରମ

ନିରାକାରପୁର,୩୦।୯ (ନିପ୍ର); ଖୋର୍ଧା ଜିଲ୍ଲା ନିରାକାରପୁର ଥାନା ପରିସରରେ 'ଆମ ପୋଲିସ' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ରୀନାରାଣୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ ଏବଂ ଅଞ୍ଚଳର ଶାନ୍ତି-ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଆଲୋଚନାଚକ୍ରରେ ଥାନା ସବ-ଇନ୍ସପେକ୍ଟର ମିନତି ମଲ୍ଲିକ, ତୁଷାରକାନ୍ତ ପରିଡ଼ା ଏବଂ ଏଏସଆଇ ଗୁରୁ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହିତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବରିଷ୍ଠ ନାଗରିକ, ସମାଜସେବୀ , ସାମ୍ବାଦିକ ଓ ଅଞ୍ଚଳର ଭଦ୍ରବ୍ୟକ୍ତିମାନେ ଯୋଗଦେଇ ନିଜ ନିଜର ମତାମତ ରଖିଥିଲେ। ଅଞ୍ଚଳରେ ଅପରାଧ ନିୟନ୍ତ୍ରଣ, ନିଶା କାରବାର ରୋକିବା, ଟ୍ରାଫିକ ସମସ୍ୟାର ସୁଧାର ଏବଂ ସାଧାରଣ ଜନତାଙ୍କୁ ଆଇନଗତ ସହାୟତା ଯୋଗାଇ ଦେବା କ୍ଷେତ୍ରରେ ପୋଲିସକୁ ସମ୍ପୂର୍ଣ୍ଣ ସହଯୋଗ କରିବା ପାଇଁ ବୈଠକରେ ଉପସ୍ଥିତ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିଲେ। ପୋଲିସ ଓ ଜନସାଧାରଣ ମିଳିମିଶି କାର୍ଯ୍ୟ କଲେ ଏକ ସୁସ୍ଥ ଓ ଭୟମୁକ୍ତ ସମାଜ ଗଠନ ହୋଇପାରିବ ବୋଲି ଆଇଆଇସି ଶ୍ରୀମତୀ ସାହୁ ପ୍ରକାଶ କରିଥିଲେ।

## ଜାମିନବିହୀନ ଗିରଫ ପରୱାନା କାର୍ଯ୍ୟକାରୀ, ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି,୩୦।୯ (ନିପ୍ର); ପାରଳାଖେମୁଣ୍ଡିଙ୍କ ଅଦାଲତ ଦ୍ୱାରା ଜାରି ହୋଇଥିବା ଜାମିନ ବିହୀନ ଗିରଫ ପରୱାନା କାର୍ଯ୍ୟକାରୀ କରି ପାରଳାଖେମୁଣ୍ଡି ପୋଲିସ ଅଭିଯୁକ୍ତ ମନ୍ମଥ କୁମ୍ଭ, ପିତା- ଦଣ୍ଡାସି କୁମ୍ଭଙ୍କୁ ଆଜି ଭୋର ସମୟରେ ତାଙ୍କ ନିଜ ଗ୍ରାମରୁ ଗିରଫ କରିଛି। ଭାରତୀୟ ଦଣ୍ଡ ସଂହିତାର ଧାରା ୩୦୨/୧୨୦-ସମ୍ପର୍କିତ ଏକ ମାମଲାରେ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତରେ ହାଜର କରିବା ପାଇଁ ଅଦାଲତ ଏହି ପରୱାନା ଜାରି କରିଥିଲେ। ଅଭିଯୁକ୍ତ ନିଜ ଗ୍ରାମରେ ଥିବା ସମ୍ପର୍କରେ ବିଶ୍ୱସ୍ତ ସୂଚନା ପାଇ ପୋଲିସ ଟିମ୍ ଆଜି ଭୋର ସମୟରେ ଚଢ଼ଉ କରି ତାଙ୍କୁ ଧରିଥିଲା।

# ଦୁର୍ଘଟଣା ରୋକିବାକୁ କଡ଼ା ପଦକ୍ଷେପ

## ବେଆଇନ ଢାବା ଓ ଜବରଦଖଲ ହଟିବ, ରଙ୍ଗ୍ ସାଇଡ୍ ଡ୍ରାଇଭିଂ ଉପରେ କଠୋର କାର୍ଯ୍ୟାନୁଷ୍ଠାନ

ଝାରସୁଗୁଡ଼ା,୩୦।୯ (ନିପ୍ର): ଝାରସୁଗୁଡ଼ା ଜିଲାରେ ସଡ଼କ ଦୁର୍ଘଟଣା ହ୍ରାସ କରିବା ସହ ଦୁର୍ଘଟଣାଜନିତ ମୃତ୍ୟୁକୁ ଶୂନକୁ ଆଣିବା ଲକ୍ଷ୍ୟରେ ପ୍ରଶାସନ ଏବେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲା ସଡ଼କ ସୁରକ୍ଷା କମିଟି ଓ ହାଇୱେ ଟାସ୍କଫୋର୍ସ ବୈଠକରେ ରାସ୍ତା ସୁରକ୍ଷାକୁ ନେଇ ବିଭିନ୍ନ ବିଭାଗକୁ ଏକାଧିକ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ କୁଣାଲ ମୋତିରାମ ଚନ୍ଦାଣ ଓ ଆରକ୍ଷୀ ଅଧୀକ୍ଷକ ଜି.ଆର ରାଘବେନ୍ଦ୍ର ବୈଠକରେ ମିଳିତ ଅଧ୍ୟକ୍ଷତା କରି ଟ୍ରାଫିକ ନିୟମର କଡ଼ାକଡ଼ି ପାଳନ, ବେଆଇନ ପାର୍କିଂ ଉପରେ ରୋକ ଏବଂ ଦୁର୍ଘଟଣାପ୍ରବଣ ସ୍ଥାନରେ ଆବଶ୍ୟକ ପ୍ରତିରୋଧକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥିଲେ। ଆରଟିଓ ଗୌରହରି ହାଁସଦା ଜିଲାର ଦୁର୍ଘଟଣା ସ୍ଥିତି, ନିୟମ ଉଲ୍ଲଂଘନ ବିରୋଧରେ ଚାଲିଥିବା ଅଭିଯାନ ଏବଂ ଗତ ମାସର ତଥ୍ୟ ଉପସ୍ଥାପନ କରିଥିଲେ। ବୈଠକରେ ରାଜପଥ କଡ଼ରେ ଭାରୀଯାନ ପାର୍କିଂ ଉପରେ ବିଶେଷ ଆଲୋଚନା ହୋଇଥିଲା। ରାସ୍ତାଠାରୁ ଅତିକମରେ ୧୦ ଫୁଟ ଦୂରରେ ଟ୍ରକ୍ ପାର୍କିଂ କରିବାକୁ ଟ୍ରକ୍‌ମାଲିକ ସଂଘକୁ ନିର୍ଦ୍ଦେଶ ଦିଆଯାଇଛି।

ଦୀର୍ଘକାଳୀନ ସମାଧାନ ପାଇଁ ଖେରୁଆଲ ବ୍ରିଜ୍ ନିକଟରେ ଟ୍ରକ୍ ଟର୍ମିନାଲ ପାଇଁ ଜମି ଚିହ୍ନଟ କରିବାକୁ ଉପଜିଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଜାତୀୟ ରାଜପଥ-୪୯ କଡ଼ରେ ଥିବା ବେଆଇନ ଢାବା, ଗ୍ୟାରେଜ୍ ଓ ଅନଧିକୃତ ଜବରଦଖଲ ବିରୋଧରେ ମଧ୍ୟ ତତ୍ପରତା ବଢ଼ାଇବାକୁ କୁହାଯାଇଛି। ଚିହ୍ନଟ ହୋଇଥିବା ପ୍ରାୟ ୨୪୦ଟି ସ୍ଥାନରୁ ଅବୈଧ ନିର୍ମାଣ ହଟାଇବା ସହ ବଡ଼ମାଲରୁ ଖେରୁଆଲ ବ୍ରିଜ୍ ମଧ୍ୟରେ ରାଜପଥକୁ ଅବରୋଧ କରୁଥିବା ସମସ୍ତ ଅନଧିକୃତ ପାର୍କିଂ ଓ ଅନ୍ୟାନ୍ୟ ବାଧା ଦୂର କରିବାକୁ ଏନ୍ଏଚ୍ଏଆଇକୁ କୁହାଯାଇଛି। ରାଜପଥର ଅବସ୍ଥା ସୁଧାରିବା ଦିଗରେ ମଧ୍ୟ ନିର୍ଦ୍ଦେଶ ଜାରି ହୋଇଛି। ରାସ୍ତା କଡ଼ରେ ଜମିଥିବା କାଦୁଅ, ଘାସ ଓ ଅନାବନା ଗଛଲତା ସଫା କରିବା, ଦବିଯାଇଥିବା ଅଂଶର ମରାମତି ଏବଂ ଜଳବନ୍ଦୀ ସମସ୍ୟା ଦୂର କରିବାକୁ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ପାଣ୍ଡ୍ରିପଥର ଟ୍ରକ୍ ଟର୍ମିନାଲ ନିର୍ମାଣ ପ୍ରାୟ ଶେଷ ପର୍ଯ୍ୟାୟରେ ଥିବାରୁ ଏହାର ଆପ୍ରୋଚ୍ ରୋଡ୍ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରି ଟର୍ମିନାଲକୁ କାର୍ଯ୍ୟକ୍ଷମ କରିବାକୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରଙ୍ଗ୍ ସାଇଡ୍‌ରେ ଗାଡ଼ି ଚଳାଇବା ଉପରେ ପୁଲିସ ଓ ପରିବହନ ବିଭାଗକୁ ଅଧିକ କଠୋର ହେବାକୁ କୁହାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଆଇନାନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଜୋରିମାନା ଆଦାୟ ଉପରେ ଗୁରୁତ୍ୱ ଦିଆଯାଇଛି। ଦୁର୍ଘଟଣା ପରେ ଆହତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ମିଳିବା ପାଇଁ ଦୁର୍ଘଟଣାପ୍ରବଣ ସ୍ଥାନରେ ଅଧିକ ସଂଖ୍ୟକ ୧୦୮ ଓ ୧୧୨ ଆମ୍ବୁଲାନ୍ସ ଉପଲବ୍ଧ କରାଇବା ଏବଂ ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ବଢ଼ାଇବାକୁ ଆରକ୍ଷୀ ଅଧୀକ୍ଷକ ଗୁରୁତ୍ୱ ଦେଇଥିଲେ। ପ୍ଲାଏ ଆଶ୍ ପରିବହନ ନିମନ୍ତେ ଗଠିତ ୨୪ ଘଣ୍ଟିଆ ଟାସ୍କଫୋର୍ସକୁ ଅଧିକ ସକ୍ରିୟ କରି ରାସ୍ତା ମଝିରେ କୌଣସି ଗାଡ଼ି ଅଟକି ନରହିବା ନିଶ୍ଚିତ କରିବାକୁ କୁହାଯାଇଛି। ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକୁ ଚିହ୍ନଟ କରି ସେଠାରେ ସାଇନେଜ୍, ରମ୍ବଲ ଷ୍ଟ୍ରିପ୍ ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥା କରାଯିବ। ସ୍କୁଲ ଓ କଲେଜ ଛକରେ ଶୀଘ୍ର ହାଇମାଷ୍ଟ ଲାଇଟ୍ ସ୍ଥାପନ ପାଇଁ ମଧ୍ୟ ଏନ୍ଏଚ୍ଏଆଇକୁ ନିର୍ଦ୍ଦେଶ ଦିଆଯାଇଛି। ରାତି ସମୟରେ ରାଜପଥରେ ଭାରୀଯାନ ଖରାପ ହୋଇ ଠିଆ ହେଲେ ଯେପରି ଦୁର୍ଘଟଣା ନ ଘଟେ, ସେଥିପାଇଁ ପ୍ରତ୍ୟେକ ଟ୍ରକ୍‌ରେ ଅତିକମରେ ୩ଟି ରିଫ୍ଲେକ୍ଟିଭ୍ ଟ୍ରାଫିକ୍ କୋନ୍ ରଖିବାକୁ ଟ୍ରକ୍ ମାଲିକ ସଂଘକୁ ବାଧ୍ୟତାମୂଳକ କରାଯାଇଛି। ବୈଠକରେ ଅତିରିକ୍ତ ଉପଜିଲାପାଳ ଭିକ୍ଟୋରିଆ ଏକ୍କା, ଅତିରିକ୍ତ ଜିଲା ପରିବହନ ଅଧିକାରୀ ତପନ ବିଶ୍ୱାଳଙ୍କ ସମେତ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

### ମା' ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ପୂଜା ପାଇଁ ପ୍ରସ୍ତୁତି

## ଶାନ୍ତି ଓ ଶୃଙ୍ଖଳାର ସହ ପୂଜା ସମ୍ପନ୍ନ ପାଇଁ ଗୁରୁତ୍ୱାରୋପ

କାକଟପୁର,୩୦।୯(ନିପ୍ର);କାକଟପୁରର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କ ଶାରଦୀୟ ପାର୍ବଣ ପୂଜା ତଥା ଷୋଡ଼ଶ ଉପଚାର ପୂଜାକୁ ସୁଚାରୁରୂପେ,ଶୃଙ୍ଖଳିତ ଓ ଭକ୍ତିମୟ ପରିବେଶରେ ସମ୍ପନ୍ନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ର, ବିଡିଓ ନାରାୟଣ ଦୀକ୍ଷିତ, କାକଟପୁର ଥାନା ଏଏସ୍ଆଇ ରମେଶ ଚନ୍ଦ୍ର ନିଶାଙ୍କ, ମନ୍ଦିର ପୁରୋହିତ ସୁରେଶ ଚନ୍ଦ୍ର ତ୍ରିପାଠୀ, ମନ୍ଦିର ପଞ୍ଜିକାର ଶ୍ରୀଧର ନାୟକ, ଷୋଡ଼ଶ ଉପଚାର ପୂଜାପଣ୍ଡା ସଞ୍ଜୟ କୁମାର ଦୀକ୍ଷିତ, ପୂଜାପଣ୍ଡା ରଘୁନାଥ ଦୀକ୍ଷିତ, ସେବାୟତ ନିଯୋଗ ସଭାପତି ମନୋରଞ୍ଜନ ପଣ୍ଡା, ଉପସଭାପତି କମଳ ଲୋଚନ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ହିମାଂଶୁ ଭୂଷଣ ଦୀକ୍ଷିତଙ୍କ ସମେତ ବହୁ ସମ୍ପୃକ୍ତ ବ୍ୟକ୍ତି ଯୋଗଦେଇଥିଲେ। ବୈଠକରେ ଆସନ୍ତା ୩ ତାରିଖଠାରୁ ଦେବୀ ଉତ୍ଥାପନ, ସହସ୍ର କୁମ୍ଭାଭିଷେକ ନୀତି ଓ ଶାରଦୀୟ ପାର୍ବଣ ପୂଜା ସମ୍ପର୍କରେ ବିସ୍ତୃତ ଆଲୋଚନା



ହୋଇଥିଲା। ଏଥିସହିତ ମନ୍ଦିର ପାଳିଆ ସେବକ ଓ ପୂଜାପଣ୍ଡା ସେବକମାନଙ୍କ ପାଉଣା ବୃଦ୍ଧି ପାଇଁ ଦାବି ଉପସ୍ଥାପିତ ହୋଇଥିଲା। ଏ ସମ୍ପର୍କରେ ବିଡିଓ ବିଭିନ୍ନ ଦିଗକୁ ତର୍ଜମା କରି ପାଉଣା ବୃଦ୍ଧି କରିଥିବା ଜଣାପଡ଼ିଛି। ଆସନ୍ତା ଅକ୍ଟୋବର ୧୧ ତାରିଖଠାରୁ ନବଦିନାତ୍ମକ ପୂଜା ଆରମ୍ଭ ହେବା ସହ ଏହି ଅବସରରେ ମା' ମଙ୍ଗଳା ବିଭିନ୍ନ ମନୋରମ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ପାର୍ବଣ ପୂଜା ସମୟରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ନୀତିକାନ୍ତି, ଦର୍ଶନ ବ୍ୟବସ୍ଥା ଓ ଶୃଙ୍ଖଳା ରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଶାରଦୀୟ ପୂଜା ଯେପରି ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମାପନ ହୁଏ, ସେଥିପାଇଁ ପାଳିଆ ସେବକ, ପୂଜାପଣ୍ଡା ଓ ସମସ୍ତ ସେବାୟତଙ୍କୁ ସହଯୋଗ କରିବାକୁ ନିବେଦନ କରାଯାଇଥିଲା। ଏହାସହ ମନ୍ଦିର ପରିସରକୁ ଆକର୍ଷଣୀୟ ସୁସଜ୍ଜିତ ଆଲୋକମାଳାରେ ସଜାଇବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଆଗାମୀ ପାର୍ବଣ ପୂଜା ଅବସରରେ ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ଯେପରି ସୁବିଧାରେ ମା'ଙ୍କ ଦର୍ଶନ କରିପାରିବେ, ସେଥିପାଇଁ ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

## ନିରାକାରପୁର ସରକାରୀ ଚିକିତ୍ସାଳୟ ପାଚେରି ଭୁଶୁଡ଼ିଲା

ନିରାକାରପୁର,୩୦।୯(ନିପ୍ର);ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସରକାରୀ ଚିକିତ୍ସାଳୟର ପଶ୍ଚିମ ପାର୍ଶ୍ୱ ପାଚେରୀ ଅଚାନକ ଭୁଶୁଡ଼ି ପଡ଼ିଛି। ତେବେ ସୌଭାଗ୍ୟବଶତଃ ଏହି ବଡ଼ ଧରଣର ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ନିକଟସ୍ଥ ଚିତ୍ରକୁଟ ବିହାର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ।ମିଳିଥିବା ସୂଚନା ଅନୁଯାୟୀ, ଚିକିତ୍ସାଳୟର ପଶ୍ଚିମ ପଟ ପାଚେରିଟି ଦୀର୍ଘ ଦିନ ଧରି ଅତ୍ୟନ୍ତ ଦୁର୍ବଳ ହୋଇ ଫାଟି ରହିଥିଲା। ଏହା ଯେକୌଣସି ମୁହୂର୍ତ୍ତରେ ଭାଙ୍ଗିପଡ଼ିବାର ଆଶଙ୍କା ଥିବାରୁ ଏହାର ତୁରନ୍ତ ମରାମତି ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରିଆସୁଥିଲେ। ହେଲେ ବିଭାଗୀୟ ଉଦାସୀନତା ଯୋଗୁଁ ଦୀର୍ଘ ଦିନ ଧରି ଏହାର କୌଣସି ପ୍ରତିକାର କରାଯାଇ ନଥିଲା। ଏହି ପାଚେରି ନିକଟ ଦେଇ ଯାଇଥିବା ରାସ୍ତାରେ ପ୍ରତିଦିନ ସାଧାରଣ ଜନସାଧାରଣଙ୍କ ସମେତ ଚିତ୍ରକୁଟ ବିହାର ପ୍ରାଥମିକ ବିଦ୍ୟାଳୟର ସାନ ସାନ କୋମଳମତି ଛାତ୍ରଛାତ୍ରୀମାନେ ଯାତାୟାତ କରିଥାନ୍ତି। ଆଜି ସକାଳେ ବିଦ୍ୟାଳୟକୁ ପିଲାମାନେ ଯିବା ପରେ ପରେ ହିଁ ଅଚାନକ ଏହି ଦୁର୍ବଳ ପାଚେରିଟି ନିଜେ ନିଜେ ଭୁଶୁଡ଼ି ପଡ଼ିଥିଲା। ପିଲାମାନେ ଯିବାର କିଛି ସମୟ ପରେ ଏହି ଅଘଟଣ ଘଟିଥିବାରୁ ଏକ ବଡ଼ ଧରଣର ବିପଦ ଏଡ଼ିଯାଇଛି।

ଅସୁରକ୍ଷିତ ହୋଇପଡ଼ିଥିବା ଏହି ପାଚେରି ଯୋଗୁଁ ଏବେ ବିପଦ ସମ୍ପୂର୍ଣ୍ଣ ଟଳି ନାହିଁ। ତେଣୁ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଭଙ୍ଗା ପାଚେରୀର ପୁନଃନିର୍ମାଣ



ଓ ମରାମତି କାର୍ଯ୍ୟ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।

## ବଡ଼ ଧରଣର ଗଞ୍ଜେଇ ଚାଲାଣ ଉଦ୍ୟମକୁ ପଣ୍ଡ କରିଛି ପୋଲିସ

ସୋନପୁର,୩୦।୯(ନିପ୍ର):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଞ୍ଚଳରେ ଏକ ବଡ଼ ଧରଣର ଗଞ୍ଜେଇ ଚାଲାଣ ଉଦ୍ୟମକୁ ପଣ୍ଡ କରିଛି ପୋଲିସ। ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଧର୍ମଶାଳା ଫାଣ୍ଡି ପୋଲିସ ହୀକୁଡ଼ି ଛକ ନିକଟରେ ଅତର୍କିତ ଚଢ଼ାଉ କରିଥିଲା। ଏହି ସମୟରେ ପୋଲିସକୁ ଦେଖି ଖସିଯିବାକୁ ଉଦ୍ୟମ କରି ଜଣେ ଅଭିଯୁକ୍ତ ମହାନଦୀକୁ ଡେଇଁ ପଡ଼ିଥିବା ବେଳେ ଅନ୍ୟ ଦୁଇ ଜଣଙ୍କୁ ପୋଲିସ କାବୁ କରିବାରେ ସଫଳ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଦୁର୍ବୃତ୍ତମାନେ ଗୋଟିଏ କେଟିଏମ୍ ବାଇକ୍ ଓ ଦୁଇଟି ସ୍କୁଟି ଯୋଗେ ଗଞ୍ଜେଇ ଧରି ଯାଉଥିଲେ। ପୋଲିସ ସେମାନଙ୍କୁ ଛକି ରହି ହୀକୁଡ଼ି ଛକ ନିକଟରେ ଅଟକାଇଥିଲା। ତଲାସି ବେଳେ ସେମାନଙ୍କ ନିକଟରୁ ୩ଟି ବ୍ୟାଗ୍ ମିଳିଥିଲା, ଯେଉଁଥିରେ ପ୍ରାୟ ୨୧ କେଜି ଗଞ୍ଜେଇ ଥିବା ଅନୁମାନ କରାଯାଉଛି। ତେବେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଏହାର ବିଧିବଦ୍ଧ ଓଜନ କରାଯିବା ପରେ ହିଁ ଗଞ୍ଜେଇର ପ୍ରକୃତ ପରିମାଣ ସ୍ପଷ୍ଟ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ, ପୋଲିସ ହାତରେ ଧରାପଡ଼ିଯିବା ଭୟରେ ମହାନଦୀକୁ ଡେଇଁ ଫେରାର ହୋଇଯାଇଥିବା ଅଭିଯୁକ୍ତକୁ ଉଦ୍ଧାର ତଥା ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି। ଅଟକ ଥିବା ଦୁଇ ଅଭିଯୁକ୍ତଙ୍କୁ ପୋଲିସ ନିଜ ହେପାଜତକୁ ନେଇ ଅଧିକ ପଚରାଉଚରା କରୁଛି।

## ରୁଙ୍ଗଟା କମ୍ପାନୀର ସିଏସଆର ବିଭାଗର ପାନୀୟ ଜଳ ପ୍ରକଳ୍ପ

ଯୋଡା,୩୦।୯ (ନିପ୍ର): କଥାରେ ଅଛି 'ଜଳ ହିଁ ଜୀବନ',ପାହାଡ଼ ଓ ଜଙ୍ଗଲ ଘେରା ସୁନ୍ଦରଗଡ଼ ଜିଲ୍ଲାର କୋଇଡା ବ୍ଲକ ଅନ୍ତର୍ଗତ ରୁଙ୍ଗଟା କମ୍ପାନୀର ସିଏସଆର ବିଭାଗ ତରଫରୁ ସ୍ଥାନୀୟ ଗ୍ରାମ ଗୁଡ଼ିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆ ଯାଇଛି। କୋଇଡା ବ୍ଲକ୍‌ର ବିଭିନ୍ନ ଗ୍ରାମରେ ରେ ରୁଙ୍ଗଟା କମ୍ପାନୀର ସି.ଏସ. ଆର. ଟିମ୍ ସର୍ବେକ୍ଷଣ କରି ଥିଲେ ଏବଂ ଯୋଉ ଇଲାକାରେ ପାନୀୟ ଜଳ ପାଇ ପାରୁ ନାହାନ୍ତି । ସେହି ଇଲାକାରେ ବୋରେୱେଲ ଖନନ କରାଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ବିଶେଷକରି ବଡ ଇନ୍ଦୁପୁର ଗ୍ରାମରେ ଥିବା ମୁଣ୍ଡାବସ୍ତି ରେ ନୂତନ ବୋରୱେଲ ଖନନ କରାଯାଇ ଦୁଇ ଶହରୁ ଉର୍ଦ୍ଧ୍ୱ ଆଦିବାସୀ ଲୋକଙ୍କୁ ପାଣି ଟ୍ୟାପ ମାଧ୍ୟମରେ ବିଶୁଦ୍ଧ ଜଳ ଯୋଗାଇ




ଦିଆଯାଇଥିଲା। ସେହିପରି କୋଇଡା ଅଞ୍ଚଳ ର ଭଞ୍ଜପାଲି ଗ୍ରାମରେ ମରେ ପାନୀୟ ଜଳର ଘୋର ଅସୁବିଧା ଥିଲା ଏବଂ ଲୋକମାନେ ଜଳ ପାଇଁ ନିକଟସ୍ଥ ପୋଖରୀ ଉପରେ ନିର୍ଭର କରୁଥିଲେ। ଏହାକୁ ଦୃଷ୍ଟିରେ ରଖି ରୁଙ୍ଗଟା କମ୍ପାନୀ ତରଫରୁ ସେହି ଗାଁ ରେ ଏକ ସୋଲାର ପାୱାର ଚାଳିତ ବୋରୱେଲ୍ ଖନନ କରାଯାଇ ଶତାଧିକ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ଏତଦ୍ବ୍ୟତୀତ କୋଇଡା ଅଞ୍ଚଳର ଆରୀୟନ୍ ବସ୍ତି ଏବଂ ଗୋପ ପୁର ସାହି ଦୁଇଗୋଟି ସୋଲାର ପାୱାର ଚାଳିତ ବୋରୱେଲ ଖନନ କରାଯାଇ ଚାରି ଶହ ରୁ ଅଧିକ ବସ୍ତିବାସିନ୍ଦାଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ସେହିପରି ସର୍ଗିଗଡ ଗାଁରେ ଥିବା ଦେହୁରୀ ସାହି ଏବଂ ଗୋପାଳ ସାହି ରେ ଦୁଇଗୋଟି ସୋଲାର ପାୱାର ବୋରୱେଲ କରାଯାଇ ପାଞ୍ଚ ଶହ ଗ୍ରାମବାସୀଙ୍କ ସହ ସର୍ଗିଗଡ଼ ସ୍କୁଲରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । ଏତଦ୍‌ବ୍ୟତିତ ରାଣୀସାଳ , ସନୁଆ ଗାଁ ର ଭାଲିଆ ଡ଼ିହି ବସ୍ତି, ତିନ୍ତୋ , ଟେହେରେଇ ଗାଁ ରେ ଗୋଟିଏ ଲେଖାଏଁ ବୋରୱେଲ ଖନନ ସରିଛି ଏହାକୁ ଖୁବ୍ ଶୀଘ୍ର କାର୍ଯକ୍ଷମ କରାଯିବ । ସେହିପରି ତେହେରେଇ ଗ୍ରାମ ରେ ଥିବା ଖ୍ରୀଷ୍ଟିଆନ ବସ୍ତିରେ ନୂତନ ପାଣି ପାଇପ୍ ସଂଯୋଗ କରାଯାଇ ଏବଂ ଟ୍ୟାପ ମାଧ୍ୟମରେ ଏକଶହରୁ ଉର୍ଦ୍ଧ୍ୱ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଇଥିଲା। ପାନୀୟ ଜଳ ପାଇଁ କୌଣସି ଲୋକ ବଞ୍ଚିତ ନ ହୁଅନ୍ତୁ ସେଥିପ୍ରତି ରୁଙ୍ଗଟା କମ୍ପାନୀ ସଚେତନ ରହିଛି। ବିଗତ ବର୍ଷରେ ମଧ୍ୟ ରୁଙ୍ଗଟା କମ୍ପାନୀ ସହର,ଗାଁ, ବସ୍ତି ଓ ସାହିରେ ଅନେକ ଗୁଡ଼ିଏ ଜଳ ପ୍ରକଳ୍ପ କରିସାରିଛି। ଏହିପରି ଜନ କଲ୍ୟାଣୀ କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବା ବୋଲି କମ୍ପାନୀ ପକ୍ଷରୁ ଜଣାଯାଇଛି। ଏହିପରୀ ପାନୀୟ ଜଳ ପ୍ରକଳ୍ପ ଆଦିବାସୀ ଅଧୁଷିତ ଅଂଚଳରେ ହୋଇଥିବାରୁ ଜନସାଧାରଣରେ ପ୍ରଶଂସା କରାଯାଇଛି।

## ଜିଲ୍ଲାସ୍ତରୀୟ ଦ୍ୱିତୀୟ ପର୍ଯ୍ୟାୟ କ୍ରୀଡ଼ା ପ୍ରତିଯୋଗିତା

ଭଦ୍ରକ,୩୦।୯ (ନିପ୍ର); ଭଦ୍ରକ ଜିଲ୍ଲାସ୍ତରୀୟ ୨ୟ ପର୍ଯ୍ୟାୟ କ୍ରୀଡ଼ା ପ୍ରତିଯୋଗିତା ହନୁମାନଜିଉ ହାଇସ୍କୁଲ, ଚରମ୍ପା, ତତ୍ତ୍ୱାବଧାନରେ ରେଳବାଇ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଡ଼ଃ ଜଗବନ୍ଧୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ଯୋଗଦାନ କରି ପିଲାମାନଙ୍କ ମଧ୍ୟରେ ଲୁକ୍କାୟତ ପ୍ରତିଭାର ପରିସ୍ଫୁଟନ କରିବାକୁ ସୁଯୋଗ ପ୍ରଦାନ କରିବାର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଡ଼. ପ୍ରଫୁଲ କୁମାର ସାହୁ, ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ଖଟୁଆ ଯୋଗଦାନ କରିଥିଲେ। ଶଶୀଶେଖର କରଶର୍ମାଙ୍କ ସଂଚାଳନରେ ଅନୁଷ୍ଠିତ ସଭାରେ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାଜେନ୍ଦ୍ର କୁମାର ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଭୀମ ଚରଣ ପରିଡ଼ା, ନରେନ୍ଦ୍ର ପ୍ରସାଦ ସାହୁ, ପ୍ରଦୀପ୍ ମହାପାତ୍ର, ମାନସ କୁମାର ନାୟକ, ଜିତେନ୍ଦ୍ର କୁମାର ସାହୁ, ପ୍ରଭୁଦ□ ପଣ୍ଡା, ମନୋଜ ଶଙ୍ଖୁଆ, ମାନସ ଜେନା, ପ୍ରଭାତ ଜେନା, ସଚ୍ଚିକାନ୍ତ ପଣ୍ଡା, ଅକ୍ଷୟ କୁମାର ସେଠୀ, ରମେଶ ଚୌଧୁରୀ, ତପନ ମିଶ୍ର, ମାନସୀ ପ୍ରଧାନ, ପ୍ରିୟଙ୍କା ମିଶ୍ର, ବିକଶି ସାହୁ, ଅଶୋକ ପଣ୍ଡା, ସେକ୍ ରିୟାଜ୍, ଏସ୍.କେ ସଲିମ, ରଞ୍ଜନ ବେହେରା, ଆରକ୍ଷ ରଞ୍ଜନ ବେହେରା, ଉପମନ୍ୟୁ ଖୁଣ୍ଟିଆ, ଜୟନ୍ତୀ ନାୟକ, ରିମା ନାୟକ, ରାଜ କିଶୋର ମଲ୍ଲିକ, ସୁଶାନ୍ତ ବାରିକ୍, ସୁକାନ୍ତ ଜେନା, ବିକ୍ରମ ଦାସ, ସତ୍ୟ ନାୟକ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

# ସଡ଼କର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ

ପୁରୀ,୩୦।୯ (ନିପ୍ର); ସଡକର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ । ସମସ୍ତଙ୍କ ସହଯୋଗରେ ସଡ଼କକୁ ସୁରକ୍ଷିତ ରଖାଯାଇପାରିଲେ ସଡ଼କ ସୁରକ୍ଷା ସହଜ ହୋଇ ପାରିବ ଓ ମୂଲ୍ୟବାନ ଜୀବନ ରକ୍ଷା କରା ଯାଇପାରିବ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ। ସର୍କିଟ ହାଉସ ଠାରେ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧକ୍ଷତା କରି ଶ୍ରୀ ଭୋଇ ସଡକ ସୁରକ୍ଷା ପାଇଁ ଥିବା ନିୟମ, ମାର୍ଗଦର୍ଶିକାକୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବ ବୋଲି କହିଥିଲେ। ଏସପି ପ୍ରତୀକ ସିଂ ବିଶଦ ଭାବେ ସମୀକ୍ଷା କରି ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ଧରପଗଡ ଜାରି ରଖିବା, ଲୋକମାନଙ୍କୁ ସଚେତନ କରାଇବା, ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ କରିବା, ଆବଶ୍ୟକତା ଅନୁସାରେ ଆଇନ ଓ ଦଣ୍ଡ ବିଧି ଅନୁସାରେ ସଡକ ସୁରକ୍ଷା ନିୟମକୁ ଉଲ୍ଲଘଂନ କାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଉପରେ ସେ ଗୁରୁତ୍ୱ ଦେଇଥିଲେ। ପରସ୍ପର ସୁସମନ୍ୱୟ ରଖି କାର୍ଯ୍ୟ କଲେ ସଡକ ସୁରକ୍ଷା ସଫଳ




ହେବା ସହ ଅନେକ ମୂଲ୍ୟବାନ ଜୀବନ ରକ୍ଷା ହୋଇ ପାରିବ ବୋଲି ଶ୍ରୀ ସିଂ କହିଥିଲେ। ଦୁର୍ଘଟଣା ଗ୍ରସ୍ତଙ୍କୁ ସାହାଯ୍ୟ କ୍ଷେତ୍ରରେ ଥିବା ବ୍ୟବସ୍ଥା ସମ୍ପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦିଆଯାଇଥିଲା। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ଅମିତ ରଣା ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ତଥ୍ୟ ଉପସ୍ଥାପନ କରିଥିଲେ। ଜିଲ୍ଲାରେ ୨୦୨୬ ଅଗଷ୍ଟ ମାସ ସୁଦ୍ଧା ୨୭୭ ଟି ରାସ୍ତା ଦୁର୍ଘଟଣା ହୋଇ ଥିବା ବେଳେ ୧୧୭ ଜଣଙ୍କ ର ମୃତ୍ୟୁ ଘଟିଛି।୨୦୨୫ ଅଗଷ୍ଟ ସୁଦ୍ଧା ୪୨୦ ଟି ଦୁର୍ଘଟଣା ଘଟିଥିବା ବେଳେ ୧୪୫ ଜଣଙ୍କ ର ମୃତ୍ୟୁ ଘଟିଥିଲା।୨୦୨୬ ଅଗଷ୍ଟ ସୁଦ୍ଧା ୭୦୩୮ ବିନା ହେଲମେଟ ଯାଞ୍ଚ ,ଦ୍ରୁତ ଗତିରେ ଗାଡି ଚାଳନା କ୍ଷେତ୍ରରେ ୨୯୭୬ ମାମଲା, ସିଟବେଲ୍ଟ ଉଲ୍ଲଘଂନ କ୍ଷେତ୍ରରେ ୧୨୮ ଜଣ,ଗାଡି ଚାଳନା ବେଳେ ମୋବାଇଲ ବ୍ୟବହାର କ୍ଷେତ୍ରରେ ୧୧୬୧ ଜଣ, ମାଦକ ଦ୍ରବ୍ୟ ସେବନ କରି ଗାଡି ଚାଳନା କ୍ଷେତ୍ରରେ ୧୩୯୫ ଜଣ,ଭୁଲ ସାଇଟରେ ଗାଡି ଚାଳନା ପାଇଁ ୪୫ ଜଣ,ଓଭରଲୋଡିଂ କ୍ଷେତ୍ରରେ ୨୫,ଅନ୍ୟାନ୍ୟ ମୋଟର ଯାନ ସମ୍ପର୍କିତ ଉଲ୍ଲଘଂନ କ୍ଷେତ୍ରରେ ୩୦୧୮୦ ଚିହ୍ନଟ କରାଯାଇଥିଲା।ଏହି ସମସ୍ତ ଘଟଣାରେ ମୋଟ ୧୯୭୫୭ ଇ-ଚାଲାଣ କରାଯାଇଛି ଯାହାର ପରିମାଣ ରହିଛି ୧୧୮୧୦୪୭୦୩ ଟଙ୍କା ଓ ୪୬୯ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ସଚିନ ପଟେଲ,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବସ ମାଲିକ ସଂଘର ସଭାପତି ଲୋକନାଥ ପାଣି, ସମ୍ପାଦକ, ଟୁରିଷ୍ଟ ବସ ମାଲିକ ସଂଘ ସଭାପତି, ସମ୍ପାଦକ ପୁରୀ ବେସରକାରୀ ବସ ମାଲିକ ସଂଘର ପ୍ରତିନିଧି, ଟାଉନ ବସ୍ ମାଲିକ ସଂଘର ପ୍ରତିନିଧି,ଜାତୀୟ ରାଜପଥ ପ୍ରତିନିଧି, ଏଆରଟିଓ ଦେବାଶିଷ ପଣ୍ଡା, ଅନ୍ୟାନ୍ୟ ବିଭାଗର ଅଧିକାରୀ, ବସ୍ ମାଲିକ ସଂଘର ପ୍ରତିନିଧି ଓ ସଦସ୍ୟ ମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ ଥିଲେ।

# ବିଶ୍ୱର ଦେଶଗୁଡ଼ିକ ନିଜ ନିଷ୍ପତ୍ତିର ବିଶ୍ୱସ୍ତରୀୟ ପ୍ରଭାବକୁ ବୁଝନ୍ତୁ, କେବଳ ନିଜ ସ୍ୱାର୍ଥ ମଧ୍ୟରେ ସୀମିତ ରୁହନ୍ତୁ ନାହିଁ: ଜୟଶଙ୍କର



ନୂଆଦିଲ୍ଲୀ, ୩୦/୯: ବିଶ୍ୱରେ ଚାଲିଥିବା ବିବାଦ ମଧ୍ୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବିଶ୍ୱ ଦକ୍ଷିଣରେ ଥିବା ଦେଶଗୁଡ଼ିକର ସ୍ୱାର୍ଥ ପାଇଁ ଓକିଲାତି କରି କହିଛନ୍ତି ଯେ ଦେଶଗୁଡ଼ିକ ସେମାନଙ୍କ ନିଷ୍ପତ୍ତିର ବ୍ୟାପକ ବିଶ୍ୱସ୍ତରୀୟ ପ୍ରଭାବକୁ ବୁଝିବା ଉଚିତ୍। ନୀତି ନିର୍ଦ୍ଧାରକମାନଙ୍କର ଅନ୍ୟ ଦେଶର ଅର୍ଥବ୍ୟବସ୍ଥା ଉପରେ, ବିଶେଷ କରି ଗ୍ଲୋବାଲ୍ ସାଉଥ୍ ଉପରେ ସେମାନଙ୍କ ନିଷ୍ପତ୍ତିର ପ୍ରଭାବକୁ ଆକଳନ କରିବାର ଦାୟିତ୍ୱ ରହିଛି। ସେ କହିଥିଲେ ଯେ କୌଣସି ନିଷ୍ପତ୍ତିରୁ ଉପୁଜିଥିବା ଅସୁବିଧାକୁ କେବଳ ଏହା କହିବା ଦ୍ୱାରା ଅଣଦେଖା କରାଯାଇପାରିବ ନାହିଁ ଯେ 'ଏହା କରିବାର ଉଦ୍ଦେଶ୍ୟ ନଥିଲା'। ସୋମବାର ନ୍ୟୁୟର୍କରେ ଏସିଆ ସୋସାଇଟିର ଏକ କାର୍ଯ୍ୟକ୍ରମରେ ଉଦ୍ବୋଧନ ଦେଇ ଜୟଶଙ୍କର କହିଛନ୍ତି ଯେ ୟୁକ୍ରେନ ଏବଂ ଇରାନ-ଉପସାଗରୀୟ ବିବାଦ ବିଶ୍ୱ ଦକ୍ଷିଣର ଅର୍ଥବ୍ୟବସ୍ଥା ଉପରେ ଗୁରୁତର ପ୍ରଭାବ ପକାଇଛି। ସବୁଠାରୁ ଅଧିକ ପ୍ରଭାବ ଶକ୍ତି କ୍ଷେତ୍ର ଉପରେ ପଡ଼ିଛି। ତୈଳ ବଜାର ପୂର୍ବରୁ ଚାପରେ ଅଛି ଏବଂ ଶକ୍ତି ଯୋଗାଣ ସହିତ ଜଡିତ ରାଜନୀତି ଜଡ଼ିତ ହେବା ପରେ ପରିସ୍ଥିତି ଅଧିକ ଜଟିଳ ହୋଇଯାଏ । ଏହା ମୂଲ୍ୟ ଉପରେ ଚାପ ବଢ଼ାଇଥାଏ, ଯେତେବେଳେ କି ଏହି ସମୟରେ ବଜାରରେ ସ୍ଥିରତା ଆବଶ୍ୟକ ହୋଇଥାଏ। ସେ କହିଥିଲେ ଯେ କଳା ସାଗର ଅଞ୍ଚଳରୁ ପ୍ରମୁଖ ଖାଦ୍ୟଶସ୍ୟ ରପ୍ତାନିକାରୀଙ୍କ ଯୋଗାଣ ବାଧାପ୍ରାପ୍ତ ହେଉଛି। ରୁଷ ଏବଂ ମଧ୍ୟପ୍ରାଚ୍ୟର ପ୍ରମୁଖ ସାର ଉତ୍ପାଦକମାନେ ଏହି ସଂଘର୍ଷ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଏହାଦ୍ୱାରା ସାରର ଅଭାବ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହାବ୍ୟତୀତ, ଏଲ୍ ନିନୋ ପରିସ୍ଥିତି ମଧ୍ୟ ଖାଦ୍ୟ ସଙ୍କଟକୁ ବଢ଼ାଇପାରେ। ଜୟଶଙ୍କର କହିଛନ୍ତି ଯେ ଦେଶଗୁଡ଼ିକ ସେମାନଙ୍କ ନିଷ୍ପତ୍ତି ନେବା ସମୟରେ କେବଳ ନିଜ ସ୍ୱାର୍ଥ ଏବଂ ପରିସ୍ଥିତିକୁ ଧ୍ୟାନରେ ରଖିପାରିବେ ନାହିଁ। ସେମାନଙ୍କୁ ଅନ୍ୟ ଦେଶର ପରିସ୍ଥିତି ଏବଂ ସେମାନଙ୍କ ନିଷ୍ପତ୍ତିର ସମ୍ଭାବ୍ୟ ପରିଣାମ ଉପରେ ମଧ୍ୟ ବିଚାର କରିବାକୁ ପଡ଼ିବ। ସେ କହିଥିଲେ ଯେ କୌଣସି ଦେଶ ନିଜ ଦୁନିଆରେ ନିଷ୍ପତ୍ତି ନେବା ଭଳି ଆତ୍ମକେନ୍ଦ୍ରିତ ହୋଇପାରିବ ନାହିଁ ଏବଂ ପରେ ସେ କହିଥିଲେ ଯେ ଏହାର ଉଦ୍ଦେଶ୍ୟ ଅନ୍ୟମାନଙ୍କ ପାଇଁ ଏହାକୁ କଷ୍ଟକର କରିବା ନୁହେଁ। ଜୟଶଙ୍କର କହିଛନ୍ତି ଯେ ତୈଳ ଯୋଗାଣର ସୁରକ୍ଷା ଏବଂ ଏହା ସହିତ ଜଡିତ ରାଜନୀତି ପରସ୍ପରକୁ ପ୍ରଭାବିତ କରୁଛି। ଏହାଦ୍ୱାରା ସମସ୍ୟା ଆହୁରି ଜଟିଳ ହୋଇଥାଏ। ଏହାର ପ୍ରଭାବ କେବଳ ଶକ୍ତି ମଧ୍ୟରେ ସୀମିତ ନୁହେଁ। ଖାଦ୍ୟ ଏବଂ ସାର ଯୋଗାଣ ମଧ୍ୟ ପ୍ରଭାବିତ ହେଉଛି। ସେ କହିଥିଲେ ଯେ ବିବାଦର ପ୍ରଭାବ ଆର୍ଥିକ କ୍ଷେତ୍ର ଉପରେ ମଧ୍ୟ ପଡ଼ିଥାଏ। ଏଭଳି ସମୟରେ, ପୁଞ୍ଜି ସୁରକ୍ଷିତ ବଜାରକୁ ଯାଇ ଗ୍ଲୋବାଲ ସାଉଥରୁ ବାହାରିଥାଏ।

# ଟ୍ରାଫିକ୍ ଜାମ୍ ଏବଂ ସଡ଼କ ଦୁର୍ଘଟଣା ଆଶଙ୍କାକୁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଶୀଘ୍ର ପୂର୍ବାନୁମାନ କରିପାରିବ

ଯୋଧପୁର, ୩୦/୯: ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଯୋଧପୁରର ପରିବହନ ସିଷ୍ଟମ୍ ଏବଂ ଟ୍ରାଫିକ୍ ମଡେଲିଂ ଲାବୋରେଟୋରୀ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଏବଂ ଡାଟା ଆନାଲିଟିକ୍ସ ସହାୟତାରେ ଭାରତୀୟ ପରିବହନ ବ୍ୟବସ୍ଥାକୁ ଅଧିକ ସୁରକ୍ଷିତ ଏବଂ ଦକ୍ଷ କରିବା ଦିଗରେ ଗବେଷଣା କରୁଛି। ଅନୁସନ୍ଧାନର ଉଦ୍ଦେଶ୍ୟ ହେଉଛି ରାସ୍ତାରେ ଦେଖାଯିବା ପୂର୍ବରୁ ଏକ ଜାମ୍ ସୃଷ୍ଟି ହେବାର ସମ୍ଭାବନା ଆକଳନ କରିବା ଏବଂ ଦୁର୍ଘଟଣା ପୂର୍ବରୁ ସୃଷ୍ଟି ହେଉଥିବା ବିପଦ ପରିସ୍ଥିତି ଚିହ୍ନଟ କରିବା । ସିଭିଲ୍ ଏବଂ ଭିତ୍ତିଭୂମି ଇଞ୍ଜିନିୟରିଂ ବିଭାଗର ଆସୋସିଏଟ୍ ପ୍ରଫେସର ତଥା ଲାବୋରେଟୋରୀର ମୁଖ୍ୟ ଡକ୍ଟର ରଞ୍ଜୁ ମୋହନଙ୍କ ନେତୃତ୍ୱରେ ଏହି ଗବେଷଣା ପରିବହନ ଇଞ୍ଜିନିୟରିଂ, ଗଣିତ, କୃତ୍ରିମ ବୁଦ୍ଧିମତା, ବ୍ୟବହାରିକ ବିଜ୍ଞାନ ଏବଂ ତଥ୍ୟ ବିଶ୍ଳେଷଣକୁ ଏକତ୍ର କରିଛି। ଗବେଷକମାନେ ସଡ଼କ, ଯାନବାହନ, ଟ୍ରାଫିକ, ପ୍ରଯୁକ୍ତିବିଦ୍ୟା ଏବଂ ମାନବ ଆଚରଣ ମଧ୍ୟରେ ପାରସ୍ପରିକ କ୍ରିୟା ଅଧ୍ୟୟନ କରୁଛନ୍ତି। କେଉଁ ପରିସ୍ଥିତିରେ ଟ୍ରାଫିକ୍ ଜାମ୍ ସୃଷ୍ଟି ହୁଏ ଏବଂ ଜାମ୍ ସୃଷ୍ଟି ହେବା ପୂର୍ବରୁ ସେଗୁଡ଼ିକର ପୂର୍ବାନୁମାନ କରାଯାଇପାରିବ କି ନାହିଁ ତାହା ବୁଝିବା ପାଇଁ ଗାଣିତିକ ଏବଂ ଗଣନୀୟ ମଡେଲ୍ ବିକଶିତ କରାଯାଉଛି। କାର, ବସ୍, ଟ୍ରକ୍ ଏବଂ ଦୁଇ ଚକିଆ ଯାନ ଭଳି ବିଭିନ୍ନ ପ୍ରକାରର ଯାନ ଭାରତୀୟ ରାସ୍ତାରେ ଏକାଠି ଚାଲିଥାଏ। ଲେନ୍ ଶୃଙ୍ଖଳା ଏବଂ ଟ୍ରାଫିକ୍ ଆଚରଣ ମଧ୍ୟ ଅନେକ ସ୍ଥାନରେ ଭିନ୍ନ ଭିନ୍ନ ହୋଇଥାଏ। ଏଭଳି ପରିସ୍ଥିତିରେ ଟ୍ରାଫିକ୍ର ପରିବର୍ତ୍ତିତ ପ୍ରକୃତିକୁ ଅଧ୍ୟୟନ କରିବା ଏକ ଚ୍ୟାଲେଞ୍ଜିଂ କାର୍ଯ୍ୟ। ଗବେଷଣାଗାରର ଗବେଷଣା ଭବିଷ୍ୟତରେ ବୁଦ୍ଧିମାନ ପରିବହନ ବ୍ୟବସ୍ଥା, ଡିଜିଟାଲ୍ ମଡେଲ୍ ଏବଂ ଉନ୍ନତ ଟ୍ରାଫିକ୍ ପରିଚାଳନା ରଣନୀତିର ବିକାଶ ପାଇଁ ବୈଜ୍ଞାନିକ ମୂଳଦୁଆ ପକାଇବାକୁ ଚେଷ୍ଟା କରେ । ଡ. ରଞ୍ଜୁ ମୋହନଙ୍କ ମତରେ, ପରିବହନ ବ୍ୟବସ୍ଥା କେବଳ ସଡ଼କ ଏବଂ ଯାନବାହନ ମଧ୍ୟରେ ସୀମିତ ନୁହେଁ। ଏଥିରେ ଲୋକମାନଙ୍କ ଆଚରଣ, ଭିତ୍ତିଭୂମି, ପ୍ରଯୁକ୍ତି ବିଦ୍ୟା ଏବଂ ପରିସଂଖ୍ୟାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଗବେଷଣାର ଲକ୍ଷ୍ୟ ହେଉଛି ଏଗୁଡ଼ିକ ମଧ୍ୟରେ ପାରସ୍ପରିକ କ୍ରିୟାକୁ ବୈଜ୍ଞାନିକ ଢଙ୍ଗରେ ବୁଝିବା ଏବଂ ନିରାପଦ, ଦକ୍ଷ ଏବଂ ଲୋକଙ୍କ ଆବଶ୍ୟକତା ପ୍ରତି ଉତ୍ତରଦାୟୀ ପରିବହନ ବ୍ୟବସ୍ଥାର ବିକାଶରେ ଯୋଗଦାନ କରିବା। ଏହି ପରୀକ୍ଷାଗାର ଆଧୁନିକ ଡ୍ରାଇଭିଂ ସିମୁଲେଟର ମାଧ୍ୟମରେ ନିୟନ୍ତ୍ରିତ ପରିବେଶରେ ଭାରତୀୟ ରାସ୍ତା ଏବଂ ବିଭିନ୍ନ ଟ୍ରାଫିକ୍ ସ୍ଥିତିର ଏକ ଅଭିଜ୍ଞତା ସୃଷ୍ଟି କରୁଛି।

# ଭିଏତନାମରେ ସଡ଼କ ଦୁର୍ଘଟଣା: ୨ ଭାରତୀୟ ମୃତ

ନୂଆଦିଲ୍ଲୀ, ୩୦/୯: ଭିଏତନାମରେ ଏକ ସଡ଼କ ଦୁର୍ଘଟଣାରେ ଝାଡ଼ଖଣ୍ଡର ୨ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି। ସେମାନେ ଯୋଗ ଶିଖାଇବା ପାଇଁ ଭିଏତନାମ ଯାଇଥିଲେ। ମୃତ ୨ ଯୁବକ ହେଉଛନ୍ତି ରାଜା କୁମାର ବର୍ମା (୨୬) ଓ ବିନୟ ଯାଦବ (୨୩)। ଡା ଲାଟ୍‌ସହରରେ ସେପ୍ଟେମ୍ବର ୨୫ ତାରିଖରେ ଏହି ଦୁର୍ଘଟଣା ଘଟିଥିଲା। ଉଭୟ ଯୋଗ କ୍ଲାସ୍‌ରୁ ଫେରୁଥିବାବେଳେ ସେମାନଙ୍କ ବାଇକ୍ ଏକ କାର ସହ ଧକ୍କା ହୋଇଥିଲା। ଏଥିରେ ବର୍ମାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ବିନୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୨ ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରାଜା କୁମାର ବର୍ମା ରାଞ୍ଚିର ବାସିନ୍ଦା। ସେ ୨ ବର୍ଷ ହେବ ଭିଏତନାମରେ ରହି ଯୋଗ ଶିଖାଉଥିଲେ। ତାଙ୍କ ବାପା ଜଣେ ଇଲେକ୍‌ଟ୍ରିସିଆନ୍। ପରିବାରର ଆର୍ଥିକ ସ୍ଥିତି ସେତେ ଭଲ ନାହିଁ। ଅନ୍ୟପକ୍ଷେ, ବିନୟ ଜାମଶେଦପୁରର ବାସିନ୍ଦା। ସେ ୨ ବର୍ଷ ତଳେ ଚାକିରି ପାଇଁ ଭିଏତନାମ ଯାଇଥିଲେ। ସେଠାରେ ଯୋଗ ପ୍ରଶିକ୍ଷକ ଭାବେ କାମ କରି ପରିବାରକୁ ଆର୍ଥିକ ସହଯୋଗ କରୁଥିଲେ। ଉଭୟଙ୍କ ପରିବାର ଏବେ ସେମାନଙ୍କ ମରଶରୀର ଭାରତ ଫେରାଇ ଆଣିବା ପାଇଁ ସଂଘର୍ଷ କରୁଛନ୍ତି। ବର୍ମାଙ୍କ ପରିବାର ଅନୁଯାୟୀ, ଭିଏତନାମରୁ ତାଙ୍କ ମରଶରୀର ରାଞ୍ଚି ଆଣିବା ପାଇଁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ପୁଅକୁ ଫେରାଇ ଆଣିବା ପାଇଁ ସେମାନଙ୍କ ପାଖରେ ଏତେ ଟଙ୍କା ନଥିବା ପରିବାର କହିଛି। ବର୍ମାଙ୍କ ମା' ରୁପା ବର୍ମା, ଭାଇ ଶୁଭମ୍ ବର୍ମା ଏବଂ ଅନ୍ୟ ପରିବାର ସଦସ୍ୟ ରାଜ୍ୟସଭା ସାଂସଦ ମହୁଆ ମାଜିଙ୍କୁ ତାଙ୍କ ବାସଭବନରେ ଭେଟି ମରଶରୀର ଫେରାଇ ଆଣିବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି।

# ଦୁଇ ଦଶନ୍ଧି ପରେ ଇରାକ ଛାଡ଼ିଲେ ଆମେରିକା ସେନା

ବାଗଦାଦ, ୩୦/୯: ମଧ୍ୟପ୍ରାଚ୍ୟରେ ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଏହି ସମୟରେ, ଆମେରିକା ଏକ ବଡ଼ ନିଷ୍ପତ୍ତି ନେଇ ଦୁଇ ଦଶନ୍ଧି ପରେ ଇରାକରୁ ନିଜର ସମସ୍ତ ସୈନ୍ୟ ପ୍ରତ୍ୟାହାର କରିଛି। ସେନାର ଶେଷ ଦଳ ସ୍ୱଦେଶ ବାହୁଡ଼ିଛନ୍ତି। ଏହି ମିଳିତ ମେଣ୍ଟ ଦେଶକୁ ଉଗ୍ରବାଦୀ ଗୋଷ୍ଠୀଙ୍କଠାରୁ ସୁରକ୍ଷା ଦେବାରେ ସାହାଯ୍ୟ କରିଥିଲା ବୋଲି ଆମେରିକା ଦାବି କରୁଥିବାବେଳେ ମିଳିତ ମେଣ୍ଟକୁ ଇରାକରେ ଉତ୍ତେଜନା ବୃଦ୍ଧି ପାଇଁ ଦାୟୀ କରାଯାଇଛି। ୨୦୦୩ ମସିହାରେ ଆମେରିକା ଇରାକୀ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କ ଉପରେ ଗଣବିନାଶକାରୀ ଅସ୍ତ୍ର ବିକଶିତ କରିବାର ଅଭିଯୋଗ ଆଣିଥିଲା। ଏହା ପରେ, ଆମେରିକା, ବ୍ରିଟେନ, କାନାଡା ଏବଂ ଫ୍ରାନ୍ସ ଭଳି ନାଟୋ ଦେଶମାନଙ୍କ ସହିତ ମିଶି ଇରାକ ଉପରେ ଆକ୍ରମଣ କରିଥିଲା। ଇରାକ ଏବଂ ଆମେରିକା-ସହଯୋଗୀ ସେନା ମଧ୍ୟରେ ପ୍ରାୟ ତିନି ବର୍ଷ ଧରି ଯୁଦ୍ଧ ଆରମ୍ଭ ହୋଇଥିଲା, ଯାହାର ପରିଣାମ ୩୦ ଡିସେମ୍ବର ୨୦୦୬ ରେ ସଦ୍ଦାମ ହୁସେନଙ୍କ ଫାଶୀ ସହିତ ଶେଷ ହୋଇଥିଲା। ସଦ୍ଦାମ ହୁସେନଙ୍କ ମୃତ୍ୟୁ ପରେ, ଆମେରିକୀୟ ସେନା ତାଙ୍କ ପ୍ରାସାଦ ସମେତ ପ୍ରତ୍ୟେକ ସ୍ଥାନ ଖୋଜାଖୋଜି କରିଥିଲେ, କିନ୍ତୁ କୌଣସି ବିନାଶକାରୀ ଅସ୍ତ୍ର ପାଇ ନଥିଲେ। ସଦ୍ଦାମଙ୍କ ମୃତ୍ୟୁ ପରେ ଇରାକ ଅରାଜକତାରେ ବୁଡ଼ି ଯାଇଥିଲା। ଫଳସ୍ୱରୂପ ଆମେରିକୀୟ ସେନା ସାମରିକ ଘାଟି ସ୍ଥାପନ କରିବାକୁ ଏବଂ ସେଠାରେ ନିଜର ସୈନ୍ୟଙ୍କୁ ମୁତୟନ କରିବାକୁ ନିଷ୍ପତ୍ତି ନେଇ ଇରାକରେ ଦେଢ଼ ଲକ୍ଷ ଆମେରିକୀୟ ସୈନ୍ୟ ମୁତୟନ କରିଥିଲା। ଇରାକରେ ସଦ୍ଦାମ ହୁସେନଙ୍କ ଶାସନକୁ ଭାଙ୍ଗି ଆମେରିକା ଏକ ଗୁରୁତର ଭୁଲ୍ କରିଥିଲା। ଆମେରିକା ଭାବିଥିଲା, ଇରାକୀ ସୈନିକମାନେ ସଦ୍ଦାମଙ୍କ ପ୍ରତି ବିଶ୍ୱସ୍ତ ଥିଲେ, ତେଣୁ ଆମେରିକା ପ୍ରଶାସନ ଇରାକୀ ସେନାକୁ ଭାଙ୍ଗି ଦେଇଥିଲା। ଏହି ନିଷ୍ପତ୍ତି ଯୋଗୁଁ ପ୍ରାୟ ସାଢ଼େ ତିନି ଲକ୍ଷ ଇରାକୀ ସୈନିକ ବେକାର ହୋଇଯାଇଥିଲେ। ସେମାନେ ପରେ ଇସଲାମିକ୍ ଷ୍ଟେଟ୍ ଏବଂ ଅନ୍ୟାନ୍ୟ ଆତଙ୍କବାଦୀ ଗୋଷ୍ଠୀରେ ଯୋଗ ଦେଇଥିଲେ। ସେମାନେ ଇରାକ ସହ ଅନ୍ୟାନ୍ୟ ଦେଶରେ ମଧ୍ୟ ଆତଙ୍କବାଦୀ ଆକ୍ରମଣ କରିଥିଲେ। ୨୦୧୪ ମସିହାରେ ଇସଲାମିକ୍ ଷ୍ଟେଟ୍ ଗୋଷ୍ଠୀ ସହିତ ଲଢ଼ିବା ପାଇଁ ମେଣ୍ଟ ସେନାକୁ ଇରାକ୍ ଏବଂ ସିରିଆ ପଠାଯାଇଥିଲା। ଉଭୟ ଦେଶର ବିସ୍ତୃତ ଅଞ୍ଚଳ ଉପରେ ଇସଲାମିକ୍ ଷ୍ଟେଟ୍ ପ୍ରଭାବ ପକାଇଥିଲା। ୨୦୧୭ ମସିହାରେ ଇରାକରେ ଏବଂ ୨୦୧୯ ମସିହାରେ ସିରିଆରେ ଇସଲାମିକ୍ ଷ୍ଟେଟ୍ ପରାଜିତ ହୋଇଥିଲା। କିନ୍ତୁ ଗୋଷ୍ଠୀର ଅବଶିଷ୍ଟ ସଦସ୍ୟଙ୍କ ସହିତ ଲଢ଼ିବା ପାଇଁ ମେଣ୍ଟ ସେନା ସେଠାରେ ରହିଥିଲେ। ପୂର୍ବତନ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ୨୦୨୪ ମସିହାରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବାଗଦାଦରୁ ଆମେରିକୀୟ ସୈନ୍ୟ ପ୍ରତ୍ୟାହାର ପାଇଁ ଏକ ଚୁକ୍ତି କରିଥିଲେ। ଏହି ଚୁକ୍ତି ଅନୁଯାୟୀ ଉଭୟ ଦେଶ ମେଣ୍ଟର ମିଶନକୁ ଧୀରେ ଧୀରେ ସମାପ୍ତ କରିବାକୁ ରାଜି ହୋଇଥିଲେ। ଏହା ଅନ୍ତର୍ଗତ ବିଭିନ୍ନ ପର୍ଯ୍ୟାୟ ସହିତ ଶେଷରେ ଆମେରିକୀୟ ସୈନ୍ୟମାନେ ୨୦୨୬ ସେପ୍ଟେମ୍ବର ୩୦ ରେ ଆନୁଷ୍ଠାନିକ ଭାବରେ ଇରାକ ଛାଡିଛନ୍ତି। ଇରାକୀ ସରକାରଙ୍କ ଅନୁସାରେ ମେଣ୍ଟର ପ୍ରତ୍ୟାହାର ସହିତ ଦେଶରେ ଥିବା ଉଗ୍ରବାଦୀ ଗୋଷ୍ଠୀମାନଙ୍କ ପାଖରେ ଅସ୍ତ୍ରଶସ୍ତ୍ର ରଖିବାର ବାହାନା ଦୂର ହେବ।



# ମେରଠ 'ନୀଳ ଡ୍ରମ୍ ମାମଲା': ମୁସ୍କାନ ଓ ସାହିଲ ଦୋଷୀ

ମେରଠ, ୩୦/୯: ବହୁଚର୍ଚ୍ଚିତ 'ନୀଳ ଡ୍ରମ୍ ମାମଲା'ରେ ବୁଧବାର ମେରଠ ଜିଲ୍ଲା ଅଦାଲତ ମୁସ୍କାନ ରସ୍ତୋଗୀ ଓ ସାହିଲ ଶୁକ୍ଲାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ମୁସ୍କାନଙ୍କ ସ୍ୱାମୀ ତଥା ପୂର୍ବତନ ମର୍ଚ୍ଚାଣ୍ଟ ନେଭି ଅଧିକାରୀ ସୌରଭ ରାଜପୁତଙ୍କ ହତ୍ୟା ମାମଲାରେ ଉଭୟଙ୍କୁ ହତ୍ୟା, ପ୍ରମାଣ ନଷ୍ଟ ଓ ଆପରାଧିକ ଷଡ଼ଯନ୍ତ୍ର ମାମଲାରେ ଦୋଷୀ କରାଯାଇଛି। ତେବେ ଦଣ୍ଡାଦେଶ ଉପରେ କୋର୍ଟ ନିଷ୍ପତ୍ତି ସଂରକ୍ଷିତ ରଖିଛନ୍ତି ଏବଂ ୧୫ ଦିନ ପରେ ଦଣ୍ଡାଦେଶ ଶୁଣାଇବେ। ପ୍ରାୟ ୧୩ ମାସ ଧରି ଚାଲିଥିବା ଏହି ମାମଲାରେ ୧୨୬ ଥର ଶୁଣାଣି ହୋଇଥିବାବେଳେ ୨୨ରୁ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଅଭିଯୋଗକାରୀ ପକ୍ଷରୁ ବୈଜ୍ଞାନିକ ଓ ପରିସ୍ଥିତିଗତ ପ୍ରମାଣ ସମେତ ବିଭିନ୍ନ ସାକ୍ଷ୍ୟ ଉପସ୍ଥାପନ କରାଯାଇଥିଲା। ସେମାନେ ଉଭୟଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରିଥିବାବେଳେ ପ୍ରତିପକ୍ଷ ଯୁକ୍ତିରେ ହତ୍ୟାର କୌଣସି ପ୍ରତ୍ୟକ୍ଷଦର୍ଶୀ ନ ଥିବା ଦର୍ଶାଯାଇଥିଲା। ଅଭିଯୋଗ ଅନୁସାରେ, ୨୦୨୫ ମାର୍ଚ୍ଚ ୩ ତାରିଖରେ ସୌରଭଙ୍କୁ ହତ୍ୟା କରାଯାଇଥିଲା। ପରେ ତାଙ୍କ ମୃତଦେହକୁ ଏକ ନୀଳ ଡ୍ରମ୍‌ରେ ପୂରାଇ ସିମେଣ୍ଟ ଦେଇ ବନ୍ଦ କରିଦିଆ ଯାଇଥିଲା। ପରେ ଦୁଇ ଅଭିଯୁକ୍ତ ହିମାଚଳପ୍ରଦେଶ ଚାଲିଯାଇଥିଲେ।

# 'ଏସ୍‌ଆଇଆର ସରିଥିବା ରାଜ୍ୟରେ ଘୋଷଣାପତ୍ର ଦରକାର ନାହିଁ'




ନୂଆଦିଲ୍ଲୀ, ୩୦/୯: ସ୍ୱତନ୍ତ୍ର ସଂଘନ ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ଶେଷ ହୋଇଥିବା ଏବଂ ଏପର୍ଯ୍ୟନ୍ତ ଏସ୍‌ଆଇଆର ଆରମ୍ଭ ହୋଇନଥିବା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ନୂଆ ଭୋଟରଙ୍କ ପାଇଁ ଘୋଷଣାପତ୍ର ଦାଖଲ କରିବା ଆବଶ୍ୟକ ନାହିଁ। ବୁଧବାର ନିର୍ବାଚନ କମିସନଙ୍କ ଜଣେ ଅଧିକାରୀ ଏହି ସୂଚନା ଦେଇଛନ୍ତି। କମିସନଙ୍କ ଅନୁସାରେ, ଏସ୍‌ଆଇଆର ଚାଲିଥିବା ସମୟ ହେଉ କିମ୍ବା ସାଧାରଣ ସମୟ, ଭୋଟର ପଞ୍ଜୀକରଣ ପାଇଁ ବ୍ୟବହୃତ ଫର୍ମ-୬ରେ କୌଣସି ପରିବର୍ତ୍ତନ ହୋଇନାହିଁ। ଏସ୍‌ଆଇଆର ଚାଲୁଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଅତିରିକ୍ତ ଭାବେ ଘୋଷଣାପତ୍ର ମଗାଯାଇଥିଲା। ୨୦୨୫ ଜୁନ୍ ୨୪ରେ ଜାରି ଏସ୍‌ଆଇଆର ନିର୍ଦ୍ଦେଶ ଏବଂ ପରବର୍ତ୍ତୀ ନିର୍ଦ୍ଦେଶ ଅନୁସାରେ ଏହି ବ୍ୟବସ୍ଥା କରାଯାଇଥିଲା। ସେପ୍ଟେମ୍ବର ୨୬ରେ ନିର୍ବାଚନ କମିସନ ପ୍ରକାଶ କରିଥିବା ପ୍ରେସ୍‌ନୋଟ୍‌ରେ ସ୍ପଷ୍ଟ କରିଥିଲେ ଯେ ଏସ୍‌ଆଇଆର ଶେଷ ହୋଇଥିବା ଏବଂ ଏପର୍ଯ୍ୟନ୍ତ ଏସ୍‌ଆଇଆର ଆରମ୍ଭ ହୋଇନଥିବା ରାଜ୍ୟଗୁଡ଼ିକରେ ଘୋଷଣାପତ୍ର ଆବଶ୍ୟକ ହେବ ନାହିଁ। ଏହି ଘୋଷଣାପତ୍ରରେ ନୂଆ ଆବେଦନକାରୀଙ୍କୁ ସେମାନେ ନିଜେ କିମ୍ବା ସେମାନଙ୍କ ମାତାପିତା ଓ ଜେଜେବାପା-ଜେଜେମା' ପୂର୍ବରୁ ପ୍ରସ୍ତୁତ ଭୋଟର ତାଲିକାରେ ଥିଲେ କି ନାହିଁ, ସେ ସମ୍ପର୍କରେ ତଥ୍ୟ ଦେବାକୁ ପଡୁଥିଲା। ନିର୍ବାଚନ କମିସନଙ୍କ ତଥ୍ୟ ଅନୁସାରେ ବିହାର ଓ ପଶ୍ଚିମବଙ୍ଗ ସମେତ ୨୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର ଶେଷ ହୋଇସାରିଛି।

# ବିଧାୟକ ରାଜେଶ ଚୌଧୁରୀଙ୍କୁ ହତ୍ୟା ଧମକ



ମଥୁରା, ୩୦/୯: ଉତ୍ତରପ୍ରଦେଶ ମଥୁରାର ମନ୍ତ ବିଧାନସଭା ଆସନର ବିଜେପି ବିଧାୟକ ଏବଂ ଦଳର ରାଜ୍ୟ ସାଧାରଣ ସମ୍ପାଦକ ଏବଂ ମୁଖପାତ୍ର ରାଜେଶ ଚୌଧୁରୀଙ୍କୁ ଏକ ପାକିସ୍ତାନୀ ନମ୍ବରରୁ ହତ୍ୟା ଧମକ ମିଳିଥିବା ମାମଲା ସାମ୍ନାକୁ ଆସିଛି। ବିଧାୟକ ଅଭିଯୋଗ କରିଛନ୍ତି ଯେ ଫୋନ୍ କରିଥିବା ବ୍ୟକ୍ତି ପ୍ରଥମେ ତାଙ୍କୁ ଟିଭି ଚ୍ୟାନେଲରେ ଇସଲାମ ଏବଂ ମୁସଲମାନ ସମ୍ବନ୍ଧୀୟ ପ୍ରସଙ୍ଗରେ କହିବା ବନ୍ଦ କରିବାକୁ ଚେତାବନୀ ଦେଇଥିଲେ ଏବଂ ପରେ ତାଙ୍କୁ ଏବଂ ତାଙ୍କ ପରିବାରକୁ ବୋମାରେ ଉଡ଼ାଇ ଦେବାକୁ ଧମକ ଦେଇଥିଲେ।ବିଧାୟକ ରାଜେଶ ଚୌଧୁରୀଙ୍କ ଅନୁଯାୟୀ, ତାଙ୍କ ଫୋନରେ ୨୮ ସେପ୍ଟେମ୍ବର ରାତି ପ୍ରାୟ ୧୦:୩୮ ସମୟରେ ଏକ କଲ୍ ଆସିଥିଲା। ବିଧାୟକଙ୍କ ଅନୁଯାୟୀ, କଲ୍ କରିଥିବା ବ୍ୟକ୍ତି ଏହାକୁ ଏକ ଶେଷ ଚେତାବନୀ ଭାବରେ ବର୍ଣ୍ଣନା କରି ଏପରି ପ୍ରସଙ୍ଗରେ ଆଉ ନ କହିବାକୁ କହିଥିଲେ। ରାଜେଶ କହିଛନ୍ତି, ତାଙ୍କ ମୋବାଇଲ୍ ଫୋନ୍‌ରେ ପ୍ରାୟ ରାତି ୨:୧୬ ସମୟରେ ଏକ ମିସ୍‌ଡ୍ କଲ୍ ଆସିଥିଲା। ଠିକ୍ ଗୋଟିଏ ମିନିଟ୍ ପରେ, ପ୍ରାୟ ରାତି ୨:୧୭ ସମୟରେ, ସେ ଆଉ ଏକ କଲ୍ ପାଇଲେ। ବିଧାୟକ ଅଭିଯୋଗ କରିଛନ୍ତି, ଏହି କଥାବାର୍ତ୍ତା ସମୟରେ ଫୋନ୍ କରିଥିବା ବ୍ୟକ୍ତି ଅପମାନଜନକ ଭାଷା ବ୍ୟବହାର କରିଥିଲେ ଏବଂ ତାଙ୍କୁ ଏବଂ ତାଙ୍କ ପରିବାର ଉପରେ ବୋମା ମାଡ଼ କରିବାକୁ ଧମକ ଦେଇଥିଲେ।

# ବସ୍-ଟ୍ରକ୍ ଓଭରଟେକରୁ ବଡ଼ ଦୁର୍ଘଟଣା, ୫ ମୃତ

ନୂଆଦିଲ୍ଲୀ, ୩୦/୯ : ବୁଧବାର ସକାଳେ ଗୁଜରାଟର ଆନନ୍ଦ ଜିଲ୍ଲାର ଅହମ୍ମଦାବାଦ-ଭଦୋଦରା ଏକ୍ସପ୍ରେସୱେରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ପୋଲିସ ସୂଚନା ଅନୁଯାୟୀ, ଏକ ଘରୋଇ ବସ୍ ଏବଂ ଏକ ଟ୍ରକ୍ ମଧ୍ୟରେ ଏକ ଜୋରଦାର୍ ଧକ୍କା ହୋଇଥିଲା, ଯେଉଁଥିରେ ୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୫ ଜଣ ଆହତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ଦୁର୍ଘଟଣା ଉପରେ ଦୁଃଖ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଘଟଣା ଉପରେ ଦୁଃଖ ପ୍ରକାଶ କରି ଏକ ପୋଷ୍ଟ ସେୟାର କରିଛି। ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଉଦ୍ଧୃତ କରି କୁହାଯାଇଛି ଯେ, 'ଗୁଜରାଟର ଆନନ୍ଦରେ ଦୁର୍ଘଟଣାରେ ପ୍ରାଣହାନି ଯୋଗୁଁ ମୁଁ ଗଭୀର ଦୁଃଖିତ । ଶୋକସନ୍ତପ୍ତ ପରିବାର ପ୍ରତି ମୋର ସମବେଦନା । ମୁଁ ସମସ୍ତ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି।' ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି ଏବଂ ଆହତଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି । ରିପୋର୍ଟ ଅନୁଯାୟୀ, ସୁରଟରୁ ରାଜସ୍ଥାନ ଯାଉଥିବା ଏକ ଘରୋଇ ବସ୍ ଓଭରଟେକ୍ ଲେନ୍‌ରେ ଧକ୍କା ଖାଇଥିଲା । ଜଣେ ପୋଲିସ ଅଧିକାରୀ କହିଛନ୍ତି ଯେ ଏକ୍ସପ୍ରେସର ଘରୋଇ ବସ୍ ଏକ ଟ୍ରକକୁ ଓଭରଟେକ୍ କରିବାକୁ ଚେଷ୍ଟା କରିବା ସମୟରେ ଦୁର୍ଘଟଣା ଘଟିଥିଲା । ଧକ୍କା ଏତେ ତୀବ୍ର ଥିଲା ଯେ ବସଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା ।

# ଜାମ୍ମୁ-କାଶ୍ମୀର ବିଧାନସଭାରେ ହଙ୍ଗାମା, ବିଜେପି-ଏନସି ମୁହାଁମୁହିଁ



ଶ୍ରୀନଗର, ୩୦/୯: ଜାମ୍ମୁ-କାଶ୍ମୀର ବିଧାନସଭାରେ ବିଧାୟକମାନଙ୍କ ଦରମା ବୃଦ୍ଧି ସମ୍ପର୍କିତ ଏକ ବିଲ୍ ପ୍ରତ୍ୟାହାରକୁ ନେଇ ବୁଧବାର ଗୃହରେ କିଛି ସମୟ ପାଇଁ ଉତ୍ତେଜନାପ୍ରକାଶ ପାଇଛି। ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ପହଲଗାମର ନେସନାଲ କନଫରେନ୍ସ (ଏନସି) ବିଧାୟକ ଅଲତାଫ କାଲୁ ଏହି ବିଲ୍ ପ୍ରତ୍ୟାହାର ପ୍ରସଙ୍ଗ ଉଠାଇଥିଲେ। ପୂର୍ବରୁ ସର୍ବସମ୍ମତିର ଅଭାବ ଦର୍ଶାଇ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ବିଧାୟକ ଓ ମନ୍ତ୍ରୀମାନଙ୍କ ଦରମା ବୃଦ୍ଧି ସମ୍ପର୍କିତ ବିଲକୁ ପ୍ରତ୍ୟାହାର କରିନେଇଥିଲେ। ବିଜେପି ବିଧାୟକମାନେ ଏହାକୁ ବିରୋଧ କରିବାରୁ, ଯଦି ଗୃହରେ ସର୍ବସମ୍ମତି ନହୁଏ ତେବେ ବିଲ୍ ପ୍ରତ୍ୟାହାର କରିନେବେ ବୋଲି ମୁଖ୍ୟମନ୍ତ୍ରୀ ପୂର୍ବରୁ ସ୍ପଷ୍ଟ କରିଥିଲେ। ଏହି ପ୍ରସଙ୍ଗରେ 'ଏନସି' ବିଧାୟକ କାଲୁ ଅଭିଯୋଗ କରିଥିଲେ ଯେ ବିଜେପିର ୩ ଲକ୍ଷ ଟଙ୍କା ଦରମା ବୃଦ୍ଧି ସୁପାରିଶକୁ ଗ୍ରହଣ କରାଯାଇ ନଥିବାରୁ ସେମାନେ ଏହି ବିଲକୁ ବିରୋଧ କରିଥିଲେ। ତେବେ ବିଜେପି ବିଧାୟକ ଶାମ ଲାଲ ଶର୍ମା ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ବିଲଟି ସରକାରଙ୍କ ଦ୍ୱାରା ପ୍ରତ୍ୟାହୃତ ହୋଇଛି, ନାକଚ ହୋଇନାହିଁ ବୋଲି ସ୍ପଷ୍ଟ କରିଥିଲେ। ଏହି ଅର୍ଥକୁ ଦୈନିକ ମଜୁରିଆ, ଆବଶ୍ୟକତା ଭିତ୍ତିକ ଚୁକ୍ତିଭିତ୍ତିକ କର୍ମଚାରୀ ଓ ଅନ୍ୟ ସରକାରୀ କର୍ମଚାରୀଙ୍କ କଲ୍ୟାଣରେ ବ୍ୟବହାର କରିବାକୁ ବିଜେପି ପ୍ରସ୍ତାବ ଦେଇଥିବା ସେ କହିବା ସହ ଗୃହ ଭିତରେ ରାଜନୀତି ନକରିବାକୁ କାଲୁଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ। ଏହି ଗଣ୍ଡଗୋଳ ମଧ୍ୟରେ ବାଚସ୍ପତି ଅବଦୁଲ ରହିମ୍ ରାଥର ହସ୍ତକ୍ଷେପ କରି ମଙ୍ଗଳବାର ଦିନ ହିଁ ଏହି ପ୍ରସଙ୍ଗର ସମାପ୍ତି ଘଟିସାରିଥିବାରୁ ଏହାକୁ ପୁନର୍ବାର ନଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ବାଚସ୍ପତିଙ୍କ ହସ୍ତକ୍ଷେପ ପରେ ଗୃହ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା ଏବଂ ପ୍ରଶ୍ନୋତ୍ତର କାଳ ଆରମ୍ଭ ହୋଇଥିଲା।

# ବଡଗାମ ଏନକାଉଣ୍ଟରରେ ଲସ୍କର-ଇ-ତୋଇବା ଆତଙ୍କବାଦୀ ମୁସା ନିହତ

ବଡଗାମ, ୩୦/୯: ଜାମ୍ମୁ-କାଶ୍ମୀରରେ, ମଙ୍ଗଳବାର-ବୁଧବାର ମଧ୍ୟରାତ୍ରିରେ ବଡଗାମ ଜିଲ୍ଲାର ଗୁରୁଦ୍ୱାତକାଲାନ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ହୋଇଥିବା ଏନକାଉଣ୍ଟରରେ ଜଣେ ଲସ୍କର-ଇ-ତୋଇବା ଆତଙ୍କବାଦୀ ନିହତ ହୋଇଛନ୍ତି। ସେ ସୁଲେମାନ ଶାହ ଓରଫ ମୁସା ବୋଲି ଚିହ୍ନଟ କରାଯାଇଛି।ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଉକ୍ତ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ସମ୍ପର୍କରେ ସୂଚନା ପାଇବା ପରେ ସୁରକ୍ଷା ବାହିନୀ ଏକ ମିଳିତ ଅପରେସନ ଆରମ୍ଭ କରିଥିଲେ। ଏହି ସମୟରେ ସୁରକ୍ଷା ବାହିନୀ ଦ୍ୱାରା ଜଣେ ଆତଙ୍କବାଦୀ ନିହତ ହୋଇଥିଲେ।

# କାନ୍ଥରେ କାଳି ବୋଳିବା ଘଟଣା: ୬ କଂଗ୍ରେସ କର୍ମୀ ଗିରଫ

ନୂଆଦିଲ୍ଲୀ, ୩୦/୯: ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବାସଭବନ ଆଗରେ ବିକ୍ଷୋଭ ଏବଂ କାନ୍ଥରେ କାଳି ବୋଳିବା ଅଭିଯୋଗରେ ପ୍ରାୟ ୨୦ ଜଣ କଂଗ୍ରେସ କର୍ମୀଙ୍କ ବିରୋଧରେ ହତ୍ୟା ଉଦ୍ୟମ, ସରକାରୀ କର୍ମଚାରୀଙ୍କୁ ଆକ୍ରମଣ, ସଂଘବଦ୍ଧ ହିଂସା ଏବଂ ବେଆଇନ ଅନୁପ୍ରବେଶ ଭଳି ଗୁରୁତର ଧାରାରେ ମାମଲା ରୁଜୁ କରାଯାଇଛି। ସୋମବାର ଦିନ ବିଜୟ ନଗର ଅଞ୍ଚଳରେ ଥିବା ନିର୍ବାଚନ ଆୟୁକ୍ତଙ୍କ ବାସଭବନ ଆଗରେ କଂଗ୍ରେସ କର୍ମୀମାନେ ପ୍ରତିବାଦ କରିବା ସହ ଘରର ମୁଖ୍ୟ ଫାଟକ ଏବଂ କାନ୍ଥରେ କଳା ରଙ୍ଗରେ ସ୍ଲୋଗାନ ଲେଖିଥିଲେ। ଏହି ଘଟଣାରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୬ ଜଣ କଂଗ୍ରେସ ନେତା ଅନିଲ ଯାଦବ, ମୁକେଶ ଧଙ୍ଗର, ମନୋଜ ଗୌର, ରାଜେଶ କୁମାର, ରାଜା ଗୌତମ ଓ ପଙ୍କଜ ଚୌଧୁରୀଙ୍କୁ ଗିରଫ କରି ବୁଧବାର ଜେଲକୁ ପଠାଇଦେଇଛି। ସବ୍-ଇନ୍ସପେକ୍ଟର ଗୌରବ ଗୁପ୍ତାଙ୍କ ଲିଖିତ ଅଭିଯୋଗ ଆଧାରରେ ହରିପର୍ବତ ଥାନାରେ ୮ ଜଣ ନାମିତ ଏବଂ ୧୫ ରୁ ୨୦ ଜଣ ଅଜ୍ଞାତ କଂଗ୍ରେସ କର୍ମୀଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ବିଭିନ୍ନ ଗୁରୁତର ଧାରା ଅଧୀନରେ ମାମଲା ରୁଜୁ ହୋଇଛି।

# ବର୍ଷକୁ କୋଟି କୋଟି ଟଙ୍କା ଆୟ କରୁଛି ମାୟାବତୀଙ୍କ ବିଏସପି !



ନୂଆଦିଲ୍ଲୀ, ୩୦/୯: ସଂସଦ ଓ ବିଧାନସଭାରେ ନେତାଙ୍କ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଉଥିଲେ ବି ବହୁଜନ ସମାଜ ପାର୍ଟିର ଆର୍ଥିକ ସ୍ଥିତି ଆଜି ବି ବେଶ୍ ମଜବୁତ ରହିଛି। ଉତ୍ତର ପ୍ରଦେଶ ବିଧାନସଭାରେ ପାର୍ଟିର ଏକମାତ୍ର ବିଧାୟକଙ୍କ ପରଲୋକ ପରେ ଦଳର ଖାତା ସମ୍ପୂର୍ଣ୍ଣ ଖାଲି ହୋଇଯାଇଛି। ସେହିପରି ରାଜ୍ୟସଭାରେ ମଧ୍ୟ ଦଳର କୌଣସି ପ୍ରତିନିଧି ନାହାନ୍ତି। ୧୯୮୯ ମସିହା ପରଠାରୁ ଏହା ପ୍ରଥମ ଘଟଣା, ଯେତେବେଳେ ଉଭୟ ଗୃହରେ ବିଏସପିର ଉପସ୍ଥିତି ପ୍ରାୟ ଶୂନ୍ୟ। ଏଭଳି ରାଜନୈତିକ ସଙ୍କଟ ସତ୍ତ୍ୱେ କୌଣସି ବିଧାୟକ କିମ୍ବା ବଡ଼ ସାଂସଦ ବଳ ନଥାଇ ମାୟାବତୀଙ୍କ ଦଳ କିପରି ନିଜର ବିଶାଳ ପାଣ୍ଠି ପରିଚାଳନା କରୁଛି, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ୧ ବର୍ଷରେ ୫୮.୫୮ କୋଟିର ଆୟ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯାଇଥିବା ରିପୋର୍ଟ ଅନୁଯାୟୀ, ଗୋଟିଏ ବର୍ଷ ମଧ୍ୟରେ ବିଏସପି ପ୍ରାୟ ୫୮.୫୮ କୋଟି ଟଙ୍କା ଆୟ କରିଛି, ଯାହା ଅନେକ ଆଞ୍ଚଳିକ ଦଳଙ୍କ ତୁଳନାରେ ଯଥେଷ୍ଟ ଅଧିକ। ବିଏସପିର ଆୟର ସବୁଠାରୁ ବଡ଼ ଉତ୍ସ ହେଉଛି ବ୍ୟାଙ୍କରେ ଗଚ୍ଛିତ ଥିବା ନଗଦ ଟଙ୍କାର ଫିକ୍ସଡ୍ ଡିପୋଜିଟ୍‌ରୁ ମିଳୁଥିବା ସୁଧ।କୋଟି କୋଟି ଟଙ୍କାର ଆୟ ମଧ୍ୟରୁ କେବଳ ବ୍ୟାଙ୍କ ସୁଧ ବାବଦକୁ ଦଳକୁ ୪୬.୨୮ କୋଟି ଟଙ୍କା ମିଳିଛି। ଦଳୀୟ ସଭ୍ୟମାନଙ୍କ ଚାନ୍ଦାରୁ ୧୨.୩୦ କୋଟି ଟଙ୍କା ସଂଗୃହୀତ ହୋଇଛି। ସେହିପରି ପୁରୁଣା ସମ୍ପତ୍ତି ବିକ୍ରିରୁ ପ୍ରାୟ ୧.୪୧ କୋଟି ଟଙ୍କା ଆସିଛି। ଗୋଟିଏ ପଟେ ଦେଶର ବଡ଼ ବଡ଼ ଜାତୀୟ ଦଳଗୁଡ଼ିକ କର୍ପୋରେଟ୍ ସଂସ୍ଥା ଓ ନିର୍ବାଚନୀ ବଣ୍ଡ ଜରିଆରେ କୋଟି କୋଟି ଟଙ୍କାର ବଡ଼ ବଡ଼ ଚାନ୍ଦା ଗ୍ରହଣ କରୁଥିବା ବେଳେ, ବିଏସପି ଦାବି କରିଛି ଯେ ସେମାନଙ୍କୁ ୨୦,୦୦୦ ଟଙ୍କାରୁ ଅଧିକ ପରିମାଣର ଗୋଟିଏ ହେଲେ ବି ବଡ଼ ଚାନ୍ଦା ମିଳିନାହିଁ। ମାୟାବତୀଙ୍କ ନୀତି ଅନୁଯାୟୀ, ଦଳ କୌଣସି ବଡ଼ କର୍ପୋରେଟ୍ ସଂସ୍ଥା ଉପରେ ନିର୍ଭର ନକରି ନିଜର କର୍ମୀ ଓ ସମର୍ଥକଙ୍କଠାରୁ ଛୋଟ ଛୋଟ ଅନୁଦାନ (୫ ରୁ ୧୦ ଟଙ୍କା) ଏବଂ ସଭ୍ୟ ପଦ ଫି' ସଂଗ୍ରହ କରି ଦଳ ପରିଚାଳନା କରେ। ମାର୍ଚ୍ଚ ୨୦୨୪ ସୁଦ୍ଧା ବିଏସପିର ମୋଟ କର୍ପସ୍ ଫଣ୍ଡ ୭୩୯ କୋଟି ଟଙ୍କା ଥିବା ବେଳେ ମାର୍ଚ୍ଚ ୨୦୨୫ ସୁଦ୍ଧା ଏହା କମି ୬୬୬ କୋଟି ଟଙ୍କାରେ ପହଞ୍ଚିଛି। ଦଳ ନିକଟରେ ପ୍ରାୟ ୬୧.୫୨ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ଏଥିମଧ୍ୟରେ ଦଳୀୟ କାର୍ଯ୍ୟାଳୟ/କୋଠା (୨୩.୪୦ କୋଟି), ଆବାସିକ ଫ୍ଲାଟ୍ (୯.୯୯ କୋଟି), ଜମି (୧.୭୬ କୋଟି), ଆସବାବପତ୍ର (୫.୬୫ କୋଟି) ଏବଂ ଗାଡ଼ି (୧୩.୩୦ କୋଟି) ଅନ୍ତର୍ଭୁକ୍ତ। ଆୟ ୫୮.୫୮ କୋଟି ଟଙ୍କା ହୋଇଥିବା ବେଳେ ବିଭିନ୍ନ ନିର୍ବାଚନୀ ପ୍ରଚାର, ଦଳୀୟ ପରିଚାଳନା ଓ ଅନ୍ୟାନ୍ୟ କାର୍ଯ୍ୟରେ ମୋଟ ୧୦୬ କୋଟି ଟଙ୍କା ଖର୍ଚ୍ଚ ହୋଇଛି, ଯାହା ଆୟଠାରୁ ଅଧିକ ହୋଇଥିବାରୁ ମୋଟ ପାଣ୍ଠି କିଛି ମାତ୍ରାରେ ହ୍ରାସ ପାଇଛି। ରାଜନୈତିକ ପତିଆରା କ୍ରମଶଃ ଖସୁଥିଲେ ମଧ୍ୟ ନିଜର ପୁରୁଣା ଆର୍ଥିକ ରଣନୀତି, ବ୍ୟାଙ୍କ ବାଲାନ୍ସ ଓ ସମର୍ପିତ ସମର୍ଥକଙ୍କ ବଳରେ ବିଏସପି ଆଜି ବି ଦେଶର ଅନ୍ୟତମ ଧନୀ ରାଜନୈତିକ ଦଳ ଭାବେ ଛିଡ଼ା ହୋଇପାରିଛି।

# ୩,୦୦୦ କୋଟି ଟଙ୍କାର ଡ୍ରଗ୍ସ ସହିତ ୫ ପାକିସ୍ତାନୀ ଗିରଫ

ନୂଆଦିଲ୍ଲୀ, ୩୦/୯ : ତଟରକ୍ଷୀ ବାହିନୀ ଏବଂ ଗୁଜରାଟ ଏଟିଏସ ଏକ ଇରାନୀ ବୋଟରେ ୩,୦୦୦ କୋଟି ମୂଲ୍ୟର ଡ୍ରଗ୍ସ ସହିତ ପାଞ୍ଚ ଜଣ ପାକିସ୍ତାନୀଙ୍କୁ ଗିରଫ କରିଛନ୍ତି। ଏହି ପାଞ୍ଚ ଜଣ ଅଭିଯୁକ୍ତ ସମୁଦ୍ର ପଥରେ ମୁମ୍ବାଇକୁ ୫୨୬ କିଲୋଗ୍ରାମ ମେଥାମ୍ଫେଟାମାଇନ୍ ଏବଂ ହେରୋଇନ୍ ପରିବହନ କରୁଥିଲେ। ସୁରକ୍ଷା ବାହିନୀ ସେପ୍ଟେମ୍ବର ୨୫ ତାରିଖରେ ଲକ୍ଷଦ୍ୱୀପ ନିକଟରେ ଏହି ଅଭିଯାନ ଚଳାଇଥିଲେ। ଏହି ସୂଚନା ବୁଧବାର ଦିନ ହିଁ ସାମ୍ନାକୁ ଆସିଥିଲା। ପୂର୍ବରୁ, ଏପ୍ରିଲ ୨୦୨୫ ରେ ଏଟିଏସ ଏବଂ ଭାରତୀୟ ତଟରକ୍ଷୀ ବାହିନୀ ଗୁଜୁରାଟ ଉପକୂଳରୁ ପ୍ରାୟ ୩୧୧ କିଲୋଗ୍ରାମ ମେଥାମ୍ଫେଟାମାଇନ୍ ଜବତ କରିଥିଲେ, ଯାହାର ମୂଲ୍ୟ ୧,୮୦୦ କୋଟି ଥିଲା। ଏହି ସାମଗ୍ରୀ ପାକିସ୍ତାନର ପାସନୀ ବନ୍ଦରରୁ ତାମିଲନାଡୁ ଅଭିମୁଖେ ଥିଲା। ସୁରକ୍ଷା ବାହିନୀକୁ ଦେଖି, ଚୋରାଚାଲାଣକାରୀମାନେ ସମୁଦ୍ରରେ ଡ୍ରଗ୍ସ ପକାଇ ପାକିସ୍ତାନୀ ସାମୁଦ୍ରିକ ସୀମା ଆଡକୁ ପଳାଇ ଯାଇଥିଲେ।

# ମଝି ଆକାଶରେ ପାଇଲଙ୍କ ଝଗଡ଼ା; ବିମାନର ଜରୁରୀ ଅବତରଣ




ନୂଆଦିଲ୍ଲୀ, ୩୦/୯ : ଦୁବାଇରୁ ତେଲ ଅଭିଭ ଯାଉଥିବା ଫ୍ଲାଏଦୁବାଇର ଏକ ବିମାନ ବୁଧବାର ସକାଳେ ହଠାତ୍ ତା'ର ନିର୍ଦ୍ଧାରିତ ରୁଟ୍ ରୁ ବିଚ୍ୟୁତ ହୋଇଯାଇଥିଲା। ପ୍ରାୟ ୧୮୦ ଜଣ ଇସ୍ରାଏଲୀ ଯାତ୍ରୀ ଏଥିରେ ଥିଲେ। ବିମାନରେ ଥିବା ଜଣେ ଯାତ୍ରୀ ରିପୋର୍ଟ କରିଛନ୍ତି ଯେ ଜଣେ ବ୍ୟକ୍ତି ଏକ ଛୁରୀ ବାହାର କରି ପାଇଲଟ୍‌ଙ୍କୁ ତଳେ ପକାଇ ଦେଇଥିଲେ ଏବଂ ବିମାନର ସବୁଠି ରକ୍ତ ଦେଖାଯାଉଥିଲା। ରିପୋର୍ଟ ଅନୁଯାୟୀ ଦୁଇ ପାଇଲଟ୍‌ଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟ ମଧ୍ୟରେ, ବିମାନଟି ଗତିପଥ ପରିବର୍ତ୍ତନ କରି ତା'ର ନିର୍ଦ୍ଧାରିତ ଗନ୍ତବ୍ୟସ୍ଥଳ ତେଲ ଅଭିଭ ବଦଳରେ ସାଉଦି ଆରବ ଅଭିମୁଖେ ଯାତ୍ରା କରିଥିଲା। ଏହି ଘଟଣା ବିମାନର ସ୍ଥିତି ବିଷୟରେ ସୁରକ୍ଷା ଏଜେନ୍ସିମାନଙ୍କ ମଧ୍ୟରେ ଚିନ୍ତା ସୃଷ୍ଟି କରିଥିଲା। ପ୍ରାରମ୍ଭିକ ରିପୋର୍ଟରେ ଏହାକୁ ଏକ ସମ୍ଭାବ୍ୟ ସୁରକ୍ଷା ଘଟଣା ଭାବରେ ବର୍ଣ୍ଣନା କରାଯାଇଥିଲା।

# ବଢ଼ିଲା କ୍ଷୀର ଦର, ଅକ୍ଟୋବର ୧ରୁ ହେବ ଲାଗୁ

ଭୋପାଳ,୩୦।୯: ମଧ୍ୟପ୍ରଦେଶର ଇନ୍ଦୋରରେ ବଢ଼ିଲା କ୍ଷୀର ଦର । ଅକ୍ଟୋବର ୧ ତାରିଖରୁ ଏହା ଲାଗୁ ହେବ । ଇନ୍ଦୋର ଦୁଗ୍ଧ ବିକ୍ରେତା ସଂଘ କ୍ଷୀର ଦର ଲିଟର ପିଛା ୩ ଟଙ୍କା ବଢ଼ାଇବାକୁ ନିଷ୍ପତ୍ତି ନେଇଛି । ଫଳରେ ଡେୟରୀ ଓ ଦୋକାନରେ ଏଣିକି ଲିଟର ପିଛା ୬୫ ଟଙ୍କା ବଦଳରେ ୬୮ ଟଙ୍କାରେ କ୍ଷୀର ମିଳିବ। ସେହିପରି ଘରକୁ କ୍ଷୀର ଡେଲିଭରି ନେଉଥିବା ଗ୍ରାହକଙ୍କୁ ଆହୁରି ୧ ଟଙ୍କା ଅଧିକ ଦେବାକୁ ପଡ଼ିବ । ଅର୍ଥାତ୍ ହୋମ୍ ଡେଲିଭରି କ୍ଷୀରର ଦର ଲିଟର ପିଛା ୬୯ ଟଙ୍କା ହୋଇଛି। ନୂଆ ଦର ଅକ୍ଟୋବର ୧ରୁ ଲାଗୁ ହୋଇଛି। କ୍ଷୀର ଦର ବଢ଼ିବା ଫଳରେ ଦୈନନ୍ଦିନ ରୋଷେଇ ଖର୍ଚ୍ଚ ଉପରେ ମଧ୍ୟ ପ୍ରଭାବ ପଡ଼ିବ। ଚା, କଫି, ଦହି ଓ ଅନ୍ୟାନ୍ୟ ଦୁଗ୍ଧଜାତ ଖାଦ୍ୟର ଖର୍ଚ୍ଚ ବଢ଼ିବାର ସମ୍ଭାବନା ରହିଛି। କ୍ଷୀର ଦର ବୃଦ୍ଧି ସହ ଦୁଗ୍ଧ ଉତ୍ପାଦକ ଚାଷୀଙ୍କୁ ମଧ୍ୟ ପୂର୍ବ ତୁଳନାରେ ଅଧିକ ଟଙ୍କା ମିଳିବ । ଚାଷୀଙ୍କୁ ପ୍ରତି ଫ୍ୟାଟ୍ ପିଛା ୩୩ ପଇସା ଅଧିକ ଦିଆଯିବ। କ୍ଷୀରର ଫ୍ୟାଟ୍ ମାତ୍ରା ଆଧାରରେ ଏହାର ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ । ନୂଆ ଦର ୫.୫ରୁ ୬ ଫ୍ୟାଟ୍ ଥିବା କ୍ଷୀରକୁ ଆଧାର କରି ନିର୍ଦ୍ଧାରିତ ହୋଇଛି ।

# ଲାଞ୍ଚୁଆ ବାବୁଙ୍କୁ ବାନ୍ଧିଲା ଭିଜିଲାନ୍ସ

## ଆୟଠୁ ୨୪୮ ପ୍ରତିଶତ ଅଧିକ ସମ୍ପତ୍ତି ଅର୍ଜିଛନ୍ତି

ସମ୍ବଲପୁର: ଆୟରୁ ଅଧିକ ସମ୍ପତ୍ତି ଅର୍ଜନ କରିବା ଅଭିଯୋଗରେ ସମ୍ବଲପୁର ସ୍ଥିତ ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସ ବିଭାଗର ସହକାରୀ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ (୪୪) ଙ୍କୁ ଭିଜିଲାନ୍ସ ବିଭାଗ ବୁଧବାର ଗିରଫ କରିଛି । ଏ ସମ୍ପର୍କରେ ସମ୍ବଲପୁର ଭିଜିଲାନ୍ସ ଏସପି ପ୍ରଦ୍ୟୁମ୍ନ ଦ୍ୱିବେଦୀ ଆଜି ଅପରାହ୍ନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୁଚନା ଦେଇ କହିଛନ୍ତି ଯେ, ଅଭିଯୋଗ ମିଳବା ପରେ ଗତକାଲି ଶ୍ରୀ ସାମନ୍ତରାୟଙ୍କ ରାଜ୍ୟ ସମ୍ବଲପୁର, ପୁରୀ ଓ ଖୋର୍ଦ୍ଧା ଜିଲାରେ ଥିବା ୭ଟି ଠିକଣାରେ ଏକକାଳୀନ ଚଢ଼ଉ କରାଯାଇଥିଲା । ଚଢ଼ଉ ସମୟରେ ଭୁବନେଶ୍ୱର ଓ ପୁରୀରେ ସମୁଦାୟ ୪ଟି କୋଠା ଘର, ସମ୍ବଲପୁରରେ ଗୋଟିଏ ୩ ବିଏସକେ ଫ୍ଲାଟ, ୩୦ଟି ଉଚ୍ଚ ମୂଲ୍ୟର ପ୍ଲଟ, ୩୦୧ ଗ୍ରାମ ସୁନା, ୬୫ ଲକ୍ଷ ୩ ହଜାର ୫୭୦ ଟଙ୍କାର ବ୍ୟାଙ୍କ ଓ ଡାକ ବିଭାଗରେ ଜମା, ଗୋଟିଏ ୪ ଚକିଆ ଯାନ, ୩ଟି ଦୁଇ ଚକିଆ ଯାନ, ୭.୫ ଲକ୍ଷ ଟଙ୍କାର ଘରକରଣା ସାମଗ୍ରୀ ଆଦି ଭିଜିଲାନ୍ସ ତଦନ୍ତ ସମୟରେ ଜଣାପଡିଛି । ଚଢ଼ଉ ସମୟରେ ମିଳିଥିବା ଦାମୀକିଆ ଜମି ଗୁଡିକ ମଧ୍ୟରେ ଭୁବନେଶ୍ୱର ଓ ଜଟଣୀର ପ୍ରମୁଖ ସ୍ଥାନରେ ଉଚ୍ଚ ମୂଲ୍ୟର ୮ଟି ଜମି, ସମ୍ବଲପୁର ସହର ଓ ଆଖପାଖ ଅଞ୍ଚଳରେ ୧୦ଟି ଜମି, କୁଚିଣ୍ଡାରେ ୪ଟି ଜମି, ଖୋର୍ଦ୍ଧାରେ ୩ଟି ଜମି, ବୁର୍ଲାରେ ୩ଟି ଜମି ଏବଂ ରେଙ୍ଗାଲିରେ ୨ଟି ଜମି ସମୁଦାୟ ୩୦ଟି ଜମି ସାମିଲ ରହିଛି । ଶ୍ରୀ ସାମନ୍ତରାୟ ୨୦୦୯ ମସିହାରେ ୧୫ ହଜାର ଟଙ୍କାରେ ସରକାରୀ ଚାକିରୀ ଆରମ୍ଭ କରିଥିବା ବେଳେ ଏବେ



ମିଳିଥିବା ସମ୍ପତ୍ତିର ପରିମାଣ ତାଙ୍କର ଆୟ ଠାରୁ ୨୪୮ % ଅଧିକ ଅଟେ । ତଦନ୍ତ ସମୟରେ ଭିଜିଲାନ୍ସ ବିଭାଗ ସମୁଦାୟ ୫ କୋଟି ୬୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସମ୍ପତ୍ତି ଠାବ କରିଥିବା ବେଳେ ତାଙ୍କର ଆୟ ଓ ବ୍ୟୟ ଆକଳନ କରିବା ପରେ ସେ ୪ କୋଟି ୮୦ ଲକ୍ଷ ଟଙ୍କାରୁ ଆୟ ବର୍ହିଭୂତ ସମ୍ପତ୍ତି ଅର୍ଜନ କରିଛନ୍ତି ବୋଲି ଜଣାପଡିଛି । ଏଥିପାଇଁ ଭିଜିଲାନ୍ସ ବିଭାଗ ପକ୍ଷରୁ ଶ୍ରୀ ରାୟ ଓ ତାଙ୍କର ପତ୍ନୀ ବିରୋଧରେ ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି । ଭିଜିଲାନ୍ସର ଚଢ଼ଉ ସମୟରେ ଶ୍ରୀ ସାମନ୍ତରାୟ ଓ ତାଙ୍କର ପରିବାରର ସଦସ୍ୟ ମାନଙ୍କ ନାମରେ କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି । ଏ ସମ୍ପର୍କରେ ପଚରାଉଚୁରା ସମୟରେ ଶ୍ରୀ ସାମନ୍ତରାୟ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାନ୍ତି । ଆଜି ତାଙ୍କୁ ଗିରଫ କରି ଅଦାଲତକୁ ଚାଲାଣ କରାଯାଇଛି । ସେ କିଭଳି ରୂପେ ଆୟରୁ ଅଧିକ ସମ୍ପତ୍ତି ଠାବ କରିଛନ୍ତି, ତାହାର ଉତ୍ସ ସମ୍ପର୍କରେ ମଧ୍ୟ ତଦନ୍ତ ହେବ ବୋଲି ଏସପି ଶ୍ରୀ ଦ୍ୱିବେଦୀ କହିଛନ୍ତି । ସୁଚନାଯୋଗ୍ୟ ଯେ, ଆୟ ବହିର୍ଭୂତ ସମ୍ପତ୍ତି ଅର୍ଜନ କରିବା ଅଭିଯୋଗ ମିଳିବା ପରେ ସମ୍ବଲପୁର ସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ମଙ୍ଗଳବାର ସକାଳୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକକାଳୀନ ବଡ ଧରଣର ଚଢ଼ଉ ସମ୍ବଲପୁର, ଭୁବନେଶ୍ୱର, ପୁରୀ ଓ ଖୋର୍ଦ୍ଧା ଜିଲାର ୭ଟି ସ୍ଥାନରେ ଚଢ଼ଉ କରିଥିଲେ । ଏହି ଚଢ଼ଉ ସମୟରେ ୮ ଜଣ ଡିଏସପି, ୧୧ ଜଣ ଇନିସ୍ପେକ୍ଟର, ୧୧ ଜଣ ଏଏସଆଇ ଓ ଅନ୍ୟାନ୍ୟ କର୍ମଚାରୀ ମାନେ ସାମିଲ ହୋଇଥିଲେ । ଚଢ଼ଉ ସମୟରେ ସମ୍ବଲପୁରର ଭୂତାପଡା ସ୍ଥିତ କାର୍ଯ୍ୟାଳୟ, ତାଙ୍କର ଧନକଉଡା ସ୍ଥିତ ସନ ସିଟି ଆପାର୍ଟମେଣ୍ଟରେ ଥିବା ବିଳାସପୁର୍ଣ୍ଣ ଏକ ୩ ବିଏଚକେ ଫ୍ଲାଟ, ଭୁବନେଶ୍ୱର – ନନ୍ଦନକାନନ ରୋଡ ସ୍ଥିତ ନନ୍ଦନ ବିହାରରେ ଥିବା ଏକ ଦୁଇ ମହଲା ବିଶିଷ୍ଟ କୋଠା ଘର, ଇଣ୍ଡସ୍ କଲେଜ ଅଫ ଇଞ୍ଜିନିଅରିଂ, ଜଟଣୀ ନିକଟ ବାରକୁଡ଼ା ସ୍ଥିତ ଏକ କୋଠା ଘର, ପୁରୀ ଜିଲା ବାଲିଗୁଆଲି ତୋଟା ବେହେରା ସାହି ସ୍ଥିତ ୩ ମହଲା ବିଶିଷ୍ଟ କୋଠା ଘର, ଖୋର୍ଦ୍ଧା ବାଲୁଗାଁ ସୁଭାଷ ମାର୍ଗରେ ୨ ମହଲା ବିଶିଷ୍ଟ କୋଠା ଘର ଏବଂ ଖୋର୍ଦ୍ଧା ଅଶୋକ ନଗରରେ ଥିବା ଦୁଇ ମହଲା ବିଶିଷ୍ଟ କୋଠା ଘର ଗୁଡିକରେ ତଲାସୀ ଅଭିଯାନ କରାଯାଇଥିଲା । ଏବେ ମଧ୍ୟ ତଦନ୍ତ ଜାରି ରହିଛି ଏବଂ ଆଗକୁ ମଧ୍ୟ ଆହୁରୀ ସମ୍ପତ୍ତିର ଠାବ କରାଯାଇ ପାରେ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ଜଣାପଡିଛି ।

## ଦେଶୀମଦ ସହ ବୋଲେରୋ ଜବତ: ମାଫିଆ ଫେରାର

ଆଠଗଡ଼/ତିଗିରିଆ(ନିପ୍ର): କଟକ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଗତକାଲି ରାତ୍ର ୧୧ ଘଟିକା ସମୟରେ ଏକ ବୋଲେରୋ ନମ୍ବର ଓଡି୦୨ ବିଏ୬୭୨୯ ତିଗିରିଆ ନୂଆପାଟଣା ଦେଇ ଯାଉଥିବାର ଖବର ପାଇ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଗାଡିଟିକୁ ଧରିବାକୁ ପ୍ରୟାସ କରାଯାଇଥିଲା । କିନ୍ତୁ ମାଫିଆମାନେ ଗାଡିଟିକୁ ବୁଲେଇ



ବିନ୍ଧାଣିମା ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା ବେଳେ ପିଛା କରିଥିଲା ଅବକାରୀ ବିଭାଗ। ମାଫିଆମାନେ ଗାଡିଟିକୁ ଦ୍ରୁତ ଗତିରେ ନେଇ ମାନପୁର ଠାରେ ପୋଖରୀ ବନ୍ଧ ତଳକୁ ଗାଡ଼ିଟିକୁ ଛାଡ଼ିଦେଇ ଫେରାର ହୋଇଯାଇଥିଲେ। ଆଠଗଡ଼ ଅବକାରୀ ବିଭାଗ ପ୍ରାୟ ୫୦ ମିନିଟ୍ ପିଛା କରିବା ପରେ ଗାଡ଼ିଟିକୁ ଜବତ କରିଥିଲା। ବିଭାଗ ପକ୍ଷରୁ ଜେସିବି ସାହାଯ୍ୟରେ ଗାଡ଼ିଟିକୁ ପୋଖରୀ ବନ୍ଧରୁ ଉଦ୍ଧାର କରାଯାଇଥିଲା। ୭୫ ଲିଟର ହାତରନ୍ଧା ଚୋରା ଦେଶୀମଦ ଜବତ କରାଯାଇ ମଦ ଚାଲାଣ ହେଉଥିବା ବୋଲେରୋ ଗାଡ଼ିଟିର ମାଫିଆଙ୍କୁ ଧରିବାକୁ ତଦନ୍ତ ଚାଲିଥିବା ଆଠଗଡ଼ ଉପ ଅଧୀକ୍ଷକ ସୂଚନା ଦେଇଛନ୍ତି।

## ଜୁଆ ଆଡ୍ଡାରେ ଚଢାଉ, ୪ ଗିରଫ

ଭୁବନେଶ୍ୱର(ନି.ପ୍ର): କ୍ୟାପିଟାଲ୍ ଥାନା ପୋଲିସ ବାପୁଜୀନଗର କେଦାରପଲ୍ଲୀ ଅଞ୍ଚଳରେ ଚାଲିଥିବା ଏକ ବେଆଇନ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଥିଲା । ଚଢାଉ ବେଳେ ୪ ଜଣ ଜୁଆଡ଼ିଙ୍କୁ ଗିରଫ କରାଯିବା ସହ ସେମାନଙ୍କ ଠାରୁ ନଗଦ ୨୪,୦୦୦ ଟଙ୍କା ଏବଂ ୨ଟି ମୋବାଇଲ୍ ଜବତ କରାଯାଇଛି। ପୋଲିସ ରିପୋର୍ଟ ଅନୁଯାୟୀ, ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଗତକାଲି ତା.୨୯.୦୯.୨୦୨୬ ରାତି ପ୍ରାୟ ୯.୨୫ ମିନିଟରେ କ୍ୟାପିଟାଲ୍ ଥାନାର ଏକ ଟିମ୍ ବାପୁଜୀନଗର କେଦାରପଲ୍ଲୀ ବସ୍ତିରେ ଥିବା ଜନଜ୍ୟୋତି କ୍ଲବ୍ ନିକଟ ଓଭରବ୍ରିଜ୍ ତଳେ ଚଢ଼ାଉ କରିଥିଲେ । ପୋଲିସକୁ ଦେଖି ସେଠାରେ ଖୋଲାଖୋଲି ଟଙ୍କା ଲଗାଇ ଜୁଆ ଖେଳୁଥିବା ଲୋକେ ଟଙ୍କା ଓ ମୋବାଇଲ୍ ଛାଡ଼ି ଫେରାର ହେବାକୁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କୁ ଘେରିଯିବାରୁ ୪ଜଣ ଅଭିଯୁକ୍ତ ଖସି ପଳାଇବା ପାଇଁ ପୋଲିସ ସହ ଧସ୍ତାଧସ୍ତି କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଓ ଧମକଚମକ ଦେଇଥିଲେ । କ୍ୟାପିଟାଲ୍ ପୋଲିସ ଉକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଘଟଣାସ୍ଥଳରେ ହିଁ କାବୁ କରିବାରେ ସଫଳ ହୋଇଥିଲା। ଯାଞ୍ଚ ବେଳେ ଘଟଣାସ୍ଥଳରୁ ଜୁଆ ଖେଳରେ ଲାଗିଥିବା ନଗଦ ୨୪,୦୦୦ ଟଙ୍କା, ୨ଟି ସ୍ମାର୍ଟଫୋନ୍, ତାସ୍ ପ୍ୟାକେଟ୍ ଓ ଚଟେଇ ଜବତ କରାଯାଇଛି । ପଚରାଉଚରା ବେଳେ ଅଭିଯୁକ୍ତମାନେ ନିଜ ଦୋଷ ସ୍ୱୀକାର କରିଛନ୍ତି। ସେମାନଙ୍କ ଅପରାଧିକ ପୃଷ୍ଠଭୂମି ଯାଞ୍ଚରୁ ପ୍ରଫୁଲ୍ଲ ନାୟକ ଏବଂ ଦିଲୁ ନାୟକଙ୍କ ନାମରେ କ୍ୟାପିଟାଲ୍ ଥାନାରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ଥିବାର ଜଣାପଡିଛି। ସଂଗୃହୀତ ପ୍ରମାଣ ଆଧାରରେ ଉକ୍ତ ୪ ଅଭିଯୁକ୍ତଙ୍କୁ ଆଜି ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ, ମାମଲାର ଅଧିକ ତଦନ୍ତ ବର୍ତ୍ତମାନ ସୁଦ୍ଧା ଜାରି ରହିଛି ।

## ଅବକାରୀ ଚଢ଼ାଉ: ବିପୁଳ ପରିମାଣର ସିଗାରେଟ ଓ ତମାଖୁ ଜବତ



ଆସିକା(ନିପ୍ର): ଆସିକା ପୋଲିସ, ଅବକାରୀ ବିଭାଗ ଓ ଡ୍ରଗ ଇନ୍ସପେକ୍ଟରଙ୍କ ପକ୍ଷରୁ ଆସିକାର ବିଭିନ୍ନ ଦୋକାନରେ ଚଢ଼ାଉ କରି ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ ଜବତ କରିବା ସହ ଜୋରିମାନା ଆଦାୟ କରାଯାଇଛି। ପ୍ରକାଶ ଥାଉକି ସିଗାରେଟ୍ ଏବଂ ତମାଖୁ ଉତ୍ପାଦର ବିକ୍ରୟକୁ ରୋକିବା ପାଇଁ ଗଞ୍ଜାମ ଆରକ୍ଷୀ ଅବକାରୀ ଅଧିକାରୀ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଆସିକା ପୋଲିସ, ଆସିକା ଅବକାରୀ ଓ ଆଇସି ଦୀପ ଦ୍ୟତନ ବିଶ୍ୱାଳ ଏବଂ ଡ୍ରଗ୍ ଇନ୍ସପେକ୍ଟରଙ୍କ ପକ୍ଷରୁ ଆସିକା ଥାନା ଅଞ୍ଚଳର ସୁନାମ୍ବ ସାହି, ବସଷ୍ଟାଣ୍ଡ, ବିଜୁ ପଟ୍ଟନାୟକ ଛକ, ତାଲୁକା ଛକ ଏବଂ କାଳଷଣ୍ଡପୁର ଛକ ଆଦି ସ୍ଥାନରେ ମିଳିତ ଚଢ଼ାଉ କରାଯାଇ ବିଭିନ୍ନ ଦୋକାନରୁ ସିଗାରେଟ ଓ ତମ୍ବାଖୁ ଜତୀୟ ନିଶା ଦ୍ରବ୍ୟ ଜବତ କରିବା ସହ ମୋଟ ୪୬୦୦ ଟଙ୍କା ଜରିମାନା ଆଦାୟ ସହ ୩୧ଟି ମାମଲାରେ ରୁଜୁ କରାଯାଇଛି।

## ଲୁଟେରାଙ୍କୁ ଧରିବାକୁ ପୁଲିସର ବଡ଼ ପ୍ଲାନ୍: ସାଦା ପୋଷାକରେ ନଜର ରଖାଯିବ

ଭୁବନେଶ୍ୱର : ଦଶହରା ପୂର୍ବରୁ ସୁନା ଚେନ୍ ଲୁଟେରାଙ୍କୁ ଧରିବାକୁ ପୁଲିସର ବଡ଼ ପ୍ଲାନ୍ । ପାର୍ବଣ ସମୟରେ ସାଦା ପୋଷାକରେ ନଜର ରଖିବ ପୁଲିସ । ଏନେଇ ଏସିପି ଓ ଆଇଆଇସିଙ୍କ ସହ ଆଲୋଚନା କରିଛନ୍ତି ଭୁବନେଶ୍ୱର ଡିସିପି । ପାର୍ବଣ ପୂର୍ବରୁ ବନ୍‌ଜାରାଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ଉପରେ ନଜର ରଖିବାକୁ ଡିସିପି ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱର ୟୁପିଡି ଅଞ୍ଚଳରୁ ଗତ ୮ ମାସରେ ୧୧୫ଟି ସୁନା ଚେନ୍ ଲୁଟ୍ ନେଇ ଅଭିଯୋଗ ହୋଇଛି । ସେପଟେ ଅଧିକାଂଶ ମାମଲାରେ ଲୁଟ୍ ହୋଇଥିବା ଚେନ୍ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ଆଗକୁ ମଧ୍ୟ ଚେନ୍ ଲୁଟେରାଙ୍କୁ ଧରିବା ପାଇଁ ଅଭିଯାନ ଜାରି ରହିବ ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ଡଃ ସର୍ବଣା ବିବେକ୍ ଏମ୍ ।

## ମଦ ଜବତ: ଜଣେ କୋର୍ଟ ଚାଲାଣ

ଭାପୁର(ନିପ୍ର): ଖଣ୍ଡପଡା ଅବକାରୀ ବିଭାଗ ଏବଂ ଚୋରା ମଦ ବିକ୍ରୟକାରୀଙ୍କ ମଧ୍ୟରେ ସଲାସୁତରାରେ ମଦ ବିକ୍ରୟ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏହାର ଜ୍ୱଳନ୍ତ ଉଦାହରଣ, ଫତେଗଡ ଥାନା ଚକ୍ରଧରପ୍ରସାଦ ପଞ୍ଚାୟତ ଗଡଖୋଲ ଛକରେ ଅବସ୍ଥିତ ଏକ ଦୋକାନରେ ଅବକାରୀ ବିଭାଗ ଚଢ଼ାଉ କରି ୮୦ ବୋତଲରୁ ଉର୍ଦ୍ଧ୍ୱ ବିଦେଶୀ ଓ ଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ମଙ୍ଗଳବାର ରାତ୍ରୀରେ ଖଣ୍ଡପଡା ଅବକାରୀ ବିଭାଗ ଗଡଖୋଲ ଛକରେ ଚଢାଉ କରି ୮୦ ବୋତଲରୁ ଉର୍ଦ୍ଧ୍ୱ ବିଦେଶୀ ଓ ଦେଶୀ ମଦ ଜବତ କରିବା ସହ ଗଡଖୋଲ ଗ୍ରାମର କବି ମଳିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଫ୍ଲାଇଟ୍‌ରେ ଆସି ଟ୍ରେନ୍‌ରେ ଗଞ୍ଜେଇ ଚାଲାଣ ଯୋଜନା, ୫ ଅଭିଯୁକ୍ତ ଗିରଫ

କଟକ(ନିପ୍ର): ଫ୍ଲାଇଟରେ ଆସି ଟ୍ରେନରେ ଗଞ୍ଜେଇ ଚାଲାଣ ପାଇଁ ଯୋଜନା କରୁଥିଲେ । ମାଡ଼ି ବସିଲା କଟକ ଆରପିଏଫ ଓ ଜିଆରପି । ଚଢ଼ାଉ ବେଳେ ଏକ କ୍ୱିଣ୍ଟାଲ ୧୬ କେଜି ଗଞ୍ଜେଇ ଜବତ ହୋଇଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୫୮ ଲକ୍ଷ ଟଙ୍କା । ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଚାରି ଜଣ ମହାରାଷ୍ଟ୍ରର ହୋଇଥିବା ବେଳେ ଜଣେ ବିହାରର । ଭୁବନେଶ୍ୱରରୁ ମୁମ୍ବାଇକୁ ଚାଲାଣ ହୋଇଥାନ୍ତା ଗଞ୍ଜେଇ । ହେଲେ ତା' ଆଗରୁ ବିଶେଷ ସୂତ୍ରରୁ ଖବର ପାଇ ମାଡ଼ି ବସିଥିଲା ଆରପିଏଫ ଏବଂ ଜିଆରପି । ସେହିଭଳି ୭ଟା ଟ୍ରଲି ବ୍ୟାଗ୍, ଗୋଟିଏ ଏୟାର ବ୍ୟାଗ୍ ଓ ମୋବାଇଲ ଫୋନ୍ ଜବତ ହୋଇଛି । ସୂଚନା ଅନୁସାରେ, ଅଭିଯୁକ୍ତମାନେ ଫ୍ଲାଇଟ୍‌ରେ ଭୁବନେଶ୍ୱର ଆସିବା ପରେ ଟ୍ରେନ୍ ଯୋଗେ ଗଞ୍ଜେଇକୁ ମୁମ୍ବାଇ ଚାଲାଣ କରିବାକୁ ଯୋଜନା କରିଥିଲେ । ଏନେଇ ଆରପିଏଫ ଓ ଜିଆରପିକୁ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା । ସୂଚନା ଆଧାରରେ କଟକ ରେଳ ଷ୍ଟେସନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲା ମିଳିତ ଟିମ୍। ଏହି ଘଟଣାରେ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ୫ ଜଣଙ୍କ ମଧ୍ୟରୁ ୪ ଜଣ ମହାରାଷ୍ଟ୍ରର ହୋଇଥିବା ବେଳେ ଅନ୍ୟ ଜଣେ ବିହାରର ବୋଲି ଜଣାପଡ଼ିଛି । ଅଭିଯୁକ୍ତମାନେ ଭୁବନେଶ୍ୱରରୁ ମୁମ୍ବାଇ ଅଭିମୁଖେ ଗଞ୍ଜେଇ ନେବାକୁ ପ୍ରସ୍ତୁତ ହେଉଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା ଅଭିଯୋଗ

ହିଞ୍ଜିଳିକାଟୁ(ନିପ୍ର): ହିଞ୍ଜିଳି ଥାନା ଚାନ୍ଦୁଲି ଗ୍ରାମର ଜଣେ ଯୁବତୀ ବୁଧବାର ଅପରାହ୍ନରେ ଘର ଭିତରେ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣଙ୍କ ହେଲେ ଚାନ୍ଦୁଲି ଗ୍ରାମ ବଡସାହିର ନର୍ମଦା ମହାରଣା। ଘରେ କେହି ନଥିବାର ସୁଯୋଗ ନେଇ ଯୁବତୀ ଜଣଙ୍କ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସନ୍ଧ୍ୟାରେ ପରିବାର ଲୋକେ ଘରକୁ ଫେରି ଝିଅକୁ ଡାକିଥିଲେ ମଧ୍ୟ ଘର ଭିତରୁ କୌଣସି ଉତ୍ତର ମିଳିନଥିଲା। ପରିବାର ଲୋକେ କବାଟ ଭାଙ୍ଗି ଘରେ ପଶି ଯୁବତୀଙ୍କ ମୃତ ଦେହ ପଡିଥିବା ଦେଖିବାକୁ ପାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗେ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ହିଞ୍ଜିଳି ପୁଲିସ ଡ଼ାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରିଛି। ଏ ନେଇ ହିଞ୍ଜିଳି ଥାନାରେ କେସ ନଂ –୨୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଗୁରୁବାର ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ଡ଼ାକ୍ତରଖାନାକୁ ପଠାଯିବ। ଯୁବତୀଙ୍କ ଗଳାକଟି ରକ୍ତାକ୍ତ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଛି। ପ୍ରାଥମିକ ତଦନ୍ତରୁ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୁଲିସ ସନ୍ଦେହ କରିଛି। ପରିବାର ଲୋକେ ପୁଲିସକୁ ସଠିକ୍ ତଥ୍ୟ ଦେଉନଥିବା ପୁଲିସ କହିଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପୁଲିସ ଘଟଣାର ତଦନ୍ତ କରୁଥିବା ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ, ଦୁଇ ଗିରଫ

ଭୁବନେଶ୍ୱର(ନି.ପ୍ର): ପୂର୍ବ ବିବାଦକୁ ନେଇ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ଅଭିଯୋଗରେ ଧଉଳି ଥାନା ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଟୁକଟୁକ ଓରଫ ସ୍ୱାଗତ ଶୁଭଂକର ପ୍ରଧାନ ଓ ଗୁଡୁ ଓରଫ ବିଶ୍ୱମୋହନ ପ୍ରଧାନ। ଏମାନଙ୍କ ବିରୋଧରେ ପୁଲିସ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ସନ୍ତୋଷ ନାୟକ ଧଉଳି ଥାନା ଅନ୍ତର୍ଗତ ନଖାଉର ଗାଁ ରେ ପରିବାର ସହ ରୁହନ୍ତି । ଗତ ୧୩.୦୯.୨୦୨୬ ଅପରାହ୍ନ ପ୍ରାୟ ୪ଟା ୩୦ ମିନିଟ୍‌ରୁ ୫ଟା ମଧ୍ୟରେ ଧଉଳି ପାହାଡ଼ସ୍ଥିତ ପ୍ରଧାନ ଭେରାଇଟି ଷ୍ଟୋର ନିକଟରେ ତାଙ୍କ ସାନଭାଇ ରଜନୀକାନ୍ତ ନାୟକ (୨୯) ଠିଆ ହୋଇଥିବା ବେଳେ, ପ୍ରାୟ ୧୫ରୁ ୨୦ଜଣ ଯୁବକ ସେଠାରେ ପହଞ୍ଚି ଲୁହା ରଡ୍, ଓ ମଦ ବୋତଲରେ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ରଜନୀକାନ୍ତ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ପଡ଼ିଯାଇ ଥିଲେ। ପରେ ଅଭିଯୁକ୍ତମାନେ ତାଙ୍କ ପଲସର ମୋଟରସାଇକେଲ୍ ନେଇ ସେଠାରୁ ଖସି ପଳାଇଯାଇଥିଲେ। ଘଟଣାଟି ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା । ଘଟଣା ସମ୍ପର୍କରେ ସୂଚନା ପାଇ ଅଭିଯୋଗକାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ସାନଭାଇଙ୍କୁ ଅଚେତନ ଓ ରକ୍ତାକ୍ତ ଅବସ୍ଥାରେ ପଡ଼ିଥିବାର ଦେଖିବାକୁ ପାଇଥିଲେ । ସେ ସନ୍ତୋଷ ଗୋଚ୍ଛାୟତଙ୍କ ସହଯୋଗରେ ରଜନୀକାନ୍ତଙ୍କୁ ଧଉଳି ଥାନାକୁ ଆଣିଥିଲେ । ସେଠାରୁ ଧଉଳି ଥାନା ଗାଡ଼ିରେ ତାଙ୍କୁ ତୁରନ୍ତ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ନିଆଯାଇଥିଲା । ଅବସ୍ଥା ଗୁରୁତର ଥିବାରୁ ପରେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ସମ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା । ଆକ୍ରମଣରେ ରଜନୀକାନ୍ତଙ୍କ ମୁଣ୍ଡରେ ଗୁରୁତର ଆଘାତ, ଆଙ୍ଗୁଠିରେ କଟା ଆଘାତ ଏବଂ ପାପୁଲିରେ ଗୁରୁତର ଆଘାତ ଲାଗିଥିଲା। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲାର ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ, ଗତ ୧୩.୦୯. ୨୦୨୬ ତାରିଖ ଦିନ ପ୍ରାୟ ୧୧ଟାରୁ ଦିନ ୧୨ଟା ମଧ୍ୟରେ ଅଭିଯୁକ୍ତମାନେ ଧଉଳି ପାହାଡ଼ସ୍ଥିତ ପାନ୍ଥ ନିବାସରେ ଭୋଜି ପାଇଁ ପ୍ରସ୍ତୁତି କରୁଥିଲେ । ଏହି ସମୟରେ ଅଭିଯୁକ୍ତ ଗୁଡ୍ଡୁ ଓରଫ ବିଶ୍ୱମୋହନ ପ୍ରଧାନ, ଅଭିଯୁକ୍ତ ସ୍ୱାଗତ ଶୁଭଙ୍କର ପ୍ରଧାନଙ୍କ ବୁଲେଟ୍ ମୋଟରସାଇକେଲ୍ ନେଇ ଘରକୁ ଆସିଥିଲେ । ଫେରିବା ସମୟରେ ଆହତ ରଜନୀକାନ୍ତ ନାୟକ ତାଙ୍କୁ ଅଟକାଇ ରଜନୀକାନ୍ତଙ୍କ ମାମୁଁ ଝିଅଙ୍କ ସହ ତାଙ୍କର ସମ୍ପର୍କ ବିଷୟରେ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ରଜନୀକାନ୍ତ ବୁଲେଟ୍‌କୁ ଗୋଇଠା ମାରିଥିବା ଅଭିଯୋଗ ହୋଇଛି । ଏହାପରେ ଗୁଡ୍ଡୁ ଓରଫ ବିଶ୍ୱମୋହନ ପ୍ରଧାନ ଘଟଣା ସମ୍ପର୍କରେ ସ୍ୱାଗତ ଶୁଭଙ୍କର ପ୍ରଧାନ ଓ ଅନ୍ୟ ସହଯୋଗୀମାନଙ୍କୁ ଜଣାଇଥିଲେ । ପରେ ଅଭିଯୁକ୍ତମାନେ ରଜନୀକାନ୍ତଙ୍କୁ ଖୋଜି ଅପରାହ୍ନ ପ୍ରାୟ ୪.୩୦ରୁ ୫ଟା ମଧ୍ୟରେ ଧଉଳି ପାହାଡ଼ସ୍ଥିତ ପ୍ରଧାନ ଭେରାଇଟି ଷ୍ଟୋର ନିକଟରେ ପହଞ୍ଚିଥିଲେ । ସେଠାରେ ସେମାନେ ତାଙ୍କୁ ଲୁହା ରଡ୍, ମଦ ବୋତଲ ଓ ଅନ୍ୟାନ୍ୟ ଅସ୍ତ୍ରରେ ଗୁରୁତର ଭାବେ ଆକ୍ରମଣ କରିଥିଲେ । ପରେ ଅଭିଯୁକ୍ତମାନେ ନିଜ ମୋଟରସାଇକେଲ୍ ସହ ଆହତଙ୍କ ବଜାଜ୍ ପଲସର ମୋଟରସାଇକେଲ ନେଇ ଘଟଣାସ୍ଥଳରୁ ପଳାଇଯାଇଥିଲେ । ତଦନ୍ତ ସମୟରେ ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଚଢଉ କରିବା ସହ ଦୁଇ ଅଭିଯୁକ୍ତ ଟୁକଟୁକ ଓରଫ ସ୍ୱାଗତ ଶୁଭଂକର ପ୍ରଧାନ ଓ ଗୁଡୁ ଓରଫ ବିଶ୍ୱମୋହନ ପ୍ରଧାନଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପଚରାଉଚରା ବେଳେ, ଉଭୟ ଏହି ମାମଲାରେ ପ୍ରତ୍ୟକ୍ଷ ଭାବେ ସାମିଲ ଥିବା ସ୍ୱୀକାର କରିଥିଲେ । ଅଭିଯୁକ୍ତ ଟୁକଟୁକ ଓରଫ ସ୍ୱାଗତ ଶୁଭଂକର ପ୍ରଧାନଙ୍କ ନାମରେ ପୂର୍ବରୁ ମଧ୍ୟ ବଡଗଡ ଥାନାରେ ଏକ ମାମଲା ରହିଛି।

## ଗାଡି ଚୋରି ମାମଲା, ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର(ନି.ପ୍ର): ଆଜି ଭୁବନେଶ୍ୱରସ୍ଥିତ ମାନ୍ୟବର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୧ର ବିଚାରପତି ରୋଜାଲିନୀ ଦାସ, ଗତ ଜୁନ ମାସରେ ଏୟାରଫୀଲ୍ଡ ଥାନା ଅଞ୍ଚଳରେ ଘଟିଥିବା ଏକ ଗାଡି ଚୋରୀ ମାମଲାର ବିଚାର କରି ଅଭିଯୁକ୍ତ ଭଡ଼ାଟିଆ ସୌମେନ୍ଦ୍ର ଦାସକୁ ଦୋଷୀ ସାବ୍ୟସ୍ତ କରିବା ସହ ଦଣ୍ଡବିଧାନ କରିଛନ୍ତି । ଘଟଣାର ବିବରଣୀ: ଅଭିଯୋଗକାରିଣୀ ସସ୍ମିତା ସାହୁ (୩୪)ଙ୍କ ଲିଖିତ ରିପୋର୍ଟ ଆଧାରରେ ଜଣାପଡ଼ିଥିଲା ଯେ, ଗତ ୧୭.୦୬.୨୦୨୬ ସନ୍ଧ୍ୟା ସମୟରେ ତାଙ୍କ ଘର ଗ୍ୟାରେଜରେ ରଖାଯାଇଥିବା 'ହିରୋ ଗ୍ଲାମର' ମୋଟରସାଇକେଲଟିକୁ କୌଣସି ଦୁର୍ବୃତ୍ତ ଚୋରିକରି ନେଇଯାଇଥିଲେ । ଆଖପାଖରେ ବହୁ ଖୋଜାଖୋଜି କରିବା ସତ୍ତ୍ୱେ ଗାଡ଼ିଟିର ସନ୍ଧାନ ନ ମିଳିବାରୁ ସେ ଏୟାରଫୀଲ୍ଡ ଥାନାରେ ଏନେଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତ୍ତି କରି ଏୟାରଫୀଲ୍ଡ ଥାନା କେସ ନମ୍ବର ୨୮୪/୨୦୨୬ ରେ ମାମଲା ରୁଜୁ କରାଯାଇ ଥାନା ସବ୍-ଇନ୍ସପେକ୍ଟର ଶ୍ରୀମତୀ ଗୀତାଞ୍ଜଳି ବାରିକଙ୍କୁ ଏହି ମାମଲାର ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ସବ୍-ଇନ୍ସପେକ୍ଟର ଗୀତାଞ୍ଜଳି ବାରିକ ଏହି ମାମଲାର ତଦନ୍ତ କରିବା ବେଳେ ଜଣାପଡ଼ିଥିଲା ଯେ, ଅଭିଯୋଗକାରିଣୀଙ୍କ ଘରେ ଭଡ଼ାଟିଆ ଭାବେ ରହୁଥିବା ସୌମେନ୍ଦ୍ର ଦାଶ ହିଁ ଏହି ଚୋରୀରେ ସମ୍ପୃକ୍ତ ଅଛି । ଗତ ୨୮.୦୬.୨୦୨୬ ତାରିଖରେ ଏକ ବିଶ୍ୱସ୍ତ ସୂଚନା ଆଧାରରେ ଏୟାରଫିଲ୍ଡ ପୁଲିସ ଟିମ୍ ବାଦାମବାଡ଼ି ଥାନା ସହାୟତାରେ କଟକ ବାଦାମବାଡି ଅଞ୍ଚଳରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା । ପଚରାଉଚରା ବେଳେ ସେ ଉକ୍ତ ବାଇକ୍ ଚୋରି କରିଥିବା ସ୍ୱୀକାର କରିବା ସହ ବାଦାମବାଡ଼ି ଥାନାର ଅନ୍ୟ ଏକ ମୋଟରସାଇକେଲ ଚୋରି ମାମଲାରେ ମଧ୍ୟ ନିଜର ସମ୍ପୃକ୍ତି ଥିବା ସୂଚନା ଦେଇଥିଲା । ତା'ର ସୂଚନା ଆଧାରରେ ଚୋରି ହୋଇଥିବା ହିରୋ ଗ୍ଲାମର ବାଇକ୍‌ଟିକୁ ଉଦ୍ଧାର କରି ଜବତ କରାଯାଇ ଥିଲା। ଅଭିଯୁକ୍ତର ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣାପଡ଼ିଥିଲା ଯେ, ସେ ପୂର୍ବରୁ ବାଦାମବାଡି, ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର ଏବଂ କଟକ ମହିଳା ଥାନାରେ ସମୁଦାୟ ୪ଟି ଅପରାଧିକ ମାମଲାରେ ଜଡ଼ିତ ଅଛି ।

## ନାବାଳିକାକୁ ଅସଦାଚରଣ, ଟିଉସନ ମାଷ୍ଟର ଦୋଷୀ ସାବ୍ୟସ୍ତ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱରସ୍ଥିତ ମାନ୍ୟବର ଆଡହକ ଏ.ଏସ.ଜେ ଏଫ.ଟି.ଏସ.ସି-୨ ପୋକସୋ ଅଦାଲତ ଶ୍ରୀ ଲିଙ୍ଗରାଜ ଥାନା ଅଞ୍ଚଳରେ ଘଟିଥିବା ଏକ ନାବାଳିକା ଅସଦାଚରଣ ମାମଲାର ଚୂଡ଼ାନ୍ତ ବିଚାର କରି ୬୯ ବର୍ଷୀୟ ଅବସରପ୍ରାପ୍ତ ତଥା ଟ୍ୟୁସନ ଶିକ୍ଷକ କେଲୁ ଚରଣ ପାଣିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅଦାଲତ ଅଭିଯୁକ୍ତଙ୍କୁ ପୋକସୋ ଆଇନର ଧାରା-୮ ଅନୁଯାୟୀ ୩ ବର୍ଷର ସଶ୍ରମ କାରାଦଣ୍ଡ ସଜା ଶୁଣାଇଛନ୍ତି। ଘଟଣାର ବିବରଣୀ: ପୀଡ଼ିତା ଜଣେ ୧୪ ବର୍ଷୀୟା ଦଶମ ଶ୍ରେଣୀ ଛାତ୍ରୀ ଓ ସେ ଓଲ୍ଡ ଟାଉନ୍ ସ୍ଥିତ ଅଭିଯୁକ୍ତ କେଲୁ ଚରଣ ପାଣିଙ୍କ ଘରକୁ ଇଂରାଜୀ ଟ୍ୟୁସନ ପଢ଼ିବାକୁ ଯାଉଥିଲେ। ଗତ ୦୩.୦୯.୨୦୨୩ ତାରିଖ ସକାଳ ପ୍ରାୟ ୧୦ ଟା ସମୟରେ ଟ୍ୟୁସନ ଛୁଟି ହେବା ପରେ ଅନ୍ୟ ପିଲାମାନେ ପଳାଇଥିଲେ କିନ୍ତୁ ପୀଡ଼ିତା ଏକୁଟିଆ ବସି ନିଜର ନୋଟସ୍ ଲେଖୁଥିଲେ। ଏହି ସୁଯୋଗରେ ଅଭିଯୁକ୍ତ ଜଣକ ଖରାପ ଉଦ୍ଦେଶ୍ୟ ରଖି ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିଥିଲେ। ନାବାଳିକା ଜଣକ ବିରୋଧ କରି ସେଠାରୁ ଚାଲିଆସିବାକୁ ଉଦ୍ୟମ କରିବା ବେଳେ ଅଭିଯୁକ୍ତ ତାଙ୍କ ହାତ ଧରି ଅଟକାଇଥିଲେ ଏବଂ ଏହି କଥା କାହାକୁ ନ କହିବା ପାଇଁ ରାଣ (ବିଦ୍ୟା ରାଣ) ପକାଇବା ସହ ଧମକ ଦେଇଥିଲେ। ଭୟଭୀତ ହୋଇ ପୀଡ଼ିତା କାନ୍ଦି କାନ୍ଦି ଘରକୁ ଫେରି ନିଜ ପିତାମାତାଙ୍କୁ ସବୁ କଥା ଜଣାଇଥିଲେ। ଏହାପରେ ପରିବାର ଲୋକେ ସେହି ଦିନ ଦିନ ୧୨.୩୦ ସମୟରେ ଶ୍ରୀ ଲିଙ୍ଗରାଜ ଥାନାରେ ଲିଖିତ ଏତଲା ଦେଇଥିଲେ। ଶ୍ରୀ ଲିଙ୍ଗରାଜ ଥାନାର ଇନ୍ସପେକ୍ଟର ରାମହରି ସେଠୀ ଏହି ମାମଲାର ତଦନ୍ତ କରି ପୀଡ଼ିତାଙ୍କ ଜନ୍ମ ପ୍ରମାଣପତ୍ର ଜବତ କରିଥିଲେ। ତଦନ୍ତକାରୀ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଭିଯୁକ୍ତଙ୍କୁ ଗତ ୦୩.୦୯.୨୦୨୩ ତାରିଖରେ ହିଁ ଗିରଫ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ରିଖରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ମାମଲାର ବିଚାର ସମୟରେ ପ୍ରୋସିକ୍ୟୁସନ୍ ପକ୍ଷରୁ ମୋଟ ୮ ଜଣ ସାକ୍ଷୀଙ୍କ ଜବାନବନ୍ଦି ରେକର୍ଡ କରାଯିବା ସହ ୫ ଗୋଟି ପ୍ରାସଙ୍ଗିକ ଦସ୍ତାବିଜ ଅଦାଲତରେ ଉପସ୍ଥାପନ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରୋସିକ୍ୟୁଟର ରାଜୀବ ଶାସମଲ ଏହି ମାମଲାକୁ ଅତ୍ୟନ୍ତ ସଫଳତାର ସହ ପରିଚାଳନା କରିଥିଲେ। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଅନୁଧ୍ୟାନ କରି ମାନ୍ୟବର ବିଚାରପତି ଶ୍ରୀ ଜ୍ଞାନ ରଞ୍ଜନ ମହାନ୍ତି ଆଜି ଅଭିଯୁକ୍ତ କେଲୁ ଚରଣ ପାଣିଙ୍କୁ ଆଇପିସି ର ଧାରା ୩୫୪, ୩୫୪(କ) ଏବଂ ପୋକସୋ ଆଇନର ଧାରା ୮ ଆଧାରରେ ଦୋଷୀ ସାବ୍ୟସ୍ତ କରିଛନ୍ତି। କୋର୍ଟ ଅଭିଯୁକ୍ତଙ୍କୁ ୩ ବର୍ଷର ସଶ୍ରମ କାରାଦଣ୍ଡ ଏବଂ ପୀଡ଼ିତାଙ୍କୁ ଦେବା ପାଇଁ ୧୦,୦୦୦ ଟଙ୍କା ଜୋରିମନା ଆଦେଶ ଶୁଣାଇଛନ୍ତି। ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବ୍ୟତୀତ ନାବାଳିକା ପୀଡ଼ିତାଙ୍କୁ ଡିଏଲଏସଏ, ଭୁବନେଶ୍ୱର ପକ୍ଷରୁ ୫,୦୦୦ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ମାନ୍ୟବର ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ୧୦୦ରୁ ଅଧିକ ମାମଲାରେ ଦୋଷୀମାନଙ୍କୁ ସଜା ଦିଆଯାଇଥିବା ବେଳେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସ ପକ୍ଷରୁ ଚଳିତ ବର୍ଷର ଏହା ହେଉଛି ୧୦୬ ତମ ମାମଲା।

## ୫ ଦିନ ପରେ ବି ଖୋଲୁନି ଶୁଭଶ୍ରୀ ମୃତ୍ୟୁ ରହସ୍ୟ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ରାଜୁପୁର ଗାଁର ଶୁଭଶ୍ରୀ ଦାସଙ୍କ ମୃତ୍ୟୁ ଘଟଣାରେ ଏବେ ବି ରହସ୍ୟ ଉପରୁ ପରଦା ହଟାଇ ପାରିନି ପୋଲିସ । ଶୁଭଶ୍ରୀ ନିଖୋଜ ହେବା ଓ ନଦୀରେ ମୃତଦେହ ମିଳିବା ଘଟଣାକୁ ୫ ଦିନ ବିତିଥିଲେ ମଧ୍ୟ ତଦନ୍ତରୁ ନିଷ୍କର୍ଷରେ ପହଞ୍ଚିପାରିନି ରାଜନଗର ପୋଲିସ । ଘଟଣାରେ ଶୁଭଶ୍ରୀଙ୍କ ପରିବାରର ଆଉ ୩ ଜଣଙ୍କ ସମେତ ମୋଟ ୮ ଜଣଙ୍କୁ ପୋଲିସ ଥାନାକୁ ଆଣି ୨ ଦିନ ହେବ ପଚରାଉଚରା କରୁଥିବା ଜଣାପଡ଼ିଛି । ଅନ୍ୟପଟେ ଘଟଣା ସମ୍ପର୍କରେ କେନ୍ଦ୍ରାପଡ଼ା ଏସ୍‌ପି କ୍ୟାମେରା ସମ୍ମୁଖରେ କୌଣସି ପ୍ରତିକ୍ରିୟା ରଖୁନାହାନ୍ତି । ସେପଟେ ହଂସୁଆ ନଦୀରେ ଦୁଇ ଦିନ ଧରି ଅଗ୍ନିଶମ ବାହିନୀ ପକ୍ଷରୁ ଖୋଜାଖୋଜି



ଚାଲିଥିଲେ ମଧ୍ୟ ମୃତଦେହର କୌଣସି ପତ୍ତା ମିଳିନାହିଁ । ଏହାରି ଭିତରେ ସୋସିଆଲ ମିଡିଆରେ ଶୁଭଶ୍ରୀଙ୍କ ମୃତଦେହର ଫଟୋ ଘୁରି ବୁଲୁଛି । ତେବେ ପ୍ରତ୍ୟକ୍ଷଦର୍ଶୀଙ୍କ ଦାବି ଅନୁସାରେ, ମୃତଦେହରେ ପଥର ବାନ୍ଧି ନଦୀ ମଝିକୁ ଫିଙ୍ଗି ଦିଆଯାଇଥିବା କୁହାଯାଉଛି । ଏହି ଦାବିର ସତ୍ୟତା ନେଇ ପୋଲିସ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ୮ ଜଣଙ୍କୁ ଅଟକ ରଖି ପଚରାଉଚରା ସତ୍ତ୍ୱେ ଘଟଣାର ନିଷ୍କର୍ଷରେ ପହଞ୍ଚିନପାରିବାକୁ ନେଇ ପୋଲିସର ତଦନ୍ତ ଉପରେ ମଧ୍ୟ ପ୍ରଶ୍ନ ଉଠିଛି ।

## ଖାଦ୍ୟ ଲାଇସେନ୍ସରେ ହୁକ୍କାବାର, ସିଡିଏରେ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ

କଟକ(ନିପ୍ର): କଟକ ସିଡିଏରେ ବେଆଇନ ଜୁଆ ଓ ହୁକ୍କାବାର ଉପରେ ଚଢ଼ାଉ । କେଏମସି ଫୁଡ୍ ସେଫଟୀ ଟିମ୍, ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି । ସିଡିଏ ସେକ୍ଟର ୬ କାସ୍ୟୁ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ ସମୟରେ ବିପୁଳ ପରିମାଣର ନିକୋଟିନ୍ ଯୁକ୍ତ ହୁକ୍କା, ଜୁଆ, ମଦ ଓ ବାସି ଖାଦ୍ୟ ଜବତ କରାଯାଇଛି । ଖାଦ୍ୟ ଲାଇସେନ୍ସରେ ବେଆଇନ ଭାବେ ହୁକ୍କାବାର ଚାଲିଥିବା ଅଭିଯୋଗ ପରେ ଚଢ଼ାଉ କରିଥିଲା ପୋଲିସ । ରେଷ୍ଟୁରାଣ୍ଟ ଉପରେ ପାଞ୍ଚ ହଜାର ଜରିମାନା ପକାଇ ସିଲ୍ କରିଛି କେଏମସି ସ୍ୱାସ୍ଥ୍ୟ ବିଭାଗ । ସୂଚନା ଅନୁସାରେ, ରେଷ୍ଟୁରାଣ୍ଟରେ ଖାଦ୍ୟ ଲାଇସେନ୍ସ ନେଇ ବେଆଇନ ଭାବେ ହୁକ୍କାବାର ଚାଲୁଥିବା ନେଇ ଅଭିଯୋଗ ମିଳିଥିଲା। ଏହାପରେ ପୋଲିସ ଓ ସମ୍ପୃକ୍ତ ବିଭାଗଗୁଡ଼ିକ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ । ଯାଞ୍ଚ ସମୟରେ ହୁକ୍କା ସହ ଜୁଆ ଓ ମଦ କାରବାର ସମ୍ପର୍କିତ ସାମଗ୍ରୀ ମିଳିଥିବା ବେଳେ ବାସି ଖାଦ୍ୟ ମଧ୍ୟ ଠାବ ହୋଇଥିଲା । ସହରରେ ବେଆଇନ ହୁକ୍କାବାର, ଜୁଆ ଓ ଅନ୍ୟାନ୍ୟ ଅନିୟମିତତା ଉପରେ ପ୍ରଶାସନର ଏଭଳି ଚଢ଼ାଉ ଆଗକୁ ମଧ୍ୟ ଜାରି ରହିବ ବୋଲି ଜଣାପଡ଼ିଛି ।

# ପଦକ ବର୍ଷା ! ଗୋଟିଏ ଦିନରେ ଆସିଲା ୪ ସ୍ୱର୍ଣ୍ଣ

ନୂଆଦିଲ୍ଲୀ, ୩୦/୯: ଏସିଆନ୍ ଗେମ୍ସ ୨୦୨୬ରେ ଭାରତୀୟ ଖେଳାଳିଙ୍କ ଦେଖିବାକୁ ମିଳିଛି ଚମତ୍କାର ପ୍ରଦର୍ଶନ । ବୁଧବାର ଦିନଟି ସମ୍ପୂର୍ଣ୍ଣ ଭାବେ ଭାରତ ନାମରେ ରହିଥିବା ବେଳେ ଦେଶ ପାଇଁ ଆସିଛି ଗୋଟିଏ କି ଦୁଇଟି ନୁହେଁ, ବରଂ ଏକାସଙ୍ଗେ ୪ଟି ସ୍ୱର୍ଣ୍ଣ ପଦକ । ଏହି ସଫଳତା ସହ ଚଳିତ ଏସିଆନ ଗେମ୍ସରେ ଭାରତର ମୋଟ ସ୍ୱର୍ଣ୍ଣ ପଦକ ସଂଖ୍ୟା ୧୦ରେ ପହଞ୍ଚିଛି । କମ୍ପାଉଣ୍ଡ ଆର୍ଚ୍ଚେରୀ (ତୀରନ୍ଦାଜୀ) ଇଭେଣ୍ଟରେ ଭାରତୀୟ ଶୁଟରମାନେ ସ୍ୱର୍ଣ୍ଣ ପଦକର ହ୍ୟାଟ୍ରିକ୍ ମାରି ଦେଶକୁ ଗୌରବାନ୍ୱିତ କରିଛନ୍ତି । ମହିଳା ଦଳ, ମିଶ୍ରିତ (ମିକ୍ସଡ୍) ଦଳ ଏବଂ ପୁରୁଷ ଦଳ ଇଭେଣ୍ଟରେ ଭାରତ ସ୍ୱର୍ଣ୍ଣ ପଦକ ନିଜ ନାମରେ କରିଛି । ପୁରୁଷ ଦଳର ଶେଷ ମୁକାବିଲା ଅତ୍ୟନ୍ତ ରୋମାଞ୍ଚକର ଥିଲା । ଶେଷ ତୀର ପର୍ଯ୍ୟନ୍ତ ଚାଲିଥିବା ଏହି ଫାଇନାଲ୍ ଲଢ଼େଇରେ ଭାରତୀୟ ପୁରୁଷ ଦଳ ଚୀନ୍‌କୁ ୨୩୮-୨୩୭ (ମାତ୍ର ୧ ପଏଣ୍ଟ) ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଛଡ଼ାଇ ଆଣିଛି । ଶୁଟିଂରେ ମଧ୍ୟ ଭାରତୀୟ ଶୁଟର ନୂଆ



ରେକର୍ଡ ସ୍ଥାପନ କରିଛନ୍ତି । ବନ୍ଧୁକଚାଳନାର ଟ୍ରାପ୍ ମିକ୍ସଡ୍ ଟିମ୍ ଇଭେଣ୍ଟରେ ନୀରୁ ଧଣ୍ଡା ଏବଂ କ୍ୟାନନ୍ ଚେନାଇଙ୍କ ଯୋଡ଼ି ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ଭାରତୀୟ ଯୋଡ଼ି ଫାଇନାଲ୍‌ରେ ୩୪ ସ୍କୋର କରି କତାରର (୩୨ ପଏଣ୍ଟ) ଯୋଡ଼ିକୁ ପଛରେ ପକାଇ ଏହି ସଫଳତା ପାଇଛନ୍ତି । ଏହାସହ ସେମାନେ ପୁରୁଣା ଏସିଆନ ରେକର୍ଡ (୩୦ ପଏଣ୍ଟ) କୁ ଭାଙ୍ଗି ଏକ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି । ନୀରୁ ଧଣ୍ଡା ପୂର୍ବରୁ ବ୍ୟକ୍ତିଗତ ଟ୍ରାପ୍ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିବାରୁ, ଚଳିତ ଗେମ୍ସରେ ଏହା ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ । ବୁଧବାର ଭାରତ ପାଇଁ ସବୁଠାରୁ ଆକର୍ଷଣୀୟ କାହାଣୀ ଥିଲା ଷ୍ଟାର ଆର୍ଚ୍ଚର ଚିକିଥା ତନିପାର୍ଥୀଙ୍କ ସଫଳତା । ସେ ଗୋଟିଏ ଦିନରେ ଦୁଇ ଦୁଇଟି ସ୍ୱର୍ଣ୍ଣ ପଦକ ଜିତି ରେକର୍ଡ କରିଛନ୍ତି । ପ୍ରଥମେ ସେ ଜ୍ୟୋତି ସୁରେଖା ବେନ୍ନମ ଏବଂ ପ୍ରିଥିକା ପ୍ରଦୀପଙ୍କ ସହ ମିଶି ମହିଳା କମ୍ପାଉଣ୍ଡ ଟିମ୍ ଇଭେଣ୍ଟରେ ଚୀନ୍‌କୁ ୨୩୮-୨୩୪ରେ ପରାସ୍ତ କରି ସ୍ୱର୍ଣ୍ଣ ଜିତିଥିଲେ । ଭାରତର ଏହି ସ୍କୋର ୨୦୧୪ ଇଞ୍ଚିଓନ୍ ଏସିଆନ ଗେମ୍ସରେ ଦକ୍ଷିଣ କୋରିଆର ରେକର୍ଡ ସହ ସମକକ୍ଷ ହୋଇଛି । ଏହା ପରେ ସେ ଅଧିକ ବିଶ୍ରାମ ନପାଇ ସାହିଲ ଯାଦବଙ୍କ ସହ ମିକ୍ସଡ୍ ଟିମ୍ ଫାଇନାଲ୍‌ରେ ପଡ଼ିଆକୁ ଓହ୍ଲାଇଥିଲେ । ଦକ୍ଷିଣ କୋରିଆ ବିପକ୍ଷ ଏହି ରୋମାଞ୍ଚକର ମ୍ୟାଚ୍‌ଟି ଶେଷରେ ଶୁଟ୍-ଅଫ୍ ପର୍ଯ୍ୟନ୍ତ ଟାଣି ହୋଇଯାଇଥିଲା, ଯେଉଁଠି ଭାରତୀୟ ଯୋଡ଼ି ନିଜର ଚମତ୍କାର ପ୍ରଦର୍ଶନ ଜାରି ରଖି ବିଜୟ ହାସଲ କରିଥିଲେ ।

# ଭାରତର ଦମ୍‌ଦାର ବିଜୟ

## ଶୁଭମନ ଗିଲଙ୍କ ୨୨୩, ରୋହିତ ଶର୍ମାଙ୍କ ୧୦୧ ରନ୍ ; ଚେଜରେ ରେକର୍ଡ଼ କଲା ଭାରତ




ଗୁଆହାଟୀ ,୩୦/୯ : ଶୁଭମନ ଗିଲଙ୍କ ଦ୍ୱିଶତକ ଏବଂ ରୋହିତ ଶର୍ମାଙ୍କ ଶତକ ଯୋଗୁଁ ଗୌହାଟିରେ ଖେଳାଯାଇଥିବା ଦ୍ୱିତୀୟ ଦିନିକିଆରେ ଭାରତ ୮ ୱିକେଟରେ ବିଜୟୀ ହୋଇଛି । ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ୍ ୫୦ଓଭରରେ ୪୦୫/୭ ରନ୍ କରିଥିଲା । ଟାର୍ଗେଟକୁ ପିଛା କରି ଟିମ୍ ଇଣ୍ଡିଆ ମାତ୍ର ୪୩.୩ ଓଭରରେ ୪୦୬ ରନ୍ ସଂଗ୍ରହ କରି ବିଜୟୀ ହୋଇଛି । ଏହା ଏହି ଫର୍ମାଟରେ ଭାରତର ସବୁଠାରୁ ବଡ଼ ଚେଜ୍ ଥିଲା । ଏହା କେବଳ ଦ୍ୱିତୀୟ ଥର ଯେ ଦିନିକିଆ କ୍ରିକେଟ୍ ଇତିହାସରେ ୪୦୦ରନରୁ ଅଧିକ ରନର ଟାର୍ଗେଟକୁ ପିଛା କରାଯାଇଛି । ଏହା ପୂର୍ବରୁ ୨୦୦୬ରେ ଦକ୍ଷିଣ ଆଫ୍ରିକା ଏକ ଦିନିକିଆରେ ୪୩୮ରନ୍ ପିଛା କରି ବିଜୟୀ ହୋଇଥିଲା । ଚେଜରେ ଭାରତ ଲାଗି ଶୁଭମନ ଗିଲ ସବୁଠାରୁ ବଡ଼ ପାଳି ଖେଳି ୧୩୩ବଲରେ ୨୬ଚୌକା ଏବଂ ୮ ଛକା ସହାୟତାରେ ଅପରାଜିତ ୨୨୩ ରନ୍ କରିଥିଲେ । ଗିଲ୍ ଦିନିକିଆ କ୍ରିକେଟ୍ ଇତିହାସରେ ଦ୍ରୁତତମ ଦ୍ୱିଶତକ ହାସଲକାରୀ ବ୍ୟାଟର ହୋଇଛନ୍ତି । ତାଙ୍କ ସହ ଓପନିଂ ପାଇଁ ଆସିଥିବା ରୋହିତ ଶର୍ମା ୭୫ବଲରେ ୧୦ ଚୌକା ଏବଂ ୬ ଛକା ମାରି ୧୦୧ ରନ୍ କରିଥିଲେ । ଉଭୟେ ପ୍ରଥମ ୱିକେଟ୍ ପାଇଁ ୨୫୫ରନର ଭାଗୀଦାରୀ କରିଥିଲେ (୧୫୮ ବଲ୍) । ଏହି ଭାଗୀଦାରୀ ଫଳରେ ପ୍ରାୟ ମ୍ୟାଚ୍ ଭାରତ ଖାତାକୁ ଆସିଯାଇଥିଲା ।

**AFFIDAVIT**

By virtue of an affidavit sworn before The Notary Public , Champua, affidavit no.3774 dtd.30.09.2026, I Md Nayeem S/o-Late Md Nasmuddin , At-Ali Nagar, Champua , Po/Ps-Champua, Dist-Keonjhar, Odisha-758041, do hereby declare that I have changed my name from Mahammad Naim (Old Name ) to Md Nayeem (New Name ).Henceforth, I shall be known as Md Nayeem for all purposes.

**Sd/- Md Nayeem.**

# ନାଲକୋ ପକ୍ଷରୁ ୨୪ତମ ନଗର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ



ଭୁବନେଶ୍ୱର, ୩୦/୯(ନିପ୍ର): ଭୁବନେଶ୍ୱର ସ୍ଥିତ 'ଟାଉନ୍ ଅଫିସିଆଲ୍ ଲାଙ୍ଗୁଏଜ୍ ଇମ୍ପ୍ଲିମେଣ୍ଟେସନ୍ କମିଟି' (ଟୋଲିକ - ଉପକ୍ରମ)ର ୨୪ତମ ଷାଣ୍ମାସିକ ବୈଠକ ଆଜି ନାଲକୋ ଏଲ୍ ଆଣ୍ଡ ଡି ସେଣ୍ଟର ଅଫ୍ ଏକ୍ସସେଲେନ୍ସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ନାଲକୋ ସିଏମଡି ତଥା ଟୋଲିକ - ଉପକ୍ରମର ଅଧ୍ୟକ୍ଷ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ନାଲକୋର ନିର୍ଦ୍ଦେଶକ (ମାନବ ସମ୍ବଳ) ତଥା ଟୋଲିକର ଉପାଧ୍ୟକ୍ଷ ଡକ୍ଟର ତାପସ କୁମାର ପଟ୍ଟନାୟକ ଏବଂ ନାଲକୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ ଅତିଥି ଭାବେ ଯୋଗ ଦେଇଥିଲେ । ଉପସ୍ଥିତ ସଦସ୍ୟମାନଙ୍କୁ ସମ୍ବୋଧିତ କରି ଶ୍ରୀ ସିଂହ କହିଥିଲେ ଯେ, ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନସ୍ଥ 'ରାଜଭାଷା ବିଭାଗ' ଦ୍ୱାରା ହିନ୍ଦୀ ଦିବସ-୨୦୨୬ ଅବସରରେ ଆୟୋଜିତ ଷଷ୍ଠ ସର୍ବଭାରତୀୟ ରାଜଭାଷା ସମ୍ମିଳନୀରେ ଭୁବନେଶ୍ୱର ଟୋଲିକକୁ 'ଉତ୍କୃଷ୍ଟ' ବର୍ଗରେ ସ୍ୱୀକୃତି ପ୍ରଦାନ କରାଯାଇଛି । ଏଥି ନିମନ୍ତେ ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଦୈନନ୍ଦିନ କାର୍ଯ୍ୟରେ ହିନ୍ଦୀର ସର୍ବାଧିକ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ ।

# ଆଜି ଭାରତ-ପାକିସ୍ତାନ ହକି ସେମିଫାଇନାଲ୍



ନୂଆଦିଲ୍ଲୀ, ୩୦/୯: ଚଳିତ ଏସୀୟ କ୍ରୀଡ଼ାର ଗୁରୁବାର ପୁରୁଷ ହକି ସେମିଫାଇନାଲ୍‌ରେ ଦୁଇ ଚିରପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ମୁହାଁମୁହିଁ ହେବେ । ଗତ ସଂସ୍କରଣ ବିଜେତା ଭାରତ ଚଳିତ ପ୍ରତିଯୋଗିତାରେ ପୁଲ୍-ଏ'ର ୫ଟି ଯାକ ମ୍ୟାଚ୍ ଜିତି ଅପରାଜିତ ରହିଛି । ଇଣ୍ଡୋନେସିଆକୁ ୧୩-୧ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ୪ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୧୬-୧, ଦକ୍ଷିଣ କୋରିଆକୁ ୮-୨, ଜାପାନକୁ ୨-୦ ଓ ବାଂଲାଦେଶକୁ ୧୦-୦ରେ ହରାଇ ପୁଲ୍‌ର ଶୀର୍ଷ ଦଳ ଭାବେ ସେମିଫାଇନାଲ୍‌ରେ ପହଞ୍ଚିଛି ।

## ଦୀର୍ଘ ୬ ବର୍ଷ ପରେ ଖୋଲିଲା ଶ୍ରୀଗୁଣ୍ଡିଚା ମନ୍ଦିର

ପୁରୀ,୩୦।୯(ନିପ୍ର):ଦୀର୍ଘ ୬ ବର୍ଷ ପରେ ଭକ୍ତଙ୍କ ପାଇଁ ବୁଧବାର ଖୋଲିଛି ଶ୍ରୀଗୁଣ୍ଡିଚା ମନ୍ଦିର । କୋଭିଡ ମହାମାରୀ ପାଇଁ ୨୦୨୦ ମାର୍ଚ୍ଚରୁ ବନ୍ଦ ରହିଥିଲା ଏହି ମନ୍ଦିର । ପରବର୍ତ୍ତୀ ସମୟରେ ମନ୍ଦିରର ମରାମତି ପାଇଁ ବନ୍ଦ ରହିଥିଲା । ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ ଶୁଳ୍କ ୧୦ ଟଙ୍କା । ୮୦ ବର୍ଷରୁ ଅଧିକ ବରିଷ୍ଠ ନାଗରିକ, ଛୋଟ ଶିଶୁ, ଦିବ୍ୟାଙ୍ଗମାନଙ୍କ ପାଇଁ ପ୍ରବେଶ ଶୁଳ୍କ ଲାଗିବ ନାହିଁ । ଖୋଲିବା ଦିନ ଠାରୁ ତିନି ଦିନ ମାଗଣାରେ ଭକ୍ତ ମାନଙ୍କୁ ପ୍ରବେଶ ଅନୁମତି ଦିଆଯିବ । ଜୋତା, ମୋବାଇଲ ରଖିବା ପାଇଁ ସମ୍ପୂର୍ଣ୍ଣ ନିଃଶୁଳ୍କ ଜୋତା, ମୋବାଇଲ ଷ୍ଟାଣ୍ଡ ବ୍ୟବସ୍ଥା କରିଛି ଶ୍ରୀମନ୍ଦିର ପ୍ରଶାସନ ।

## ଓଡ଼ିଶା ବନ୍ଦ ଆଂଶିକ ସଫଳ

ଭୁବନେଶ୍ୱର, ୩୦/୯(ନିପ୍ର): ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆଜି ନବ ନିର୍ମାଣ ଛାତ୍ର କୃଷକ ସଂଘ ପକ୍ଷରୁ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦିଆଯାଇଥିଲା । ସକାଳୁ ସଂଘର କର୍ମକର୍ତ୍ତାମାନେ ବରମୁଣ୍ଡା ବସଷ୍ଟାଣ୍ଡ ସାମ୍ନାରେ ଟାୟାର ଜାଳି ରାସ୍ତାରୋକ କରିବା ସହ ଫୁଟ ଓଭର ବ୍ରିଜ ନିକଟରେ ଜାତୀୟ ରାଜପଥ ଅବରୋଧ କରିଥିଲେ । ଏହାଫଳରେ କିଛି ସମୟ ପାଇଁ ଟ୍ରାଫିକ ଜାମ୍ ହୋଇ ଆମ୍ବୁଲାନ୍ସ ଓ ପରୀକ୍ଷାର୍ଥୀମାନେ ଫସି ରହିଥିଲେ । ପରେ ମାଷ୍ଟରକ୍ୟାଣ୍ଟିନଠାରେ ବିକ୍ଷୋଭ ପ୍ରଦର୍ଶନ ବେଳେ କମିଶନରେଟ ପୋଲିସ୍ ସଂଘର ସଭାପତି ଏମଡି ଅନ୍ୱର୍ ଅଲି ଓ ତାଙ୍କ ସମର୍ଥକଙ୍କୁ ଗିରଫ କରିଥିଲା । ସଂଘର ମୁଖିଆ ଅକ୍ଷୟ କୁମାରଙ୍କ କହିବା ଅନୁଯାୟୀ, ଏହି ବନ୍ଦକୁ କଂଗ୍ରେସ ଓ ବାମପନ୍ଥୀ ଦଳଗୁଡ଼ିକ ନୈତିକ ସମର୍ଥନ ଜଣାଇଥିଲେ ।

## ୧୫ରେ ଛାତ୍ର ସଂସଦ ନିର୍ବାଚନ !

ଭୁବନେଶ୍ୱର,୩୦।୯: ଏଥର କ୍ୟାମ୍ପସରେ ଛାତ୍ର ସଂସଦ ନିର୍ବାଚନ ହୋଇପାରେ । ଯଦି ସ୍ଥିତି ସକାରାତ୍ମକ ରହେ ତେବେ ଅକ୍ଟୋବର ୧୪ କିମ୍ବା ୧୫ରେ ସାରା ରାଜ୍ୟରେ ଗୋଟିଏ ଦିନରେ ନିର୍ବାଚନ କରିବାକୁ ରାଜ୍ୟ ସରକାର ସବୁଜ ସଙ୍କେତ ଦେଇଛନ୍ତି । ଏହାର ଠିକ୍ ୧୦ ଦିନ ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୫ରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରସ୍ତୁତି ଚାଲିଛି । ତେବେ କେଉଁ ପଦ୍ଧତିରେ ନିର୍ବାଚନ ହେବ ତାହାକୁ ନେଇ ଉଚ୍ଚଶିକ୍ଷା ବିଭାଗରେ ମାନସ ମନ୍ଥନ ଜାରି ରହିଛି । ନିର୍ବାଚନ କେବଳ ସରକାରୀ କଲେଜଗୁଡ଼ିକରେ ହେବ କି ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ମଧ୍ୟ ପୂର୍ବ ପରି କରାଯିବ, ତାହା ଚୂଡ଼ାନ୍ତ ହୋଇପାରି ନାହିଁ । ୮ ବର୍ଷ ପରେ କ୍ୟାମ୍ପସ୍‌ରେ ନିର୍ବାଚନ ହେବା ନେଇ ଆଶା ଉଜ୍ଜ୍ୱଳ ହୋଇଥିବା ଏକ ସୂତ୍ରରୁ ପ୍ରକାଶ ।

13001/2011/2627

**REQUEST FOR PROPOSAL (RPF)**

**RPF NO.10275/KGM Date-09.09.2026**

The Executive Officer, Keonjhargarh Municipality, Keonjhargarh, (Odisha) on behalf of Keonjhargarh Municipality invites Expression of Interest (EOI) for **"SELECTION OF AGENCY FOR S/R TO DD MEDICAL COLLEGE LECTURE THEATER MODIFICATION WORK IN Kendujhargada MUNICIPALITY "**

1.Intending bidders have to participate through "Off-Line" bidding only.
2.The bid documents will be available in the website-**www.kendujhar.odisha.gov.infrom** 21.10.2026 11.00 A.M of Dt. 01.10.2026 to 5.00 P.M of Dt. for offline bidding.
3. Bids received will be opened at 11.30 A.M onwards on Dt. 22.10.2026.
4.Further details are available in this RFP.

Executive Officer
OIPR-13001/13115/1/26-27/0015 Kendujhargada Municipality

KALINGA INSTITUTE OF INDUSTRIAL TECHNOLOGY
KIIT Deemed to be University
(Established U/S 3 of UGC Act 1956), Bhubaneswar, Odisha, India
Organisation in Special Consultative Status with the United Nations Economic & Social Council (UN-ECOSOC)
PURPOSE TO PEARL 1997 - 2027

THE World University Rankings 2027
4th Best
Among All Universities in India

1st in Eastern India
501+ Cohort Globally

Slow and Steady Wins the Race...



Every year, Times Higher Education (THE) publishes its World University Rankings. This year, THE has released the World University Rankings 2027. KIIT has emerged as one of the **best** and **most promising universities in India and across the globe.** KIIT ranks **4th** among both goverment and private universities in India and is placed in the **501–550 global cohort.** It has also maintained its **1st position in Eastern India** despite increased institutional participation worldwide.

- Best Campus — Outstanding infrastructure & world-class facilities
- Best Placement — Excellent Opportunities & Career Outcomes
- Best Environment & Ambience — Supportive learning environment with a vibrant campus atmosphere
- Student Friendly Campus — Student-centric approach with comprehensive support services
- Parent-Friendly Institution — Transparent communication & parent engagement
- Modern Student Library — 24×7 Study Space for Focused Learning

KIIT is an institute of 29 years (1997–2026) and a Deemed to be University of only 22 years (2004–2026)

KIIT-DU, Patia, Bhubaneswar, Odisha, India 751024 | kiit@kiit.ac.in | www.kiit.ac.in
KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ